

ଶିଶୁଟିର ଭବିଷ୍ୟତକୁ ସବୁବେଳେ ମାଆ ହିଁ ରୂପ ଦେଇଥାଏ।
- ନେପୋଲିୟନ୍



# ଶ୍ରୀ ଜୟଦେବ କଲେଜ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

ବାଲିଅନ୍ତା,୨୦।୧(ଡି.ଏନ.ଏ.)

## +୨ ପ୍ରଥମ ବର୍ଷ ପରୀକ୍ଷାକୁ ବିରୋଧ

ଗଣଶିକ୍ଷା ବିଭାଗ ଶିକ୍ଷାକ୍ଷେତ୍ରରେ ସଂସ୍କାର ପାଇଁ ଯୁକ୍ତ୨ ପ୍ରଥମବର୍ଷ ପରୀକ୍ଷାକୁ ଏକାସଙ୍ଗେ କରିବା ସହ ପାସ ଫେଲର ବ୍ୟବସ୍ଥା କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଏହି ନୂତନ ପ୍ରସ୍ତାବ ଲାଗୁ ହୋଇ ନ ଥିଲେ ମଧ୍ୟ ରାଜଧାନୀର କେତେକ କଲେଜ ସମେତ ଉପକଣ୍ଠ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜରେ ଛାତ୍ର ଅଶାନ୍ତି ଦେଖାଦେଇଛି। ଏହି କଲେଜରେ ଯୁକ୍ତ୨ ପ୍ରଥମ ବର୍ଷର ପାଠ ପଢୁଥିବା ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ନୂତନ ବ୍ୟବସ୍ଥାକୁ ବିରୋଧ କରି ସୋମବାର କଲେଜ ଫାଟକ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଏହାସହ ଟାୟାର ଜାଳି ଏହି ନୂତନ ବ୍ୟବସ୍ଥାକୁ କଲେଜରେ ଲାଗୁ ନ କରିବା ପାଇଁ ଦାବି କରିଥିଲେ। ଦୀର୍ଘ ଏକ ଘଣ୍ଟା ଧରି ଛାତ୍ରୀଛାତ୍ରମାନେ ଫାଟକ ସମ୍ମୁଖରେ ହୋହଲ୍ଲା କରିଥିଲେ। ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ଅଭିଯୋଗ ଯେ, ଏହି ବ୍ୟବସ୍ଥା ବର୍ଷର ଆରମ୍ଭରେ ଲାଗୁ କରିଥିଲେ ଭଲ ହୋଇଥାନ୍ତା। କିନ୍ତୁ ହଠାତ୍ ପରୀକ୍ଷାର କିଛିଦିନ ପୂର୍ବରୁ ଲାଗୁ କଲେ ବିନା ପ୍ରସ୍ତୁତିରେ କିଭଳି ପରୀକ୍ଷା ଦେବୁ, ଏଯାବତ କଲେଜରେ କୋର୍ସ ସରି ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ଦାସ କୁହନ୍ତି, ଆମ କଲେଜରେ ରେଗୁଲାର କ୍ଲାସ ହେଉଛି। ସମସ୍ତ କୋର୍ସ ସରିଗଲାଣି। ଏହି ନୂଆ ବ୍ୟବସ୍ଥାକୁ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କିଛି ସୂଚନା କିମ୍ବା ଚିଠା ମିଳି ନାହିଁ। ସୂଚନା ମିଳିଲେ ଆମେ ଛାତ୍ରୀଛାତ୍ରଙ୍କ ଅବଗତ ପାଇଁ ନୋଟିସ ମାରିବୁ।



କଲେଜ ସମ୍ମୁଖରେ ଛାତ୍ରମାନଙ୍କ ବିକ୍ଷୋଭ ପ୍ରଦର୍ଶନ।

# ଶ୍ରୀଲିଙ୍ଗରାଜ କ୍ଷେତ୍ରରେ ନିର୍ମାଣ, ଖନନ ବାଧାପ୍ରାପ୍ତ

## ଆମସାର ଆକ୍ଟ ଲାଗୁ ନେଇ ଏଏସ୍ଆଇ ଅଧିକାରୀଙ୍କ ଚେତାବନୀ

ପୁରୁଣା ଭୁବନେଶ୍ୱର, ୨୦।୧ (ଡି.ଏନ.ଏ.)



ଏକାମ୍ର ଶ୍ରୀଲିଙ୍ଗରାଜ କ୍ଷେତ୍ରରେ ପୁରୀ ଭଳି ବିକାଶ କରିବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପରେ ସଚିବ ସ୍ତରୀୟ ଅଫିସର ଉଦ୍ୟମ କରିଥିଲେ। ବିକାଶ ଲାଗି ବିଏମ୍ସି, ପୂର୍ତ୍ତ ବିଭାଗ ଓ ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକଶନ ଲିମିଟେଡ ପରି ସଂସ୍ଥାର ଅନଭିଜ୍ଞ ଠିକାଦାର ଓ ଅଫିସରଙ୍କ ଜରିଆରେ ନିର୍ମାଣ ଉଚ୍ଛେଦ ଏବଂ ଖନନ କାର୍ଯ୍ୟ ଚାଲିଛି। ଫଳରେ ଶ୍ରୀଲିଙ୍ଗରାଜ କ୍ଷେତ୍ରର କୀର୍ତ୍ତିରାଜି ପ୍ରତି ବିପଦ ସୃଷ୍ଟି ସହ ଐତିହ୍ୟର ସୌନ୍ଦର୍ଯ୍ୟହାନି ହେଉଛି। ଐତିହ୍ୟ ଓ କୀର୍ତ୍ତିରାଜି ସ୍ଥଳରେ ଓଡ଼ିଶା ଆନସିଆଣ୍ଟ ମନୁମେଣ୍ଟସ୍ ପ୍ରିଜରଭେଶନ୍ (ଆମସାର) ଆକ୍ଟ ରାଜ୍ୟ ସରକାର ଲାଗୁ ନ କରିବାରୁ ଏଏସ୍ଆଇ ଏଡିଜି ରାକେଶ ଲାଲ୍ ସିଂ ସମାଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ପଦକ୍ଷେପକୁ ନିନ୍ଦା କରିବା ସହ ନିକଟରେ ଭୁବନେଶ୍ୱର ଆସି ଏକାମ୍ର କ୍ଷେତ୍ରର କାର୍ଯ୍ୟ ତଦାରଖ କରିଥିଲେ ବୋଲି ସେ ଧରିତ୍ରୀକୁ କହିଛନ୍ତି। ଐତିହ୍ୟସ୍ଥଳର କାରୁକାର୍ଯ୍ୟ ପ୍ରତି ଦୃଷ୍ଟି ନ ଦେଇ ତରବରିଆ ଭାବେ ବଡ଼ ବଡ଼ ମେଶିନ ସାହାଯ୍ୟରେ ଖନନ ଓ ନିର୍ମାଣ କାର୍ଯ୍ୟ କରାଯାଉଛି, ଯାହାକି ଆମସାର ଆକ୍ଟ ବିରୁଦ୍ଧାଚରଣ କରୁଛି। ତେଣୁ ତୁରନ୍ତ ଖନନ କାର୍ଯ୍ୟ ବନ୍ଦ ରଖିବାକୁ ସେ ଚରମବାଣୀ ଶୁଣାଇଥିଲେ। ଏଏସ୍ଆଇ କର୍ତ୍ତୃପକ୍ଷଙ୍କୁ ବିଶ୍ୱାସକୁ ନେଇ ପରାମର୍ଶ ଅନୁସାରେ କାର୍ଯ୍ୟ କରିବାକୁ ସେ କହିଥିଲେ। ଏଡିଜି ସିଂଙ୍କ ମତରେ କେବଳ କେନ୍ଦ୍ର ସରକାରଙ୍କ ନୁହେଁ, ରାଜ୍ୟର ମଧ୍ୟ ଅନୁରୂପ ଭାବେ ଐତିହ୍ୟସ୍ଥଳ ଖନନ ଓ ନିର୍ମାଣ ନେଇ କଡ଼ା ନିୟମ ରହିଛି। ମାତ୍ର ଅଧିକାରୀ ଏସବୁକୁ ନ ମାନିବାରୁ ଏପରି ସମସ୍ୟା ଦେଖାଦେଉଛି।

### ରାଜ୍ୟ ସରକାରଙ୍କ ନିୟମ ଅଧିକାରୀ ଜାଣିନାହାନ୍ତି

ଏଏସ୍ଆଇ ଅତିରିକ୍ତ ମହାନିର୍ଦ୍ଦେଶକ ରାକେଶ ଲାଲ ସିଂଙ୍କ ଶ୍ରୀଲିଙ୍ଗରାଜ କ୍ଷେତ୍ରରେ ଆମସାର ଆକ୍ଟ ଲାଗୁ ନେଇ ରାଜ୍ୟ ସରକାରଙ୍କୁ ଚେତାବନୀ ପରେ ଖନନ କାର୍ଯ୍ୟ ବନ୍ଦ ରହିଛି। ଏଥିଯୋଗୁ ଏକାମ୍ର ବିକାଶ ବାଧାପ୍ରାପ୍ତ ହୋଇଛି। ଏ ସମ୍ପର୍କରେ ଏଏସ୍ଆଇର ଅଧୀକ୍ଷଣ ପୁରାତତ୍ତ୍ୱବିତ୍ ଅଧିକାରୀ ଅରୁଣ ମଲ୍ଲିକ କୁହନ୍ତି, ୧୯୦୪ରୁ ସଂରକ୍ଷିତ କରାଯାଇଥିବା ଐତିହ୍ୟସ୍ଥଳଗୁଡ଼ିକର ସୁରକ୍ଷା ଏଏସଆଇ ଦାୟିତ୍ୱରେ ଥିଲେ ହେଁ ଅଧିକାଂଶ କୀର୍ତ୍ତିରାଜି ରାଜ୍ୟ ସରକାରଙ୍କ ଅଧୀନରେ ରହିଛି। ଏସବୁର ସୁରକ୍ଷା ନେଇ ୧୯୫୬ରେ ଓଡ଼ିଶା ଆନସିଆଣ୍ଟ ମନୁମେଣ୍ଟସ୍ ପ୍ରିଜରଭେଶନ୍ ଆକ୍ଟ (ଆମସାର) ପ୍ରଣୟନ କରାଯାଇଥିଲା। ଏଥିରେ ଐତିହ୍ୟସ୍ଥଳର ସୁରକ୍ଷା ନେଇ କେନ୍ଦ୍ର ସରକାରଙ୍କ ନିୟମଠାରୁ ଅଧିକ କଠୋର ନିୟମ ରହିଛି। ଏଥିରେ ଧାରା ୨୦ରେ ଖନନ ପୂର୍ବରୁ ପ୍ରତ୍ନତାତ୍ତ୍ୱିକ ଅଧିକାରୀ ନିଯୁକ୍ତ କରିବା ଦରକାର। ସ୍ୱୀକୃତ ପ୍ରାପ୍ତ ସଂସ୍ଥା କିମ୍ବା ଠିକାଦାରଙ୍କ ଅଭିଜ୍ଞତା ଅନୁଯାୟୀ, ଜିଲାପାଳଙ୍କ ଅନୁମତି ପରେ ଧାରା ୨୧ ଅନୁଯାୟୀ ଖନନ କାର୍ଯ୍ୟ ଆରମ୍ଭ କରିବାର ବ୍ୟବସ୍ଥା ରହିଛି। ଏଥିରେ ଧାରା ୧୦ ଅନୁଯାୟୀ ଐତିହ୍ୟ ସ୍ଥଳଗୁଡ଼ିକର ସୁରକ୍ଷା ନେଇ ରାଜ୍ୟ ସରକାର ଆବଶ୍ୟକସ୍ଥଳେ ବାଧ୍ୟତାମୂଳକ ଭୂମି ଅଧିଗ୍ରହଣ କରିପାରିବେ। ସେହିଭଳି ଧାରା ୧୬ରେ ଐତିହ୍ୟସ୍ଥଳଗୁଡ଼ିକ ପ୍ରତି ହାନି ପହଞ୍ଚାଉଥିବା କିମ୍ବା ବିପଦ ସୃଷ୍ଟି କରୁଥିବା ଦୋଷୀଙ୍କ କ୍ଷେତ୍ରରେ ୭ ବର୍ଷ ଜେଲଦଣ୍ଡ ସହ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ମାତ୍ର ବିଡ଼ମ୍ବନାର ବିଷୟ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକାରୀ ଐତିହ୍ୟସ୍ଥଳଗୁଡ଼ିକରେ ଖନନ କିମ୍ବା ନିର୍ମାଣ ସମୟରେ ଓ ଅବୈଧ ଘରୋଇ ନିର୍ମାଣ ଉପରେ ଅଙ୍କୁଶ ଲଗାଇବାକୁ ଆମସାର ଆକ୍ଟକୁ ରାଜ୍ୟ ସରକାର ପାଳନ କରୁନାହାନ୍ତି।

### ପର୍ଯ୍ୟଟନ ବିକାଶ ବାଧାପ୍ରାପ୍ତ

ଅଧିକାରୀଙ୍କ ଖାମଖିଆଲ ମନୋଭାବ ହେଉ ଅବା ଠିକାଦାର ପ୍ରୀତିରେ ନିର୍ମାଣ କରାଉଥାନ୍ତୁ। ଏଥିରେ ପର୍ଯ୍ୟଟକ ହନ୍ତସନ୍ତ ହେବା ସହ ଶ୍ରୀଲିଙ୍ଗରାଜ କ୍ଷେତ୍ରରେ ପର୍ଯ୍ୟଟନର ବିକାଶ ବାଧାପ୍ରାପ୍ତ ହେଉଛି। କିଛିଟା ସୌନ୍ଦର୍ଯ୍ୟକରଣ ଆରମ୍ଭ ହୋଇଥିବା ଯୋଗୁ ନୂତନବର୍ଷ ଆଗମନରେ ବୃଦ୍ଧି ପାଇଥିଲା। ଏଠାରେ ଦୁଇଗୋଟି ଶୌଚାଳୟ ଭଙ୍ଗାଯିବା କାରଣରୁ ଯାତ୍ରୀ ଏଣେତେଣେ ଶୌଚ କାର୍ଯ୍ୟ ତୁଲାଉଛନ୍ତି। ଖନନ କାରଣରୁ ଏକ ଅସୁନ୍ଦର ପରିବେଶ ସୃଷ୍ଟି ହୋଇଛି।

## କଳ୍ପନାର ଡେଣା

ଭୁବନେଶ୍ୱର,୨୦।୧(ବ୍ୟୁରୋ): ନାଟ୍ୟକାର ଅଧ୍ୟାପକ ମାନସ ମିଶ୍ର ରାତି ଅଧରେ ଏକ ନୂଆ ନାଟକ ଦେଖିବାକୁ ବସନ୍ତି। ଭାବନା ଭିତରେ ନିଜ ପରିବାରର ସମସ୍ତ ଚରିତ୍ର। ଅନେକ ଚାରିତ୍ରିକ ଦୋଷ ତ୍ରୁଟିଥିବା ବାପା ଓ ଭାଇର ଚରିତ୍ର, ପରିବାରର ପଞ୍ଜୁରି ଭିତରୁ ଉଡ଼ିଯିବାକୁ ଚାହୁଁଥିବା ତାଙ୍କ ପତ୍ନୀ କଳ୍ପନାର ଚରିତ୍ର। କିନ୍ତୁ ନାଟ୍ୟକାରଙ୍କ ସାହସ ନାହିଁ ସେମାନଙ୍କୁ ଚରିତ୍ର କରି ନାଟକ ଲେଖିବାକୁ। ତାଙ୍କ ଭାବନାର କେନ୍ଦ୍ରବିନ୍ଦୁ ସାଜିଛି ତାଙ୍କ ପତ୍ନୀର ମନରେ କଅଁଳୁଥିବା ଡେଣା। ସେ ଡେଣା ଏକ ସ୍ୱାଧୀନତାର ପ୍ରତୀକ। କିନ୍ତୁ ଯେତେବେଳେ ସେ ଡେଣା କଅଁଳି ଯାଇଛି, ନାଟ୍ୟକାରଙ୍କ ପତ୍ନୀ କଳ୍ପନା ଘରଛାଡ଼ି ଆକାଶକୁ ଉଡ଼ିଯିବାକୁ ଚାହୁଁଛି। ଏ ସମାଜ ପାଇଁ କିଛି କରିବାକୁ ଚାହୁଛି। ସେ ଡେଣାକୁ ନେଇ ଅନେକ ପ୍ରଶ୍ନ ଉଠିଛି। କଳ୍ପନାର ଚରିତ୍ର କାଠଗଡ଼ା ଭିତରେ ଛିଡ଼ା ହୋଇଛି। ତେବେ କଳ୍ପନା କ'ଣ ଡେଣା ମେଲାଇ ଉଡ଼ିପାରିଛି। ଏଭଳି ଏକ କାହାଣୀକୁ ନେଇ ଭବାନୀପାଟଣାର ସ୍ମାରକୀ ନାଟ୍ୟ ସଂସଦ ପକ୍ଷରୁ ନାଟକ 'ଡେଣା' ସୋମବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ମନନ ନାଟ୍ୟସଂସ୍ଥା ପକ୍ଷରୁ ଚାଲିଥିବା ଏହାର ୪୧ତମ ବାର୍ଷିକ ନାଟକ ମହୋତ୍ସବର ଉଦ୍ଯାପନୀ ସମାରୋହରେ ନାଟକଟି ମଞ୍ଚସ୍ଥ ହୋଇଥିଲା। ନାଟକର ରଚନା ମନୋଜ ରଥ କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ପ୍ରମୋଦ ଓ ମନୋଜ। ବିଭିନ୍ନ ଭୂମିକାରେ ସୁଧୀର, ଶୁଭେନ୍ଦୁ, ସୌରଭ, ରାମେଶ୍ୱର, ଦେବୀପ୍ରସାଦ, ଭାନୁ ପ୍ରକାଶ ପ୍ରମୁଖ ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ଶଙ୍କର ପ୍ରସାଦ ତ୍ରିପାଠୀ, ଲାଲା ବିରେନ୍ ରାୟ, ମୁନ୍ନା ଖାଁ, ମନୋଜ ପଟ୍ଟନାୟକ ଓ ବଙ୍କିମ୍ ନାୟକ ଯୋଗ ଦେଇଥିଲେ।

## ୫୯ ଲକ୍ଷରେ ହେଲା ବର୍ଷିକର ପାର୍କିଂ ଟେଣ୍ଡର

ବାରଙ୍ଗ,୨୦।୧(ଡି.ଏନ.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପକ୍ଷରୁ ୨୦୧୯-୨୦ବର୍ଷ ପାଇଁ ଡକାଯାଇଥିବା ଏକବର୍ଷିଆ ପାର୍କିଂ ଟେଣ୍ଡରର ଫାଇନାନ୍ସିଆଲ ବିଟ୍ ସୋମବାର ଖୋଲାଯାଇଛି। ନନ୍ଦନକାନନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଏହି ବିଟ୍ ଖୋଲାଯାଇଥିଲା। ୨୦୧୯-୨୦ବର୍ଷ ପାଇଁ ଏହି ଟେଣ୍ଡର ୩୧ ଡିସେମ୍ବର ପକାଇବାର ଶେଷ ତାରିଖ ରହିଥିବାବେଳେ ଜାନୁୟାରୀ ୭ରେ ଏହାର ଟେକ୍ନିକାଲ ବିଟ ନନ୍ଦନକାନନରେ ଖୋଲାଯାଇଥିଲା। ଏଥିରେ ୫ଜଣ ଠିକାଦାର ଅଂଶଗ୍ରହଣ କରିଥିବାବେଳେ ସମସ୍ତ ଠିକାଦାରମାନଙ୍କର କାଗଜପତ୍ର ଠିକ ଥିବା ଯାଞ୍ଚବେଳେ ଜଣାପଡିଥିଲା। ସୋମବାର ଏହି ବର୍ଷିକିଆ ପାର୍କିଂ ଟେଣ୍ଡର ନିମନ୍ତେ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୫ଜଣ ଠିକାଦାରମାନଙ୍କ ଉପସ୍ଥିତିରେ ଫାଇନାନ୍ସିଆଲ ବିଟ୍ ଖୋଲାଯାଇଥିଲା। ସେଥିମଧ୍ୟରେ ସମସ୍ତଙ୍କଠାରୁ ଅଧିକ ତ୍ରିଲୋଚନ ରାଉତଙ୍କର ୫୯ଲକ୍ଷ ଟଙ୍କା ରହିଥିବାର ଜଣାପଡିଥିଲା। ତେବେ ନନ୍ଦନକାନନ ପକ୍ଷରୁ ପାର୍କିଂ, ସଫାରି, ବୋଟିଂ, ବେଟେରିଚାଳିତ ଅଟୋକୁ ଘରୋଇକରଣରେ ଦେବା ଫଳରେ ଏହା ରାଜସ୍ୱ ବୃଦ୍ଧିର ପ୍ରମୁଖ ମାଧ୍ୟମ ସାଜିଥିବାର ଜଣାପଡିଛି।





ଭୁବନେଶ୍ୱରସ୍ଥିତ ଦ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ସୋମବାର ଅକ୍ସଫାମ୍ ଇଣ୍ଡିଆର 'ଟାଇମ୍ ଟୁ କେୟାର' ଅଧ୍ୟୟନ ରିପୋର୍ଟକୁ (ବାମରୁ) ସଂସ୍ଥାର ରିଜିଓନାଲ ମ୍ୟାନେଜର ଅକ୍ଷୟ ବିଶ୍ୱାଳ, ପ୍ରଫେସର ମିତାଲୀ ଚିନାରା, ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ, ପୂର୍ବତନ ମୁଖ୍ୟ ଶାସନ ସଚିବ ଯୁଗଳ କିଶୋର ମହାପାତ୍ର ଓ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଉନ୍ମୋଚନ କରୁଛନ୍ତି।

## ମେଡିସିନ୍ ଦୋକାନ କାଚ ଭାଙ୍ଗି ଆକ୍ରମଣ, ୨ ଆହତ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

### ବିଳମ୍ବିତ ରାତିରେ ଦୁର୍ବୃତ୍ତଙ୍କ ଆତଙ୍କ

ଖଣ୍ଡଗିରି ଥାନା ଅଧୀନ ଏମ୍ସ ରୋଡ଼ରେ ଥିବା ଏକ ମେଡ଼ିସିନ ଦୋକାନରେ ରବିବାର ବିଳମ୍ବିତ ରାତିରେ ଦୁଇଜଣ ଦୁର୍ବୃତ୍ତ ଆତଙ୍କ ରଚାଇଛନ୍ତି। ସେମାନେ ଦୋକାନ ଆଗରେ ଲାଗିଥିବା କାଚକୁ ଭାଙ୍ଗି ଦେଇଛନ୍ତି। ଦୋକାନୀ କାଚ ନ ଖୋଲିବାରୁ ଦୁର୍ବୃତ୍ତମାନେ ଉତ୍ୟକ୍ତ ହୋଇ ଏହି କାଣ୍ଡ ଭିଆଇଥିବାବେଳେ ଏଥିରେ ୨ଜଣ ସେଲ୍ସମ୍ୟାନ ଗୁରୁତର ଆହତ ହୋଇଛନ୍ତି। ଆହତ ଦୁଇ ସେଲ୍ସମ୍ୟାନ ହେଲେ ନୟାଗଡର ରାଜକିଶୋର ଗୁମନ ସିଂ ଓ ପିଙ୍କୁ ସାହୁ। ତାଙ୍କୁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟରେ ଆକ୍ରମଣକାରୀ ଯୁବକ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଥାନାରେ ଅଭିଯୋଗ ନ କରିବା ପାଇଁ ଦୋକାନ ମାଲିକ ଦୀପକ ରାଉତରାୟଙ୍କୁ ଧମକ ମିଳିଛି।

ସୂଚନା ଅନୁଯାୟୀ, ଏମ୍ସ ହସ୍ପିଟାଲ ସମ୍ମୁଖରେ ବଡ଼ମ୍ବା ଅଞ୍ଚଳର ଦୀପକ ରାଉତରାୟ ଦୀପକ ମେଡିକେୟାର ନାମକ ଔଷଧ ଦୋକାନ କରିଛନ୍ତି। ରବିବାର ରାତି ପ୍ରାୟ ୨ଟାରେ ଦୋକାନ ଖୋଲା ଥିଲା। କୌଣସି କାମରେ ଦୀପକ ଏମ୍ସ ହସ୍ପିଟାଲକୁ ଯାଇଥିବା ବେଳେ ଦୋକାନରେ ସେଲ୍ସମ୍ୟାନ ରାଜକିଶୋର ଏବଂ ପିଙ୍କୁ ଥିଲେ। ଏହି ସମୟରେ ଦୁଇଜଣ ଯୁବକ ମେଡିସିନ୍ ଦୋକାନ ଭିତରକୁ ପଶିଥିଲେ। ସବୁଦିନ ପରି ରବିବାର ଦୋକାନ ଆଗରେ ଥିବା ଲୁହାଗ୍ରିଲ୍ ଦିଆଯାଇ ନ ଥିଲା। ଖାଲି କାଚର ଡୋର ଲାଗିଥିଲା। ଦୁଇ ଦୁର୍ବୃତ୍ତ ଆସି ଔଷଧ ମାଗିଥିଲେ। ଉକ୍ତ କାଚ ଡୋରକୁ ଖୋଲିବାକୁ କହିଥିଲେ। କିନ୍ତୁ ସେଲସମ୍ୟାନ ଦ୍ୱୟ ମନା କରିବାରୁ ସେମାନେ କାଚକୁ ଗୋଇଠା ମାରି ଭାଙ୍ଗିଦେଇଥିଲେ। ରାଜକିଶୋର ଏବଂ ପିଙ୍କୁଙ୍କ ଦେହରେ କାଚ ଛିଟିକି ପଡିଥିଲା। ଫଳରେ ଏକାଧିକ ଭେନ୍ କଟିଯାଇ ରକ୍ତସ୍ରାବ ହୋଇଥିଲା। ଦୁର୍ବୃତ୍ତ ଦ୍ୱୟ ସେଠାରୁ ଫେରାର ହୋଇଯାଇଥିଲେ ବୋଲି ଦୀପକ ଅଭିଯୋଗ କରିଛନ୍ତି। ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ପୋଲିସ ତଦନ୍ତ କରୁଛି। ଦୁଇ ଅଭିଯୁକ୍ତଙ୍କ ନାମରେ ଖଣ୍ଡଗିରି ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

## କଂଗ୍ରେସ ନେତାଙ୍କ ନାମରେ ଥାନାରେ ଅଭିଯୋଗ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଇତିଶ ପ୍ରଧାନଙ୍କୁ କଂଗ୍ରେସ ଭବନରେ ୧୫ରୁ ଊର୍ଦ୍ଧ୍ୱ ଯୁବକ ହତ୍ୟା ଧମକ ଦେବା ଘଟଣାରେ ସୋମବାର ଇତିଶ ଥାନାର ଦ୍ୱାରସ୍ଥ ହୋଇଛନ୍ତି। କଂଗ୍ରେସର ବରିଷ୍ଠ ନେତା ଓ ତାଙ୍କ ପୁଅଙ୍କ ଇସାରାରେ ଏପରି କାଣ୍ଡ ଘଟିଛି। ତେଣୁ ଏହାର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନା ମୁତାବକ ଇତିଶ ଗତ ୧୭ ତାରିଖରେ ଓଡିଶା ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କୁ ସାକ୍ଷାତ କରିବା ନେଇ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନସ୍ଥିତ କଂଗ୍ରେସଭବନରେ ସାଢେ ୧୧ଟାରେ ପହଞ୍ଚିଥିଲେ। କଂଗ୍ରେସ ଭବନକୁ ପ୍ରବେଶ ସମୟରେ କଳାସାର୍ଟ ପରିଧାନ କରିଥିବା ୧୫ରୁ ୧୭ ଜଣ ବ୍ୟକ୍ତି ତାଙ୍କୁ ଅଟକାଇଥିଲେ। କଂଗ୍ରେସର ଜଣେ ବରିଷ୍ଠ ନେତାଙ୍କ ବିରୋଧରେ ରାଜନୀତି କରିବା ବନ୍ଦ କରିବା ନେଇ ତାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରି ଧମକଚମକ ଦେଇଥିଲେ। ଏଥିସହ ଇତିଶଙ୍କ ସହଯୋଗୀ ମନୋଜ ସେଠୀଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଧକ୍କା ମାରି କଂଗ୍ରେସ ଭବନରୁ ବାହାର କରିଦେଲେ। ଫଳରେ ସେ କଂଗେସ ଭବନ ସମ୍ମୁଖରେ ଧାରଣା ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ଇତିଶଙ୍କ ଅଭିଯୋଗକୁ ଆଧାର କରି ପ୍ରାରମ୍ଭିକ ତଦନ୍ତ ଆରମ୍ଭ ହୋଇଥିବା ବେଳେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅଲ୍ ଇଣ୍ଡିଆ ବେଦିକ କଲ୍‌ଚର୍ ଆୱାର୍ଡ ସେରିମନି

ଭୁବନେଶ୍ୱର, ୨୦।୧ (ବ୍ୟୁରୋ)

ଇଣ୍ଡିଆନ୍ ବେଦିକ ଆଣ୍ଡ ଆଷ୍ଟ୍ରୋଲୋଜି ରିସର୍ଚ୍ଚ ସେଣ୍ଟର (ଆଇଭିଏଆରସି) ଦ୍ୱାରା ଅଲ୍ ଇଣ୍ଡିଆ ବେଦିକ କଲ୍‌ଚର୍ ଆୱାର୍ଡ ସେରିମନି-୨୦୨୦ ଅନୁଷ୍ଠିତ ହୋଇଯାଇଛି। ହୋଟେଲ ତାଜ୍ ଓଡ଼ିଶାରେ ଅନୁଷ୍ଠିତ ଏହି ସେରିମନିରେ ତାଜ୍ ହୋଟେଲ ମ୍ୟାନେଜର ଶାଶ୍ୱତ କୁମାର ପାତ୍ର ଏବଂ କୋ-ଅର୍ଡିନେଟର ପଦ୍ମଜା ଚୌଧୁରୀ ବେଷ୍ଟ ହସ୍ପିଟାଲିଟି ଆୱାର୍ଡରେ ସମ୍ମାନିତ ହୋଇଛନ୍ତି। ଏହି ଅବସରରେ ଅନ୍ୟ କିଛି ବିଶିଷ୍ଟ ପ୍ରତିଭାଙ୍କ ମଧ୍ୟ ଆଇଭିଏଆରସି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି।

## ମୋ ଗାଁ ପ୍ରତିଭା ସମ୍ମାନରେ ୭ ସମ୍ବର୍ଦ୍ଧିତ

ପୁରୁଣା ଭୁବନେଶ୍ୱର, ୨୦।୧ (ଡି.ଏନ.ଏ.)

ମାଟ୍ରିକ୍ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ କୃତୀ ଛାତ୍ରୀଛାତ୍ର ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତିତ୍ୱଙ୍କୁ ଅନ୍ୱେଷଣ କରି ସେମାନଙ୍କୁ ମୋ ଗାଁ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ସୋମବାର ସନ୍ଧ୍ୟାରେ ରାଜଧାନୀ ଉପକଣ୍ଠ ବିଲିପଡ଼ା ଛକରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅଞ୍ଚଳର ୭ ଟି ସ୍କୁଲର ଏହି ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରାମକୃଷ୍ଣ ମଠର ସମ୍ପାଦକ ସ୍ୱାମୀ ଅମ୍ବପ୍ରଭା ନନ୍ଦଜୀ ମହାରାଜା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ କୌଶଲ୍ୟାଗଙ୍ଗର ଏସ୍‌ବିଆଇ ଶାଖାର ମୁଖ୍ୟ ପରିଚାଳିକା ଅନୁଲିକା କୁମାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟ ସମ୍ପାଦକ କପିଳ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ସଙ୍ଗଠନର ପରିଚାଳନା ନିର୍ଦ୍ଦେଶକ ମୋହନ କୁମାର ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମରେଶ ନାୟକ, ତ୍ରିନାଥ ସାମନ୍ତରାୟ, ପର୍ଶୁରାମ ବେହେରାଙ୍କ ସହ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

# 'ପୁରୁଣା ମାଷ୍ଟରପ୍ଲାନ୍ ଦେଖି କମିଟି ନିରାଶ'

ଭୁବନେଶ୍ୱର, ୨୦।୧ (ବ୍ୟୁରୋ)

## ଭୁବନେଶ୍ୱର ଡ୍ରେନେଜ ଅବ୍ୟବସ୍ଥା ପ୍ରସଙ୍ଗ

- ସ୍ଥିତି ସୁଧୁରିଛି, ୫୯ ଦୁର୍ବଳ ସ୍ଥାନ ହ୍ରାସ ପାଇ ୩୭ରେ ପହଞ୍ଚିଛି
- ପାଚେରି ନିର୍ମାଣ ପରେ କୃତ୍ରିମ ବନ୍ୟା ସ୍ଥିତି ସୁଧୁରିବ

ଭୁବନେଶ୍ୱର ଡ୍ରେନେଜ୍ ବ୍ୟବସ୍ଥାରେ ବହୁତ ସୁଧାର ଆସିଛି। ପୂର୍ବାପେକ୍ଷା ଏବେ ଅନେକ ପରିବର୍ତ୍ତନ କରାଯାଇଛି। କୃତ୍ରିମ ବନ୍ୟାସ୍ଥିତି ଉପୁଜୁଥିବା ୫୯ଟି ସ୍ଥାନ ହ୍ରାସ ପାଇ ଏବେ ୩୭ରେ ପହଞ୍ଚିଛି। ବହୁ ସମ୍ବେଦନଶୀଳ ଅଞ୍ଚଳରେ ନିୟମିତ ଭାବେ ଡ୍ରେନ ସଫେଇ ହେଉଛି। ମାତ୍ର ସଂସଦୀୟ ଷ୍ଟାଣ୍ଡିଂ କମିଟି ଭୁବନେଶ୍ୱର ଡ୍ରେନେଜ ବ୍ୟବସ୍ଥା ସଂକ୍ରାନ୍ତ ନୂଆ ମାଷ୍ଟର ପ୍ଲାନ ପରିବର୍ତ୍ତେ ପୁରୁଣା ମାଷ୍ଟର ପ୍ଲାନ୍ ଦେଖି ନିରାଶ ହୋଇଛନ୍ତି ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଡ୍ରେନେଜ୍ ବିଭାଗୀୟ ମୁଖ୍ୟଯନ୍ତ୍ରୀ ପ୍ରଦୀପ ସାଗର ଦୁରିଆ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଡ୍ରେନ ସମ୍ପ୍ରସାରଣ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ଏଥିରେ ସହରୀ ବନ୍ୟାର ମୁକାବିଲା ପାଇଁ ବିଭିନ୍ନ ଯୋଜନା ରହିଛି। ସଂସଦୀୟ କମିଟି ନୂଆ ମାଷ୍ଟର ପ୍ଲାନ ନ ଦେଖି ପୁରୁଣା ମାଷ୍ଟର ପ୍ଲାନ ଆଧାରରେ ଏପରି ପ୍ରତିକ୍ରିୟା ଦେଇଛନ୍ତି। ଆଗାମୀ ଦିନରେ ଡ୍ରେନେଜ ସ୍ଥିତି ସୁଧାରିବା ପାଇଁ ବିଭିନ୍ନ ଯୋଜନା କରାଯାଇଥିବା ବେଳେ ନଗର ଉନ୍ନୟନ ବିଭାଗ ସହ ଆଲୋଚନା ଜାରି ରହିଛି। ଅର୍ଥ ଆସିଲେ ବିଭାଗ କାମ ଆରମ୍ଭ କରିବ। ଭୁବନେଶ୍ୱରରେ ମୁଖ୍ୟ ଡ୍ରେନ ସଂଖ୍ୟା ବଢାଇବା ସହ ଆଭ୍ୟନ୍ତରୀଣ ଡ୍ରେନଗୁଡ଼ିକର ଭିତ୍ତିଭୂମି ବିକାଶ କରାଯିବ ବୋଲି ମୁଖ୍ୟଯନ୍ତ୍ରୀ ଦୁରିଆ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଭୁବନେଶ୍ୱର ଡ୍ରେନେଜ୍ ବ୍ୟବସ୍ଥା ସୁଧାରିବା ପାଇଁ ଆବଶ୍ୟକ ପାଣ୍ଠି ହସ୍ତଗତ ହୋଇନାହିଁ। ବିଭାଗ ଦ୍ୱାରା ବହୁ ସମ୍ବେଦନଶୀଳ ସ୍ଥାନର ସ୍ଥିତିରେ ସୁଧାର ଅଣାଯାଇଛି। ଆଗକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ହୋଇଥିବା ସ୍ୱତନ୍ତ୍ର ପ୍ୟାକେଜ୍‌ର ପାଣ୍ଠି ହସ୍ତଗତ ହେବା ପରେ ଘରୋଇ ଜମି ଅଧିଗ୍ରହଣ ହେବ। ତା'ସହ ଡ୍ରେନ ସମ୍ପ୍ରସାରଣ କରାଯିବ। ୬୫ ଏକରରୁ ଊର୍ଦ୍ଧ୍ୱ ଜମି ଅଧିଗ୍ରହଣ ହେବ। ଜମି ଅଧିଗ୍ରହଣ ସହ ମୁଖ୍ୟ ଡ୍ରେନର ଦୁଇ ପାର୍ଶ୍ୱରେ ପାଚେରି ନିର୍ମାଣ ହେଲେ କୃତ୍ରିମ ବନ୍ୟା ସ୍ଥିତି ନିୟନ୍ତ୍ରଣ ହେବା ସହ ଡ୍ରେନେଜ୍ ସ୍ଥିତି ସୁଧୁରିବ। ସେହିପରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସହ ଆସନ୍ତା ସପ୍ତାହ ମଧ୍ୟରେ ଡ୍ରେନେଜ ସ୍ଥିତିକୁ ନେଇ ଏକ ରିଭ୍ୟୁ ମିଟିଂ ହେବାର ଅଛି। ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକୀୟ କାର୍ଯ୍ୟ ଓ ପାଣ୍ଠି ଉପରେ ଆଲୋଚନା କରାଯିବ। ପରେ ପଦକ୍ଷେପ ପାଇଁ ଏମ୍‌ପି ଷଡ଼ଙ୍ଗୀ ଅର୍ବାନ ଡେଭେଲପ୍‌ମେଣ୍ଟର ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ଅବଗତ କରାଇବେ ବୋଲି ଦୁରିଆ ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ସହରାଞ୍ଚଳ ବିକାଶକୁ ନେଇ ଗଠିତ ସଂସଦୀୟ ଷ୍ଟାଣ୍ଡିଂ କମିଟିର ୨୦ଜଣ ସଦସ୍ୟା, ସଦସ୍ୟ ଏବଂ ୫ଜଣ ସଂସଦୀୟ ବ୍ୟାପାର ଅଧିକାରୀ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ସେମାନେ ସିଧାସଳଖ କ୍ଷେତ୍ର ପରିଦର୍ଶନ କରି ୨୦୧୯-୨୦ ମସିହା ପାଇଁ ଚିହ୍ନିତ ବିଷୟଗୁଡ଼ିକୁ ଅନୁଧ୍ୟାନ କରି ନଗର ଉନ୍ନୟନ ବିଭାଗର କେତେକ ପ୍ରକଳ୍ପ ଓ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ସେମାନେ ଭୁବନେଶ୍ୱରର ଡ୍ରେନେଜ୍ ବ୍ୟବସ୍ଥା ସ୍ଥିତି ଠିକ୍ ନ ଥିବା ଦର୍ଶାଇବା ସହ ଏ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଲୁହା ସାମଗ୍ରୀ ଚୋରି: ୨ ଗିରଫ

କଟକରୋଡ଼,୨୦।୧ (ଡି.ଏନ୍.ଏ.)

ଜଣେ ଠିକାଦାରଙ୍କ ଲୁହା ସାମଗ୍ରୀ ଚୋରି ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ସୋମବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଚିନ୍ତାମଣିଶ୍ୱର ସବର ସାହିରେ ରହୁଥିବା ଆଲୋକ ଦାସ ଓ ବରଗଡ଼ ଥାନା ଶବର ସାହିରେ ରହୁଥିବା ସୁନୁ ଖାନ୍। ସୂଚନା ଅନୁଯାୟୀ ଗତ ୧୮ ତାରିଖ ରାତିରେ ଚିନ୍ତାମଣିଶ୍ୱର ଅଞ୍ଚଳରେ ଠିକାଦାରୀ କାମ ଚଳାଇଥିବା ନୟାଗଡ଼ ଜିଲା ଶରଣକୁଳ ଅଞ୍ଚଳର ରବୀନ୍ଦ୍ର ନାୟକଙ୍କ କେତେକ ଲୁହା ସାମଗ୍ରୀ ଚୋରାଇ ନେଇଥିଲେ। ଏ ନେଇ ରବୀନ୍ଦ୍ର ଅଭିଯୋଗକ୍ରମେ ପୋଲିସ ଏକ ମାମଲା ନଂ. ୨୦/୨୦ ରୁଜୁ କରି ତଦନ୍ତ ଚଳାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



ସମସ୍ତଙ୍କ ଆତ୍ମା ଅମର, କିନ୍ତୁ ନ୍ୟାୟବାନ୍ ଲୋକର ଆତ୍ମା ହିଁ ଦେବତ୍ୱ ଲାଭ କରେ।
- ସକ୍ରେଟିସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସିଫା ପକ୍ଷରୁ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ, ଭି.ଜି.ଝିଙ୍ଗରାନ ଅଡିଟୋରିୟମ, ସିଫା, କୌଶଲ୍ୟଗଙ୍ଗା, ପୂର୍ବାହ୍ନ ୧୦ଟା।
- ଫଟୋଗ୍ରାଫୀ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ରିଜିଓନାଲ ସେଣ୍ଟର, ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ରୋୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ପ୍ରତିଷ୍ଠା ଦିବସ, କ୍ୟାମ୍ପସ ପରିସର, ଏ-୧୨୫, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ରସୁଲଗଡ଼, ଅପରାହ୍ନ ୩ଟା।
- ଅଜିତ ନାଟ୍ୟ ମହୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**ଖୋର୍ଦ୍ଧା**

- ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ- ଗୁରୁଜଙ୍ଗ ସ୍କୁଲ ପରିସର, ସମୟ- ଅପରାହ୍ନ ସାଢ଼େ ୪ଟା।

## ନାବାଳିକା କଲେଜ ଛାତ୍ରୀଙ୍କୁ ଅସଦାଚରଣ

**କଣ୍ଟାପଡ଼ା,୨୦।୧(ଡି.ଏନ୍.ଏ.):** ଓଲଟପୁର ଥାନା ଅଞ୍ଚଳରେ ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଅସଦାଚରଣ ହୋଇଥିବା ସୋମବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୯/୨୦)ରୁଜୁକରି ଜଣେ ଅଧାପକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନାବାଳିକା ଛାତ୍ରୀଜଣକ କଲେଜ ନିକଟରେ ଥିବା ଅଧାପକଙ୍କ କୋଚିଂ ସେଣ୍ଟରକୁ ଟିଉଶନ ପାଇଁ ଯାଇଥାନ୍ତି। ଗତ ୨ଦିନ ହେବ ଛାତ୍ରୀଜଣକ କଲେଜକୁ ନ ଯିବା ପାଇଁ କହିବାରୁ ଘରଲୋକ ଘଟଣା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏ ସମ୍ପର୍କରେ ଘରଲୋକ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଉକ୍ତ କଲେଜକୁ ଯାଇଥିବାବେଳେ ଅଧାପକ ସେଠାରୁ ଫେରାର ହେବା ପାଇଁ ଉଦ୍ୟମ କରୁଥିବା ବେଳେ ଏଏସ୍ଆଇ ଦୁର୍ଯ୍ୟୋଧନ ସେଠି ତାଙ୍କୁ କାବୁ କରି ଥାନାକୁ ନେଇଥିଲେ।

## ସମୁଦ୍ରରେ ବୁଡ଼ିଯାଉଥିବା ବେଳେ ୪ ପର୍ଯ୍ୟଟକ ଉଦ୍ଧାର

**ପୁରୀ ଅଫିସ,୨୦।୧:** ପୁରୀ ସମୁଦ୍ରରେ ବୁଡିଯାଉଥିବା ବେଳେ ସୋମବାର ୪ ପର୍ଯ୍ୟଟକଙ୍କୁ ଲାଇଫଗାର୍ଡମାନେ ଉଦ୍ଧାର କରିଛନ୍ତି। ସେମାନେ ହେଲେ କୋଲକାତା ହୁଗୁଲିର ଜୟନ୍ତ ଦେ(୨୧), ସୁମନ ପରମାଣିକ(୨୨) ଜି.ଘୋଷ। ଅନ୍ୟ ଜଣକଙ୍କ ପରିଚୟ ମିଳିପାରି ନାହିଁ। ସୂଚନାଯୋଗ୍ୟ, ସୋମବାର ଏହି ୪ଜଣ ପୁରୀ ବୁଲିବାକୁ ଆସିଥିବାବେଳେ ଶ୍ରୀମନ୍ଦିର ଦର୍ଶନ ସାରି ବେଳାଭୂମିକୁ ଆସିଥିଲେ। ସମସ୍ତେ ମିଶି ସେକ୍ଟର ୯ ଚୈତନ୍ୟ ଛକ ସମ୍ମୁଖ ସମୁଦ୍ରରେ ଗାଧେଉଥିବା ବେଳେ ହଠାତ୍ ସମୁଦ୍ରରେ ବୁଡି ଯାଇଥିଲେ। ପରେ ସେମାନଙ୍କ ଚିତ୍କାର ଶୁଣି ସେଠାରେ ଉପସ୍ଥିତ ଥିବା ଲାଇଫଗାର୍ଡମାନେ ସମୁଦ୍ରକୁ ଡେଇଁ ଖୋଜାଖୋଜି ଆରମ୍ଭ କରିଥିଲେ। କିଛି ସମୟ ମଧରେ ବୁଡିଯାଇଥିବା ପର୍ଯ୍ୟଟକଙ୍କୁ କୂଳକୁ ଆଣିଥିଲେ।

## ରାଜାରାଣୀ ମନ୍ଦିର ରାତି ୯ଟା ଯାଏ ଖୋଲା ରହିବ



**ପୁରୁଣା ଭୁବନେଶ୍ୱର, ୨୦।୧ (ଡି.ଏନ.ଏ.):** ରାଜାରାଣୀ ମନ୍ଦିରର କାରୁକାର୍ଯ୍ୟ ଓ ସ୍ଥାପତ୍ୟ ପ୍ରତି ଆକୃଷ୍ଟ ହୋଇ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପ୍ରବେଶ ସମୟ ସାରଣୀରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଟିକେଟ ଅନୁଯାୟୀ, ମନ୍ଦିର ସକାଳୁ ଖୋଲା ଯାଇ ସନ୍ଧ୍ୟାରେ ବନ୍ଦ ରହୁଥିଲା। କିନ୍ତୁ ଏବେ ରାତି ୯ଟା ଯାଏ ପର୍ଯ୍ୟଟକଙ୍କ ଲାଗି ଖୋଲା ରହିବ। ପୂର୍ବରୁ ଦର୍ଶନ ବ୍ୟବସ୍ଥା କରାଯିବା ଦିନଠାରୁ ସନ୍ଧ୍ୟା ସମୟ ପର୍ଯ୍ୟନ୍ତ ଏହା ସାଧାରଣ ଲୋକଙ୍କ ନିମନ୍ତେ ଖୋଲା ରହୁଥିଲା। ସରକାରୀ ସ୍ତରରେ ପାଳନ କରାଯାଉଥିବା ଉତ୍ସବ ଦିନଗୁଡ଼ିକ ବ୍ୟତୀତ ଅନ୍ୟ ସମୟରେ ଏହା ଅଧିକ ସମୟ ପର୍ଯ୍ୟନ୍ତ ଖୋଲା ରହୁ ନ ଥିଲା। ଏ ନେଇ ଏଏସ୍ଆଇର ଅଧୀକ୍ଷଣ ପୁରାତତ୍ତ୍ୱବିତ୍ ଅଧିକାରୀ ଅରୁଣ ମଲ୍ଲିକଙ୍କୁ ପଚାରିବାରେ ରାଜାରାଣୀ ମନ୍ଦିର ଖୁବ୍ଶୀଘ୍ର ରାତ୍ରି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପ୍ରବେଶ ଓ ଦର୍ଶନ ନିମନ୍ତେ ଖୋଲା ରହିବ ବୋଲି କହିଛନ୍ତି।

# ଏସୀୟ ରାଷ୍ଟ୍ରରେ ହେବ ଓଡ଼ିଶା ପର୍ଯ୍ୟଟନର ପ୍ରଚାର



- ୨ବର୍ଷରେ ୫ଲକ୍ଷ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଲକ୍ଷ୍ୟ
- ମଧ ପୂର୍ବ, ଦକ୍ଷିଣ ପୂର୍ବ ଏସିଆକୁ ଗୁରୁତ୍ୱ
- ୨୦୨୫ ସୁଦ୍ଧା ୨ ଲକ୍ଷ ୭୭ ହଜାର ନିଯୁକ୍ତି ପାଇଁ ଯୋଜନା

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

୨୦୨୨ ସୁଦ୍ଧା ୨କୋଟି ୫୦ଲକ୍ଷ ପର୍ଯ୍ୟଟକଙ୍କୁ ଓଡ଼ିଶା ଆଣିବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ପର୍ଯ୍ୟଟନ ଶିଳ୍ପରେ ହେଉଥିବା ପୁଞ୍ଜି ବିନିଯୋଗକୁ ଦୃଷ୍ଟିରେ ରଖି ସେହି ଅନୁଯାୟୀ ଉଭୟ ଦେଶୀୟ ଓ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି କରିବାକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ୨୦୧୬-୧୭ରେ ଓଡ଼ିଶାକୁ ୧,୩୧,୯୦,୨୨୪ ପର୍ଯ୍ୟଟକ ଆସିଥିବା ବେଳେ ୨୦୧୭-୧୮ରେ ୧,୪୩,୬୪,୫୪୧ ଏବଂ ୨୦୧୮-୧୯ରେ ୧,୫୬,୨୩,୨୫୦ ପର୍ଯ୍ୟଟକ ଆସିଥିଲେ। ଏହି ସଂଖ୍ୟାକୁ ବୃଦ୍ଧିକରି ୨୦୨୨ ସୁଦ୍ଧା ୨କୋଟି ୫୦ଲକ୍ଷରେ ପହଞ୍ଚାଇବା ସହ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ୩ ଟୁରିଷ୍ଟ ଡେଷ୍ଟିନେଶନରେ ପରିଣତ କରିବାକୁ ଟାର୍ଗେଟ ରଖାଯାଇଥିବା ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ସେହିଭଳି ଆଗାମୀ ୨ ବର୍ଷରେ ଓଡ଼ିଶାକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନକୁ ୫ ଲକ୍ଷରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ମଧ ପୂର୍ବ ଏବଂ ଦକ୍ଷିଣ ପୂର୍ବ ଏସିଆରେ ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାସହ ଓଡ଼ିଶାର ୧୦ଟି ପ୍ରମୁଖ ସୋର୍ସ ମାର୍କେଟ ତଥା ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ଜାପାନ, ଚାଇନା, ଫ୍ରାନ୍ସ, ଜର୍ମାନୀ, ନେଦରଲାଣ୍ଡ, ଇଟାଲୀ, ମାଲେସିଆ ଏବଂ ରାଜ୍ୟଗୋଷ୍ଠୀ ରାଷ୍ଟ୍ରଗୁଡ଼ିକୁ ଟାର୍ଗେଟରେ ରଖାଯାଇଥିବା ପର୍ଯ୍ୟଟନ ବିଭାଗ ସଚିବ ବିଶାଳ ଦେବ କହିଛନ୍ତି।

କେବଳ ପର୍ଯ୍ୟଟକ ଆଗମନ ନୁହେଁ, ପର୍ଯ୍ୟଟନ ଶିଳ୍ପରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ଆତିଥ୍ୟ, ପର୍ଯ୍ୟଟନ ଓ ପରିଭ୍ରମଣ ଭଳି ବିଭିନ୍ନ କ୍ଷେତ୍ରରେ ବିପୁଳ ମାନବସମ୍ବଳ ନିଯୁକ୍ତ ହେବାର ସମ୍ଭାବନା ରହିଛି। ୨୦୧୬ରୁ ୨୦୧୯ ଆର୍ଥିକବର୍ଷ ମଧରେ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ମିଳିତ ପ୍ରୟାସରେ ୪୪୧୨ଜଣଙ୍କୁ ନିଯୁକ୍ତି ଦିଆଯାଇଛି। କେପିଏମ୍ଜି ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଡେଭଲପ୍‌ମେଣ୍ଟ ପ୍ଲାନ୍ ୨୦୨୫ରେ ପର୍ଯ୍ୟଟନ କ୍ଷେତ୍ରରେ ପ୍ରତ୍ୟକ୍ଷଭାବେ ୯୨,୦୦୦ ଏବଂ ପରୋକ୍ଷଭାବେ ୨,୭୭,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି।

## ଇକୋ-ରିଟ୍ରିଟ୍ ଢାଞ୍ଚାରେ ହେବ ଅଧିକ ଗ୍ଲାମିଂ ଇଭେଣ୍ଟ

କେବଳ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ନୁହେଁ, ରାଜ୍ୟର ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ଆୟୋଜିତ ହେବ ମେଗା ଗ୍ଲାମିଂ ଇଭେଣ୍ଟ। ରାମଚଣ୍ଡୀ ବେଳାଭୂମିରେ ଆୟୋଜିତ ଇକୋ ରିଟ୍ରିଟ୍‌ର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯିବ। ଓଡ଼ିଶାରେ ୪୮୨ କି.ମି. ସୁଦୀର୍ଘ ବେଳାଭୂମି ରହିଥିବାବେଳେ ବର୍ଷର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନର ଉପଯୋଗୀ ତଥା ଅନୁକୂଳ ପରିବେଶକୁ ଦୃଷ୍ଟିରେ ରଖି ଏଭଳି ଗ୍ଲାମରସ୍ କ୍ୟାମ୍ପିଂର ଆୟୋଜନ କରାଯିବ। ସେହିଭଳି ପ୍ରତ୍ୟେକ ଇଭେଣ୍ଟ ଯେପରି ପରସ୍ପରଠାରୁ ଭିନ୍ନ ହେବ ତାହାକୁ ଗୁରୁତ୍ୱ ଦିଆଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍ ଭଳି ପରିବେଶ ଉପଯୋଗୀ ମଡେଲକୁ ଗୁରୁତ୍ୱ ଦିଆଯିବ। ନିକଟରେ ପର୍ଯ୍ୟଟକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଇକୋ-ରିଟ୍ରିଟ୍‌କୁ ଜାନୁୟାରୀ ୩୧ରୁ ଫେବୃୟାରୀ ୧୫ ପର୍ଯ୍ୟନ୍ତ ଘୁଞ୍ଚାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



# ମନମୋହିଲା ଓଡ଼ିଶୀ ନୃତ୍ୟ

### ଗ୍ଲୋବାଲ ଥିଏଟର ଫେଷ୍ଟିଭାଲ ଉଦ୍‌ଘାଟିତ

**କଟକ ଅଫିସ, ୨୦।୧**

କଟକ କଳାବିକାଶ କେନ୍ଦ୍ରଠାରେ ଥିଏଟର ମୁଭମେଣ୍ଟ ପକ୍ଷରୁ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ପଦ୍ମଶ୍ରୀ ଡ. ପ୍ରତିଭା ରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଜଷ୍ଟିସ ଏ.ଏସ୍. ନାଇଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜଷ୍ଟିସ ଡି.ପି. ମହାପାତ୍ର, ଆଇନଜୀବୀ ଧରଣୀଧର ନାୟକ, ଅନୁଷ୍ଠାନର ସଭାପତି ଡ. ନାରାୟଣ ସାହୁ ଏବଂ ସାଧାରଣ ସମ୍ପାଦକ ଗୋଲକ ବିହାରୀ ଦାସ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ କଳାବିକାଶ କେନ୍ଦ୍ରର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ଏଥିସହ ଶିଳ୍ପୀ କଳାନିକେତନର କଳାକାରମାନେ ଶିବ ତାଣ୍ଡବ ଓ ନେପାଳର କଳାକାରମାନେ ନାଟକ 'ଅବ ୱେ କାହାଁ ଗେୟୋ ହେ' ମଞ୍ଚସ୍ଥ କରିଥିଲେ। ଏହି ମହୋତ୍ସବରେ ୧୭ଟି ରାଜ୍ୟର ୧୦୦ରୁ ଊର୍ଦ୍ଧ୍ୱ ନାଟ୍ୟ ଓ ନୃତ୍ୟଦଳ ପକ୍ଷରୁ ୧୨ଟି ଭାଷାରେ ୫୦ରୁ ଊର୍ଦ୍ଧ୍ୱ ନାଟକ ପ୍ରଦର୍ଶନ କରାଯିବ। ଏହାଛଡା ଶ୍ରୀଲଙ୍କା, ନେପାଳ ଏବଂ ବାଂଲାଦେଶର ନାଟକ ଦଳ ଭାଗ ନେବେ। ଏହି ଅବସରରେ ବହୁ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଜଲି ଆଚାର୍ଯ୍ୟ ମଞ୍ଚ ପରିଚାଳନାରେ କରିଥିଲେ।



କଳାବିକାଶ କେନ୍ଦ୍ରର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂଗୀତରେ ଭଞ୍ଜଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨୦।୧ (ବ୍ୟୁରୋ)**

ଓଡ଼ିଆ ସାହିତ୍ୟରେ ସାରଳା ଦାସ, ବଳରାମ ଦାସ ଓ ଜଗନ୍ନାଥ ଦାସଙ୍କୁ ବାଦ୍ ଦେଲେ ଗତ ୫ ଶହ ବର୍ଷର ସାହିତ୍ୟ ସାଧନା କ୍ଷେତ୍ରରେ ଯେଉଁ କବି ଓଡ଼ିଆ ଜାତିର ଜନସମାଜକୁ ଆନ୍ଦୋଳିତ କରି ରଖିଛନ୍ତି, ସେ ହେଉଛନ୍ତି କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ। ତାଙ୍କ ସ୍ମୃତିରେ ସୋମବାର ଭାରତୀୟ ବିଦ୍ୟା ଭବନ ଓ ଇନ୍ଫୋସିସ୍ ଫାଉଣ୍ଡେଶନ୍ ପକ୍ଷରୁ 'ଭଞ୍ଜ ସଂଗୀତ ଶିବିର'ର ଆୟୋଜନ କରାଯାଇଛି। ଖାରବେଳ ନଗରସ୍ଥିତ ଭାରତୀୟ ବିଦ୍ୟା ଭବନର ମୁନ୍‌ସି ହଲଠାରେ ଗଞ୍ଜାମ ଭଞ୍ଜନଗର ଡିଫେନ୍ସ କଲୋନୀର ଗୁରୁ ଅଶୋକ କୁମାର ମହାପାତ୍ର ଓ ସାଥୀଙ୍କ ଦ୍ୱାରା 'ଆନନ୍ଦ ସଂଗୀତାୟନ' କାର୍ଯ୍ୟକ୍ରମ କରାଯାଇଛି, ଯାହା ଉପସ୍ଥିତ ଦର୍ଶକଙ୍କ ମହଲରେ ବେଶ ଆଦୃତ ହୋଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ବିଦ୍ୟା ଭବନ ଓ ଇନ୍ଫୋସିସ୍ ଫାଉଣ୍ଡେଶନ୍ ପକ୍ଷରୁ ଲୁପ୍ତପ୍ରାୟ ଲୋକକଳାକୁ ପୁନର୍ବାର ଲୋକଲୋଚନକୁ ଆଣିବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହା ୨୦୧୯-୨୦ର ୮୮ତମ କାର୍ଯ୍ୟକ୍ରମ ବୋଲି ଜଣାପଡ଼ିଛି।

# ଚାଖି ଖୁଣ୍ଟିଆ ଜଣେ ମହାନ୍ ଦେଶପ୍ରେମୀ ଥିଲେ

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)**





ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ) ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ସୋମବାର ମହାନ୍ ବିପ୍ଳବୀ ଚାଖି ଖୁଣ୍ଟିଆଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍କଳ ପ୍ରସଙ୍ଗ ତଥା ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଯୋଗଦେଇ କହିଥିଲେ, ଚାଖି ଖୁଣ୍ଟିଆ ଜଣେ ମହାନ୍ ଦେଶପ୍ରେମୀ ଥିଲେ। ନିଜ ବିଦ୍ୟା, ବୁଦ୍ଧି ଓ ଅଦମ୍ୟ ସାହସ ଯୋଗୁ ସେ ୧୫୦ ବର୍ଷ ତଳେ ରାଣୀ ଲକ୍ଷ୍ମୀବାଇଙ୍କ ଉପଦେଷ୍ଟା ହୋଇପାରିଥିଲେ, ଯାହାର ଆଲୋଚନା ଆଜିର ପ୍ରାସଙ୍ଗିକତା ହୋଇଛି ବୋଲି ସେ ପ୍ରକାଶ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଯୋଗଦେଇ ଚାଖି ଖୁଣ୍ଟିଆଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରି ପୁରୀ, ଆମ ରାଜ୍ୟ ତଥା ଦେଶ ମାତୃକାର ଉନ୍ନତି ପାଇଁ ତାଙ୍କର ଅତୁଳନୀୟ ଅବଦାନ ଥିଲା ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଗବେଷକ ଡ. ଗିରୀଶ ପ୍ରସାଦ ସ୍ୱାଇଁ ଯୋଗଦେଇ ଭାରତର ଅଖଣ୍ଡ ସ୍ୱାଧୀନତା ପାଇଁ ଦେଶକୁ ନେତୃତ୍ୱ ଦେବା, ଜଗନ୍ନାଥ ସଂସ୍କୃତିର ସୁରକ୍ଷାରେ ଚାଖି ଖୁଣ୍ଟିଆଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଜି ଆମେ ସ୍ମରଣ କରୁଛୁ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଚାଖି ଖୁଣ୍ଟିଆଙ୍କ ଦାୟାଦ ଭୀମସେନ ଖୁଣ୍ଟିଆ ଯୋଗଦେଇ ଲକ୍ଷ୍ମୀବାଇଙ୍କ ପରିବାର ସହିତ ସେମାନଙ୍କ ପାରିବାରିକ ସମ୍ପର୍କ ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ଚାଖି ଖୁଣ୍ଟିଆଙ୍କ ପାଇଁ ତାଙ୍କ ପରିବାର, ପୁରୀ ମାଟି ତଥା ଓଡ଼ିଶା ଗର୍ବିତ ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ରମାକାନ୍ତ କର ବେଦପାଠ କରିଥିଲେ। ସମିତି ସମ୍ପାଦକ ଧ୍ରୁବ ଚରଣ କର, ସଭାପତି ଡ. ବସନ୍ତ କୁମାର ପତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଚାଖି ଖୁଣ୍ଟିଆଙ୍କ ଜୀବନୀ ଉପରେ ଆଧାରିତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀର ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ମାମା



ବିକାଶ



ଜ୍ୟୋତିର୍ମୟୀ



ବାଦଲ



କିରଣ



ଦିପକ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ବସ୍ ଧକ୍କାରେ ୨ ମହିଳା ପର୍ଯ୍ୟଟକ ମୃତ

**କଣାସ/ବ୍ରହ୍ମଗିରି, ୨୦।୧ (ସ୍ୱ.ପ୍ର./ଡି.ଏନ୍.ଏ.)**

ପୁରୀ ଜିଲା କଣାସ ବ୍ଲକ କରମଳାସ୍ଥିତ ଅଭିରାମ ପରମହଂସ ଆଶ୍ରମ ସମ୍ମୁଖରେ ସୋମବାର ବସ୍ ଧକ୍କାରେ ୨ଜଣ ମହିଳା ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳର ନୟନା ସାହୁ (୬୦) ଓ ସରୋଜିନୀ ସାହୁ(୫୫)। ସୂଚନା ଅନୁଯାୟୀ, କରମଳାସ୍ଥିତ ଅଭିରାମ ପରମ ହଂସଙ୍କ ଆଶ୍ରମକୁ ସୋମବାର ଡେରାବିଶ ଅଞ୍ଚଳର କେତେଜଣ ପର୍ଯ୍ୟଟକ ଏକ ବସ (ଓଡି୦୫ଏଆର୍୧୮୪୧)ରେ ଆସିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଆଶ୍ରମ ବୁଲାବୁଲି କରୁଥିବା ବେଳେ ଆଉ କେତେଜଣ ବସ ପଛପଟେ ଛିଡା ହୋଇଥିଲେ। ଏହି ସମୟରେ ଚାଳକ ବସକୁ ପଛକୁ ବୁଲାଇଥିଲେ। ପର୍ଯ୍ୟଟକମାନେ ଗାଡି ପଛରେ ଥିବା ବସ୍ ଚାଳକ ଜାଣିପାରି ନ ଥିଲେ। ଫଳରେ ବସ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ସରୋଜିନୀଙ୍କ ମୃତ୍ୟୁ ଘଟିଥିବା ବେଳେ ନୟନା ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଉଭୟ ସରୋଜିନୀ ଏବଂ ନୟନା ସମ୍ପର୍କରେ ଦୁଇ ସମୁଦୁଣୀ ବୋଲି ଜଣାପଡ଼ିଛି। ଖବରପାଇ ଗଡ଼ିଶାଗୋଦା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସକୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୯/୨୦)ରୁଜୁ କରି ତଦନ୍ତ ଚଳାଇଛି।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
-ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### ଓସା କାର୍ଯ୍ୟାଳୟ କେୟାରଟେକରଙ୍କ ମୃତ୍ୟୁ

ଭୁବନେଶ୍ୱର,୨୦।୧(ବ୍ୟୁରୋ)- ସଚିବାଳୟ ସେବା ସଂଘ(ଓସା)ର ଖାରବେଳ ନଗରସ୍ଥିତ କାର୍ଯ୍ୟାଳୟର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କାଳିଆ ମଲ୍ଲିକଙ୍କର ଶନିବାର ମୃତ୍ୟୁ ହୋଇଛି। କାଳିଆ ବିୟୋଗ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା, ସଚିବାଳୟର କର୍ମଚାରୀ ମହଲରେ ଶୋକ ଆଣିଛି। ସ୍ୱର୍ଗତ କାଳିଆଙ୍କ ସ୍ତ୍ରୀ ଏବଂ ତାଙ୍କ ଉପରେ ନିର୍ଭରଶୀଳ ଏକମାତ୍ର ପୁଅ ଅଛନ୍ତି। କାଳିଆ ଦୀର୍ଘଦିନ ଧରି ପେଟ ରୋଗରେ ପୀଡିତ ଥିଲେ, ଅର୍ଥାଭାବରୁ ଚିକିତ୍ସା କରାଇ ପାରୁ ନ ଥିଲେ। ତାଙ୍କୁ ସାହାଯ୍ୟ କରିବା ପାଇଁ ମଧ ଠିକ୍ ସମୟରେ କୌଣସି ସଂସ୍ଥା, ବ୍ୟକ୍ତିବିଶେଷ ଏବଂ ସଂଘ କର୍ତ୍ତୃପକ୍ଷ ଆଗେଇ ଆସି ନ ଥିବା କୁହାଯାଉଛି। ସଂଘର ଶୀର୍ଷ କର୍ମକର୍ତ୍ତାଙ୍କ ମଧରେ ବିବାଦ ଓସା ଭବନରେ ତାଲା ପଡିବା କାରଣ ହେଲା। ଫଳରେ ଏହାର ପରିସରରେ କୌଣସି ଭୋଜି, ଉତ୍ସବ ପାଇଁ ଅନୁମତି ମିଳିଲା ନାହିଁ। ଏହା ଦ୍ୱାରା ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କାଳିଆ ଏବଂ ସହଯୋଗୀଙ୍କ ଆୟ ପନ୍ଥା ଏକ ପ୍ରକାର ବନ୍ଦ ହୋଇଲା । ସେମାନେ ମାସିକ ପାଉଥିବା ପାଉଣା ମଧ ଅତି ନଗଣ୍ୟ(ମାତ୍ର ୧୦୦୦ ଟଙ୍କା) ବୋଲି ଜନୈକ ସଚିବାଳୟ କର୍ମଚାରୀ କହିଛନ୍ତି।

### ଖୁବଶୀଘ୍ର ସମାଧାନ ହେବ ଉଠାଦୋକାନୀଙ୍କ ସମସ୍ୟା

ଭୁବନେଶ୍ୱର, ୨୦।୧ (ବ୍ୟୁରୋ)ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ସୁରକ୍ଷା ଟ୍ରଷ୍ଟ ତରଫରୁ ୟୁନିଟ୍-୧ ଫଳ ଭେଣ୍ଡିଂଜୋନଠାରେ ଜାତୀୟ ଉଠାଦୋକାନୀ ଦିବସ ପାଳିତ ହୋଇଯାଇଛି। ନଗର ଉନ୍ନୟନ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ନବୀନଙ୍କ ସରକାର ସଦାସର୍ବଦା ଉଠାଦୋକାନୀଙ୍କ ଉନ୍ନତି କଥା ହିଁ ଚିନ୍ତା କରିଥାନ୍ତି ଏବଂ ସେମାନଙ୍କ ସୁବିଧା ପାଇଁ ଯାହା ଆବଶ୍ୟକ ସରକାର ତାହା ପୂରଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। କେବେହେଲେ ଏଥିରେ ଅବହେଳା କରାଯିବ ନାହିଁ। ସେମାନଙ୍କ ସମସ୍ୟା ଖୁବ୍‌ଶୀଘ୍ର ପୂରଣ ହେବ ବୋଲି ସେ କହିଥିଲେ। 'ମୋ ପରିବାର'ର ଆବାହକ ଅରୁପ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଥିଲେ, ମୁଁ ସଦାସର୍ବଦା ଉଠାଦୋକାନୀଙ୍କ ସହ ଅଛି ଓ ରହିବି। ଯେତେବେଳେ ଉଠାଦୋକାନୀଙ୍କ କିଛି ଅସୁବିଧା ହେବ ମୋ ପାଖକୁ ଯାଇପାରିବେ, ଏଥରେ କୌଣସି ସନ୍ଦେହ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ଅତିଥିଙ୍କ ମଧରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷ ସୁବାସ ସିଂ, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ଓ ସଶକ୍ତୀକରଣ ଅଧକ୍ଷା ସୁଲୋଚନା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଟ୍ରଷ୍ଟର ଏକ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା। ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ଅମରେଶ ଜେନା, ଗୁରୁଚରଣ ସାହୁ, ରାମଚନ୍ଦ୍ର ପ୍ରଧାନ, ନରେନ ସାହୁ, ଉଠାଦୋକାନୀ ନେତା ଅଞ୍ଜନ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁକ୍ତ ଦୁଇ ପ୍ରଥମ ବର୍ଷ ପରୀକ୍ଷାକୁ ବିରୋଧ

ଭୁବନେଶ୍ୱର, ୨୦।୧(ବ୍ୟୁରୋ):



ଏକାମ୍ର କଲେଜର ଛାତ୍ରୀଛାତ୍ରମାନେ କଲେଜ ମୁଖ୍ୟଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ଆସନ୍ତା ବର୍ଷଠୁ ଲାଗୁ ପାଇଁ ପ୍ରସ୍ତାବ
- ରାଜଧାନୀର ୫ କଲେଜରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

ଯୁକ୍ତ ଦୁଇ ପ୍ରଥମ ବର୍ଷ ପରୀକ୍ଷା ବ୍ୟବସ୍ଥାକୁ ବିରୋଧ କରି ବିଭିନ୍ନ କଲେଜରେ ତେଜୁଛି ଆନ୍ଦୋଳନ। ନୂତନ ବ୍ୟବସ୍ଥାକୁ ଆସନ୍ତା ବର୍ଷଠାରୁ ଲାଗୁ କରାଯିବା ଦାବି ନେଇ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ ରାସ୍ତାକୁ ଓହ୍ଲାଇଛନ୍ତି। ସୋମବାର ଭୁବନେଶ୍ୱରସ୍ଥିତ ମହର୍ଷି କଲେଜ, ଦେବରାୟ କଲେଜ, ବିଜୁ ପଟ୍ଟନାୟକ କଲେଜ, ଏକାମ୍ର କଲେଜ ଏବଂ ରାଜଧାନୀ କଲେଜରେ ଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ରାଜଧାନୀ କଲେଜ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ କଲେଜ ଗେଟ୍ ଆଗରେ ଧାରଣାରେ ବସିଥିଲେ। ସେମାନେ ସିଏଚ୍‌ଏସ୍‌ଇ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ନୂତନ ପରୀକ୍ଷା ବ୍ୟବସ୍ଥା ବନ୍ଦ ପାଇଁ ଦାବି କରିଥିଲେ। କଲେଜ କର୍ତ୍ତୃପକ୍ଷ ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଏହି ବ୍ୟବସ୍ଥା ପ୍ରତ୍ୟାହାର ନ ହେଲେ ପୁଣି ରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସେହିପରି ବିଜୁ ପଟ୍ଟନାୟକ କଲେଜରେ ଛାତ୍ରୀଛାତ୍ରମାନେ ପ୍ଲା କାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ମହାବିଦ୍ୟାଳୟ ସମ୍ମୁଖ ଜୟଦେବ ବିହାର -ଏକାମ୍ରକାନନ ରାସ୍ତାରେ ଇଟା ଓ ପଥର ରଖିବାରୁ ଗାଡ଼ି ଚଳାଚଳ ଠପ୍ ହୋଇପଡ଼ିଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦେବରାୟ କଲେଜରେ ମଧ ଛାତ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ଛାତ୍ରମାନେ କଲେଜ ଗେଟ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଧକ୍ଷଙ୍କୁ ଦାବିପତ୍ର ଦେଇଥିଲେ। ଏକାମ୍ର କଲେଜରେ ସବୁଠୁ ଅଧିକ ଉତ୍ତେଜନା ଦେଖିବାକୁ ମିଳିଥିଲା। ଛାତ୍ରୀଛାତ୍ରମାନେ ଟାୟାର ଜାଳି କଲେଜ ପାଖ ରାସ୍ତାରେ ବସିଥିଲେ। ଫଳରେ ଗାଡ଼ି ମୋଟର ଅଟକି ରହିଥିଲା। ପୋଲିସ ଓ କଲେଜ କର୍ତ୍ତୃପକ୍ଷ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ କହିଛନ୍ତି, ଆଉ ୧୫ଦିନ ପରେ ପରୀକ୍ଷା ହେବାକୁ ଥିବାବେଳେ କଲେଜରେ ଏପର୍ଯ୍ୟନ୍ତ ପାଠ୍ୟକ୍ରମ ଶେଷ ହୋଇନାହିଁ। ଏଭଳି ସ୍ଥିତିରେ ନୂତନ ବ୍ୟବସ୍ଥା ବିଷୟରେ ଘୋଷଣା କରାଯାଇଛି। ତେଣୁ ପ୍ରଥମ ବର୍ଷ ପରୀକ୍ଷାକୁ ବନ୍ଦ କରାଯାଉ ନଚେତ ଆସନ୍ତା ବର୍ଷରୁ ଲାଗୁ ହେଉ। ଯଦି ପରୀକ୍ଷା କରାଯିବ ତେବେ ସମସ୍ତଙ୍କୁ ପାସ୍ କରାଯାଉ। ଯଦି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହାକୁ ବାତିଲ ନ କରେ ତେବେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ଜୋରଦାର କରାଯିବ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ଛାତ୍ରୀଛାତ୍ର ଭୟଭୀତ ହେବାର କିଛି କାରଣ ନାହିଁ। ଏକ ସ୍ୱତନ୍ତ୍ର ସମୟରେ ପରୀକ୍ଷା ହେବ। ମେ' ମାସରେ ଯେଉଁ ପିଲା ୩୩ ପ୍ରତିଶତ ନମ୍ବର ରଖି ନ ଥିବେ ସେମାନଙ୍କୁ ପୁଣି ଦ୍ୱିତୀୟ ଥର ସୁଯୋଗ ଦିଆଯିବ। କାହାରିକୁ ଫେଲ୍ କରିବାର ଉଦ୍ଦେଶ୍ୟ ଆମର ନୁହେଁ। କାହା କଥାରେ ବିଭ୍ରାନ୍ତ ହୋଇ ରାସ୍ତାକୁ ଓହ୍ଲାଇବା ଠିକ୍ ନୁହେଁ।

ସୂଚନାଯୋଗ୍ୟ, ଗତ ୧୪ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଘୋଷଣା କରିଥିଲା ଯେ, ପିଲାଙ୍କୁ ୭୦ ପ୍ରତିଶତ ଉପସ୍ଥାନ ସହ ଯୁକ୍ତଦୁଇ ପ୍ରଥମ ବର୍ଷ ପରୀକ୍ଷାରେ ୩୩ ପ୍ରତିଶତ ମାର୍କ ରଖିବାକୁ ହେବ, ନ ହେଲେ ସେମାନେ ଦ୍ୱିତୀୟ ବର୍ଷକୁ ଉନ୍ନୀତ ହୋଇପାରିବେ ନାହିଁ। ଯାହାକୁ ଛାତ୍ରୀଛାତ୍ରମାନେ ବିରୋଧ କରୁଛନ୍ତି।

# ଜେଇଇ ମେନ୍‌ରେ ଉଜ୍ଜ୍ୱଳଙ୍କ ସଫଳତା

## ରଖିଛନ୍ତି ୯୯. ୯୯ ପ୍ରତିଶତ

ଭୁବନେଶ୍ୱର, ୨୦।୧(ବ୍ୟୁରୋ)



ଟପ୍ପର ଉଜ୍ଜ୍ୱଳ ଜ୍ୟୋତି ପଣ୍ଡା ।

ନିକଟରେ ପ୍ରକାଶ ପାଇଥିବା ଜେଇଇ ମେନ୍ ପରୀକ୍ଷାରେ ୯୯.୯୯ ପ୍ରତିଶତ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ଓଡ଼ିଶାର ଉଜ୍ଜ୍ୱଳ ଜ୍ୟୋତି ପଣ୍ଡା। ଶତ ପ୍ରତିଶତ ମାର୍କ ରଖିଥିବା ୯ ଛାତ୍ରୀଛାତ୍ରଙ୍କୁ ବାଦ୍ ଦେଲେ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ଟପ୍ପରମାନଙ୍କ ଠାରୁ ସେ ଅଧିକ ନମ୍ବର ରଖିଛନ୍ତି। ଉଜ୍ଜ୍ୱଳ ହେଉଛନ୍ତି ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଜେନେରାଲ ମ୍ୟାନେଜର ବିରଞ୍ଚି ନାରାୟଣ ପଣ୍ଡାଙ୍କ ପୁତ୍ର। ଉଜ୍ଜ୍ୱଳ ଏବେ ରାଜସ୍ଥାନର କୋଟାରେ ଅଧୟନ କରୁଛନ୍ତି। ପୂର୍ବରୁ ସେ ଏନ୍‌ଟିଏସ୍‌ଇ ଏବଂ କେଭିପିୱାଇ ବୃତ୍ତି ପାଇଛନ୍ତି। ଏଥିସହ ସିଙ୍ଗାପୁରରେ ଅନୁଷ୍ଠିତ ଏସ୍‌ଏଏସ୍‌ଏମ୍‌ଓ ପ୍ରତିଯୋଗିତାରେ ଦୁଇଥର ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ୨୫ରେ ପାଳନ ହେବ ଜାତୀୟ ମତଦାତା ଦିବସ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ରାଜଧାନୀସ୍ଥିତ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଜାତୀୟ ମତଦାତା ଦିବସ-୨୦୨୦ର ଚୂଡ଼ାନ୍ତ ପ୍ରାକ୍ ପ୍ରସ୍ତୁତି ବୈଠକ ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ଅଧକ୍ଷତା କରି ଜିଲାପାଳ ରାଉତ କହିଥିଲେ ଯେ, ''ଭୋଟଦାନ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଜାତୀୟ ମତଦାତା ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।'' ବିଶେଷ କରି ଭୋଟଦାନ କ୍ଷେତ୍ରରେ ବୀତସ୍ପୃହ ଯୁବତୀଯୁବକମାନଙ୍କୁ ମତଦାନ ବ୍ୟବସ୍ଥାରେ ଅଧିକରୁ ଅଧିକ ସଂଖ୍ୟାରେ ସାମିଲ କରିବା ପାଇଁ ଚେଷ୍ଟା କରାଯାଉଛି। ସେମାନଙ୍କ ମଧରେ ଭୋଟ ଦେବା ପାଇଁ ଆଗ୍ରହ ସୃଷ୍ଟି କରିବା ଲାଗି ୨୦୧୧ ମସିହା ଜାନୁୟାରୀ ୨୫ ତାରିଖରୁ ଜାତୀୟ ମତଦାତା ଦିବସ ପାଳିତ ହୋଇ ଆସୁଛି। ଖୋର୍ଦ୍ଧା ଜିଲାର ସମସ୍ତ ମତଦାତାଙ୍କୁ ଏ ସଂକ୍ରାନ୍ତରେ ସଚେତନ କରାଇବା ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ଓ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟର ଯୁଗ୍ମ ଆନୁକୂଲ୍ୟରେ ରାଜଧାନୀ ଭୁବନେଶ୍ୱରରେ ଏକ ଭବ୍ୟ ଆୟୋଜନ ଜାନୁୟାରୀ ୨୫ ତାରିଖ ଦିନ (ଜାତୀୟ ମତଦାତା ଦିବସ) କରାଯାଉଛି।

ଏହି ଅବସରରେ ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ଛାତ୍ରୀଛାତ୍ରମାନଙ୍କର ଏକ ବିଶାଳ ରାଲି ସକାଳ ୮ ଘଟିକାରେ ବାହାରି ରାମ ମନ୍ଦିର ଛକ, ପ୍ରଦର୍ଶନୀ ପଡ଼ିଆ, ହାଉସିଂ ବୋର୍ଡ ଛକ ବାଟ ଦେଇ ରବୀନ୍ଦ୍ର ମଣ୍ଡପରେ ପହଞ୍ଚିବ । ଏହି ରାଲିରେ ଏନ୍‌ଏସ୍‌ଏସ୍‌ରୁ ୨୫୦ ଜଣ, ସ୍କାଉଟ୍ ଓ ଗାଇଡ ୨୫୦ଜଣ, କ୍ରୀଡ଼ା ଛାତ୍ରାବାସରୁ ୧୫୦ଜଣ କ୍ରୀଡ଼ାବିତ୍ ପ୍ରମୁଖ ଯୋଗଦାନ କରିବେ । ରବୀନ୍ଦ୍ର ମଣ୍ଡପଠାରେ ଏହି ଉପଲକ୍ଷେ ଏକ ବିରାଟ ଉତ୍ସବ ପୂର୍ବାହ୍ନ ୧୦ ଘଟିକାରେ ଆୟୋଜିତ ହେବ । ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହି ଅବସରରେ ୩୩ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ। ସିଇଓ ସୁଶୀଲ କୁମାର ଲୋହାନି, ଖୋର୍ଦ୍ଧା ଜିଲାପାଳ ପ୍ରମୁଖ ଏଥିରେ ବିଶିଷ୍ଟ ଅତିଥି ଭାବେ ଯୋଗଦେବେ । ବୈଠକରେ ଅତିରିକ୍ତ ଜିଲାପାଳ, ଯୁଗ୍ମ ନିର୍ବାଚନ ଅଧିକାରୀ ଓ ଅନ୍ୟ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ରଖିଥିଲେ ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

ଭୁବନେଶ୍ୱର,୨୦।୧(ବ୍ୟୁରୋ)




ସୁନୀଲଙ୍କ ପରିବାର ସମେତ ଅନ୍ୟମାନେ ଥାନା ଘେରାଉ କରିଛନ୍ତି ।

## କାର୍ ଚାଳକଙ୍କୁ ହତ୍ୟା ଘଟଣା

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ କାର୍ ଚାଳକ ସୁନିଲ ସେଠୀଙ୍କ ସନ୍ଦେହଜନକ ମୃତଦେହ ମିଳିବା ଘଟଣାରେ ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି। ସୋମବାର ବ୍ରହ୍ମଗିରି ଗଡରୋଡଙ୍ଗ ଅଞ୍ଚଳର ସୁନିଲଙ୍କ ପରିବାର ଲୋକଙ୍କ ସମେତ ଶତାଧିକ ସମର୍ଥକ ଏବଂ ସାମାଜିକ ଅନୁଷ୍ଠାନ ୟୁନିଭର୍ସାଲ ବୁଦ୍ଧ ଫାଉଣ୍ଡେଶନର ସଦସ୍ୟମାନେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବି ନେଇ ପଦଯାତ୍ରାରେ ପହଞ୍ଚି ଚନ୍ଦ୍ରଶେଖରପୁର ଥାନା ଘେରାଉ କରିଥିଲେ।

ସୁନିଲଙ୍କ ପିତା ବାବାଜୀ ସେଠୀ ଅଭିଯୋଗ କରିଛନ୍ତି, ଗତ ଡିସେମ୍ବର ୧ରେ ସୁନିଲଙ୍କ ମୃତଦେହ ଚନ୍ଦ୍ରଶେଖରପୁରସ୍ଥ ବର୍ଷାଭିଲ୍ଲା ଆପାର୍ଟମେଣ୍ଟ ପାଖରେ ଥିବା ମନୋହର ଖାଁଙ୍କ ବାସଭବନ ପାଚେରି ନିକଟରୁ ମିଳିଥିଲା। ସୁନିଲ ପୁରୀର ଗାଡ଼ି ମାଲିକ ଅମିତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ମନୋହର ଖାଁ ଏବଂ ତାଙ୍କ ଝିଅଙ୍କୁ ନେଇ ଭୁବନେଶ୍ୱର ଆସିଥିଲେ। ଗତ ଡିସେମ୍ବର ୨ତାରିଖରେ ସୁନିଲଙ୍କ ମୃତ୍ୟୁ ନେଇ ତାଙ୍କ ପରିବାର ଲୋକେ ଖବର ପାଇଲେ। ସେମାନେ ଏ ନେଇ ମନୋହରଙ୍କୁ ପଚାରିବାରୁ ସୁନିଲ ଗାଡ଼ି ରଖିଦେଇ କୁଆଡ଼େ ଯାଇଛି, ମୁଁ ଜାଣିନାହିଁ ବୋଲି କହିଥିଲେ। ଏହି ହତ୍ୟାକାଣ୍ଡରେ ମନୋହର, ତାଙ୍କ ପୁଅ ଏସ୍. ଖାଁ, ଗାଡ଼ି ମାଲିକ ଏବଂ ତାଙ୍କ ସହଯୋଗୀମାନେ ସମ୍ପୃକ୍ତ ଥିବା ଅଭିଯୋଗ କରିଛନ୍ତି ସୁନିଲଙ୍କ ପରିବାର। ଗତ ଡିସେମ୍ବର ୩ରେ ଚନ୍ଦ୍ରଶେଖରପୁର ଥାନାରେ ଏତଲାରେ ଉଲ୍ଲେଖ ହୋଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ କିମ୍ବା ପୋଷ୍ଟମର୍ଟମ ରିପୋର୍ଟ ମିଳିନାହିଁ। ଏହାର ପ୍ରତିବାଦରେ ବ୍ରହ୍ମଗିରି ଗଡରୋଡଙ୍ଗ ଅଞ୍ଚଳର ସୁନିଲଙ୍କ ପରିବାର ଲୋକଙ୍କ ସମେତ ଶତାଧିକ ସମର୍ଥକ ଏବଂ ସାମାଜିକ ଅନୁଷ୍ଠାନ ୟୁନିଭର୍ସାଲ ବୁଦ୍ଧ ଫାଉଣ୍ଡେଶନର ସଦସ୍ୟମାନେ ଭୁବନେଶ୍ୱର ଡ଼ମଣା ଛକଠାରୁ ଚନ୍ଦ୍ରଶେଖର ଥାନା ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇ ଥାନା ଘେରାଉ କରିଥିଲେ। ଜୋନ-୬ ଏସିପି ପ୍ରକାଶ ଚନ୍ଦ୍ର ପାଲ ଓ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ୭ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଏସ୍.ସି. ନିର୍ଯାତନା ଆଇନ୍ ଲାଗୁ କରିବା ଏବଂ ମୃତକଙ୍କ ପରିବାରକୁ ଉଚିତ୍ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ମିଳିବା ପରେ ଘେରାଉ ପ୍ରତ୍ୟାହାର କରାଯାଇଥିଲା। ପ୍ରତିଶ୍ରୁତି ପାଳନ ନ ହେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

### ଜୟକୃଷ୍ଣ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ

ବାଲିଅନ୍ତା,୨୦।୧(ଡି.ଏନ.ଏ.)

ଭୁବନେଶ୍ୱର ମହାନଗର ନିଗମର ୧୮ନଂ ୱାର୍ଡ ଅଧୀନ ପାଣ୍ଡରା ଗ୍ରାମର ଜୟକୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମା' ଶ୍ମଶାନେଶ୍ୱରୀ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖ ଖେଳପଡ଼ିଆରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ସାମାଜିକ କର୍ମୀ ଯଜ୍ଞାଶିଷ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ଭଗବାନ ସୁବୁଦ୍ଧି, ପ୍ରମୋଦ ଭୋଇ, ସୁଶାନ୍ତ କୁମାର ପ୍ରଧାନ, ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ କୋରଡକଣ୍ଟାର ଡାଇମଣ୍ଡ କ୍ରିକେଟ କ୍ଲବ ବିଜୟୀ ହୋଇଥିଲା। ପ୍ରଥମେ ଡାଇମଣ୍ଡ କ୍ଲବ ବ୍ୟାଟିଂ କରି ୧୨ଓଭରରେ ୬ଉଇକେଟ ହରାଇ ୧୨୩ରନ କରିଥିଲା। ଏହାର ଜବାବରେ ରସୁଲଗଡ଼ର ଆରସିସି ଦଳ ୧୨ଓଭରରେ ୮ଉଇକେଟ ହରାଇ ୯୦ରନ କରିବାକୁ ସକ୍ଷମ ହୋଇପାରିଥିଲା। ଉତ୍ସବ ଶେଷରେ ଅତିଥିମାନେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ ସହ ରନର୍ସ ଅପ ଶୁଭେଚ୍ଛା ଜଣାଇଥିଲେ।

# ବସ୍ତି ଉଚ୍ଛେଦ ବିରୋଧରେ ପ୍ରତିବାଦ ସଭା

ଭୁବନେଶ୍ୱର, ୨୦।୧ (ବ୍ୟୁରୋ)

ଭୁବନେଶ୍ୱର ବସ୍ତି ସୁରକ୍ଷା ମଞ୍ଚ ଆହ୍ୱାନରେ ଫାର୍ମଗେଟ ବସ୍ତି ଉଛେଦ ବିରୋଧରେ ସୋମବାର ଅପରାହ୍ନରେ ମାଷ୍ଟର କ୍ୟାଣ୍ଟିନରେ ପ୍ରତିବାଦ କରାଯାଇଛି। ବସ୍ତିର ସମସ୍ତ ପରିବାରଙ୍କୁ ସରକାର ଜମିପଟ୍ଟା ପ୍ରଦାନ କରିଛନ୍ତି। ଏହା ସତ୍ତ୍ୱେ ବସ୍ତି ଲୋକଙ୍କୁ ବିନା ଥଇଥାନରେ ବସ୍ତି ଉଚ୍ଛେଦ କରାଯାଉଛି। ସରକାର ନିଜେ କରିଥିବା ବସ୍ତି ଆଇନ କାର୍ଯ୍ୟକାରୀ ଏବଂ ଉଚ୍ଛେଦ ପୂର୍ବରୁ ଉପଯୁକ୍ତ ଥଇଥାନ ଦାବିରେ ତଥା ଗରିବଙ୍କୁ ପ୍ରତାରଣା ପ୍ରତିବାଦରେ ଏହି ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି।

ଏଥିରେ ବସ୍ତି ସୁରକ୍ଷା ମଞ୍ଚର ସାଧାରଣ ସମ୍ପାଦିକା ପ୍ରମିଳା ବେହେରା, ଉପଦେଷ୍ଟା ଆଇନଜୀବୀ ବିଶ୍ୱପ୍ରିୟ କାନୁନଗୋ, ସିପିଆଇ(ଏମ୍‌ଏଲ୍) ରେଡ୍ ଷ୍ଟାରର ରାଜ୍ୟ ସମ୍ପାଦକ ଶିବରାମ୍, ମାନାଧୀକାର କର୍ମୀ ତଥା ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନର ଆବାହକ ନରେନ୍ଦ୍ର ମହାନ୍ତି, ଆଇନଜୀବୀ ବିଜୟ ପଣ୍ଡା, ବସ୍ତି ନେତା ସରୋଜ ଦାସ, ନାରାୟଣ ଲେଙ୍କା, ବଟକୃଷ୍ଣ ରାଉତ, ଅମୂଲ୍ୟ ସେଠୀ, ମହିଳା ନେତ୍ରୀ ରାଧାରାଣୀ ମହାରଣା ପ୍ରମୁକ ଉପସ୍ଥିତ ଥିଲେ। ସରକାରଙ୍କ ବସ୍ତି ବିରୋଧୀ ନୀତିକୁ ସେମାନେ ଦୃଢ ନିନ୍ଦା କରିଥିଲେ।

# ପଣ୍ଡକୁଦିଆ ବସ୍ତିକୁ ଗଲେ ୧୧୦ ପରିବାର

## ଆଲୋଚନା ପରେ ବସ୍ତି ଛାଡିଲେ, ଘର ନିର୍ମାଣ ପାଇଁ ମିଳିଲା ୩୫ହଜାର

ଭୁବନେଶ୍ୱର, ୨୦।୧ (ବ୍ୟୁରୋ)

ବିରୋଧ, ପ୍ରତିବାଦ ଓ ଉତ୍ତେଜନାର ଘଟିଲା ଅନ୍ତ। ସ୍ଥାନାନ୍ତରିତ ହେଲେ ଓୟୁଏଟି ଫାର୍ମଗେଟ୍ ବସ୍ତିବାସିନ୍ଦା। ନିଜ ହାତରେ ନିଜ ଘରକୁ ଭାଙ୍ଗିବା ସହ ଘରର ଆସବାବପତ୍ରକୁ ନେଇ ପଣ୍ଡା କୁଦିଆ ବସ୍ତିକୁ ସ୍ଥାନାନ୍ତରିତ ହେଲେ ବସ୍ତିର ୧୧୦ ପରିବାର। ଘର ନିର୍ମାଣ ସହ ଦୈନିକ ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ବିଏମ୍‌ସି ରାଜି ହେବାରୁ ଉଚ୍ଛେଦ ପାଇଁ ରାଜି ହୋଇ ଫାର୍ମଗେଟ୍ ବସ୍ତି ବାସିନ୍ଦା ସୋମବାର ବସ୍ତି ଛାଡିଥିବା ବିଡିଏ ପକ୍ଷରୁ ସୂଚନା ମିଳିଛି। ବିଡିଏ, ବିଏମ୍‌ସି ଓ କମିଶନରେଟ ପୋଲିସ୍‌ର ମିଳିତ ଟିମ୍ ବସ୍ତି ଛାଡିବା ପରେ ପାଖାପାଖି ୩୦ଟି ଘରକୁ ଭାଙ୍ଗିଛି। ମଙ୍ଗଳବାର ବାକିଥିବା ଅନ୍ୟ ଘରକୁ ଭାଙ୍ଗିବ ବାଲି ଏକ ବିବୃତ୍ତିରେ ପ୍ରକାଶ କରିଛି।

ବସ୍ତିବାସିନ୍ଦାଙ୍କୁ ଘରକରିବା ପାଇଁ ୩୫ ହଜାର ଟଙ୍କା ଓ ଖାଦ୍ୟ ଦେବାକୁ ବିଏମ୍‌ସି ରାଜି ହେବା ପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନ୍‌ଫୋର୍ସମେଣ୍ଟ ଆଡିଶନାଲ କମିଶନର ବିଏମ୍‌ସି ଅବନୀ ପଟ୍ଟନାୟକ କହିଛନ୍ତି, ବସ୍ତିର ମୋଟ ୧୧୦ ପରିବାରଙ୍କୁ ସ୍ଥାନାନ୍ତର କରାଯିବ। ସେଥିମଧରୁ ୧୦୪ ଜଣଙ୍କୁ ବର୍ତ୍ତମାନ ସୁଦ୍ଧା ଘର ନିର୍ମାଣ କରିବାକୁ ବକେୟା ରାଶିର ଟୋକନ୍ ସହ ଚେକ୍ ଦିଆସରିଥିବା ବେଳେ ଘର କରିବା ଲାଗି ସ୍ଥାନ ଚିହ୍ନଟ କରାଯାଇଛି। ଆଗାମୀ ଦିନରେ ସେମାନେ ଉକ୍ତ ଚେକ୍‌କୁ ବ୍ୟାଙ୍କରେ ଲଗାଇ ଅର୍ଥ ଉଠାଇ ଘର କରିବେ। ସେପର୍ଯ୍ୟନ୍ତ ବିଏମ୍‌ସି ତାଙ୍କୁ ରନ୍ଧା ଖାଦ୍ୟ ଯୋଗାଇଦେବ। ବିମାନ ବନ୍ଦରର ରନ୍‌ୱେ କାରପେଟିଂକୁ ସମ୍ପ୍ରସାରିତ କରିବା ଲାଗି ନିର୍ଦ୍ଦେଶ ଆସିଥିବାରୁ ଗଣ୍ଡମୁଣ୍ଡା ବସ୍ତି ଓ ଫାର୍ମଗେଟ୍ ବସ୍ତିକୁ ଉଚ୍ଛେଦ କରିବା ଲାଗି ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା, ଯାହାକି ଆଜି ପୂରଣ ହୋଇଛି ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଦିନେ ପ୍ରଚାର ଓ ଦିନେ ଉଚ୍ଛେଦ ପାଇଁ ଯାଇ ଉଚ୍ଛେଦ ଦଳ ଫେରିଥିଲା। ପିଲାଙ୍କ ପରୀକ୍ଷା ଥିବା ବାହାନା ଦେଖାଇ ଉଚ୍ଛେଦ ନ କରିବା ପାଇଁ ବସ୍ତିବାସିନ୍ଦା ଉଚ୍ଛେଦ ଦଳକୁ ଘେରିଥିଲେ। ହେଲେ ସୋମବାର ପୋଲିସ ଓ ଉଚ୍ଛେଦ ଅଧିକାରୀଙ୍କ ସହ ଆଲୋଚନା ପରେ ସେମାନେ ସ୍ଥାନାନ୍ତର ହେବାକୁ ରାଜି ହୋଇଥିଲେ। ପରେ ଉଚ୍ଛେଦ ଦଳ ଦ୍ୱାରା ମଧ୍ୟାହ୍ନରେ ସେମାନଙ୍କୁ ସ୍ଥାନାନ୍ତର କରିବା ପ୍ରକ୍ରିୟା କରାଯାଇଥିଲା। ସନ୍ଧ୍ୟାରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉଚ୍ଛେଦରେ ବିଡିଏ ଆଡିଶନାଲ କମିଶନର ତଥା ଏନ୍‌ଫୋର୍ସମେଣ୍ଟ ଅଧିକାରୀ ହରିଶଚନ୍ଦ୍ର ନାୟକ, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ୨ ପ୍ରମୋଦ ପାତ୍ର, ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଜୋନ ଏସିପି ପ୍ରାଣକୃଷ୍ଣ ରାଉତ, ଖଣ୍ଡଗିରି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କ ସହ ୪ଜଣ ଇନ୍‌ସ୍ପେକ୍ଟର ଓ ୪ପ୍ଲାଟୁନ୍ ପୋଲିସ୍ ଫୋର୍ସଙ୍କ ସହ ୨ପ୍ଲାଟୁନ୍ ମହିଳା ପୋଲିସ୍ ଫୋର୍ସ ଏବଂ ବିଡିଏ, ବିଏମ୍‌ସିର ଅନ୍ୟ ଉଚ୍ଛେଦ ଦଳ ଉପସ୍ଥିତ ଥିଲେ।

# ଏକ ନମ୍ବର ମାର୍କେଟ୍ ବାହାରେ ପାର୍କିଂ ମନା

ଭୁବନେଶ୍ୱର,୨୦।୧(ବ୍ୟୁରୋ):



ଏକ ନମ୍ବର ମାର୍କେଟ ନିକଟରେ ଥିବା ଏକ ଉଠା ଦୋକାନୀକୁ ଉଚ୍ଛେଦ କରାଯାଉଛି ।

ରାଜଧାନୀର ଏକ ନମ୍ବର ହାଟ ବାହାରେ ଏକାଧିକ ଗାଡି ପାର୍କିଂ କରାଯାଉଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଟ୍ରାଫିକ ପୋଲିସର ମିଳିତ ଉଦ୍ୟମରେ ଏହି ସମସ୍ୟାର ସମାଧାନ ବାଟ ବାହାର କରାଯାଇଛି। ଏକ ନମ୍ବର ହାଟ ବାହାରେ ଆଉ ବାଇକ୍ ପାର୍କିଂ କରାଯାଇପାରିବ ନାହିଁ। ଯଦି କେହି ବାଇକ ପାର୍କିଂ କରିବେ, ତେବେ ସେମାନେ ଅଡୁଆରେ ପଡ଼ିବେ। ସେମାନଙ୍କ ବାଇକ ଜବତ କରାଯିବା ସହ ମୋଟା ରକମ ଜରିମାନା ଆଦାୟ କରାଯିବ। କେବଳ ସିଙ୍ଗଲ ଲେନ୍‌ରେ ଚାରିଚକିଆ ଯାନ ରହିବା ସହ ସେ ସବୁ ଗାଡିକୁ ୪୫ ଡ଼ିଗ୍ରୀ କୋଣ କରି ପାର୍କିଂ କରାଯିବ। ବାଇକ୍‌ଗୁଡିକୁ ରଖିବା ପାଇଁ କ୍ୟାପିଟାଲ ଥାନା ପାଖରେ ଏକ ସ୍ୱତନ୍ତ୍ର ପାର୍କିଂ ସ୍ଥଳ କରାଯାଇଛି। ସେହିପରି ମାର୍କେଟ ଭିତରେ ଗଣେଶ ମଣ୍ଡପ ପଛପଟେ ଥିବା ସାଇକେଲ ପାର୍କିଂ ସ୍ଥାନକୁ ମଧ ବାଇକ୍ ପାର୍କିଂ ପାଇଁ ଚିହ୍ନଟ କରାଯାଇଛି। ଉକ୍ତ ସ୍ଥାନର ପରିସୀମାକୁ ବିଏମ୍‌ସି ପକ୍ଷରୁ ମାପ କରାଯାଇ ବୃଦ୍ଧି କରାଯିବ। ଏହାପରେ ସେଠାରେ ବାଇକ ପାର୍କିଂ କରାଯିବ ବୋଲି ଟ୍ରାଫିକ ଡିସିପି ସାଗରିକା ନାଥ ସୂଚନା ଦେଇଛନ୍ତି।

ସେହିପରି ଟ୍ରାଫିକ୍ ଜାମ୍‌କୁ ଦୃଷ୍ଟିରେ ରଖି ସୋମବାର ଅପରାହ୍ନରେ ରାଜମହଲ ଛକରୁ ଏଜି ଛକ ପର୍ଯ୍ୟନ୍ତ ରାସ୍ତାକଡ଼ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଛି। ମଙ୍ଗଳବାର ମଧ ଉଚ୍ଛେଦ କାର୍ଯ୍ୟ ଜାରି ରହିବ। ଅନ୍ୟପକ୍ଷରେ ୟୁନିଟ୍-୧ରୁ ୟୁନିଟ୍-୨ ମାର୍କେଟକୁ ଯିବାକୁ ହେଲେ ଲୋକେ ରାସ୍ତାପାର ହୋଇଯାଉଥିଲେ। ଫଳରେ ଦୁର୍ଘଟଣା ହେବାସହ ଟ୍ରାଫିକ ଜାମ୍ ସମସ୍ୟା ସୃଷ୍ଟି ହେଉଥିଲା। ତେଣୁ ରାସ୍ତା ପାରି ହେଉଥିବା ସ୍ଥାନକୁ ବନ୍ଦ କରାଯିବ। ଲୋକମାନେ ଭୂତଳ ରାସ୍ତାକୁ ବହୁଳଭାବେ ବ୍ୟବହାର କରିବା ପାଇଁ ଡିସିପି ସାଗରିକା ପରାମର୍ଶ ଦେଇଛନ୍ତି।

ସେହିପରି ବାପୁଜୀ ନଗର ପାଇଁ ୱାନ୍ ୱେ ଯୋଜନା କରାଯାଇଛି। କିଭଳି ପ୍ରବେଶ ଓ ପ୍ରସ୍ଥାନ ଗେଟ ରହିବ ଏବଂ ଗାଡିଗୁଡିକ କେଉଁ ସ୍ଥାନରେ ପାର୍କିଂ କରାଯିବ ସେନେଇ ସୋମବାର ଟ୍ରାଫିକ ପୋଲିସ, ବିଏମ୍‌ସି ଅଧିକାରୀ ଏବଂ ସ୍ଥାନୀୟ ବ୍ୟବସାୟୀ ସଂଘ କର୍ମକର୍ତ୍ତା ସ୍ଥାନ ପରିଦର୍ଶନ କରିଥିଲେ। ବାପୁଜୀନଗର ଭିତରେ ୩ ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଛି। ତାହାକୁ ମଧ ବିଏମ୍‌ସି ଅମିନ ମାପ କରିଛନ୍ତି। ଏହାସହ କଳ୍ପନା ଛକରୁ ଆସୁଥିବା ଗାଡ଼ିଚାଳକମାନେ ବାପୁଜୀ ନଗର ଭିତରକୁ ପଶିବା ପାଇଁ ଗୋଟିଏ ଗେଟ୍ କରାଯିବ। ଏହା ୱାନ୍ ୱେ କରାଯାଇ ଶିଶୁଭବନ ଛକ ପର୍ଯ୍ୟନ୍ତ ଯିବ। ସେହିପରି ବାପୁଜୀନଗରରୁ ବାହାରିବା ପାଇଁ ଅନ୍ୟଏକ ଗେଟ୍ କରାଯିବ। ରାଜମହଲରୁ ଶିଶୁଭବନ ପର୍ଯ୍ୟନ୍ତ ବାପୁଜୀନଗର ଭିତରକୁ ଯିବା ପାଇଁ ୮ଟି ଲେନ୍ ରହିଛି। ଏଥିରୁ କେଉଁ ଲେନ୍ ବନ୍ଦ ହେବ ଓ କେଉଁଟା ଖୋଲା ରହିବ ସେନେଇ ଆଗାମୀ ଦିନରେ ନିଷ୍ପତ୍ତି ନିଆଯିବ ବୋଲି ଟ୍ରାଫିକ ପୋଲିସ ପକ୍ଷରୁ କୁହାଯାଇଛି। ଏହାସହ ଖୁବ୍‌ଶୀଘ୍ର ବାପୁଜୀନଗର ପ୍ରବେଶ ପଥ କଡ଼ରେ ଥିବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରାଯିବ ବୋଲି ଜଣାପଡିଛି।

# ଭୋଲା ଭଗତଙ୍କୁ ମିଳିଲାନି ଜାମିନ

**ଦୀପୁ, ଓମ୍ ହତ୍ୟା ମାମଲା**

■ତ୍ୱରିତ ଶୁଣାଣି ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ,୨୦।୧:** ଧଳସାମନ୍ତ ଭ୍ରାତାଙ୍କ ଅନ୍ୟତମ ସହଯୋଗୀ ଭାବେ ଗିରଫ ହୋଇଥିବା ଭୋଲା ଭଗତଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ଦୀପୁ, ଓମ୍ ହତ୍ୟା ମାମଲାରେ ଭୋଲାଙ୍କ ସମ୍ପୃକ୍ତି ନେଇ ପୋଲିସ ତାଙ୍କୁ ଗିରଫ କରିଥିଲା। ଭୋଲାଙ୍କ ଜାମିନ ଆବେଦନକୁ ଖାରଜ କରିବା ସହିତ ନିମ୍ନ ଅଦାଲତରେ ଏ ସମ୍ପର୍କରେ ଚାଲିଥିବା ମାମଲାର ତ୍ୱରିତ ଶୁଣାଣି ପାଇଁ ନିମ୍ନ ଅଦାଲତକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ଭୋଲାଙ୍କୁ ପୋଲିସ ୨୦୧୬ ମାର୍ଚ୍ଚରେ ଗିରଫ କରିଥିଲା। ଅନ୍ୟପକ୍ଷରେ ଦୀପୁ, ଓମ୍ ହତ୍ୟା ମାମଲାର ଶୁଣାଣି ଜିଲା ଦୌରାଜଜ୍ଙ୍କ କୋର୍ଟରେ ସୋମବାର ହୋଇଥିଲା। ଏଥିରେ ଓମ୍ଙ୍କ ବାପା ମହାଦେବ ସ୍ୱାଇଁଙ୍କୁ ଜେରା କରାଯାଇଥିଲା। ଶୁଣାଣି ସମୟରେ ସୁଶୀଲ ଏବଂ ସୁଶାନ୍ତ ଧଳସାମନ୍ତ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇଥିଲେ।

# ଏସ୍‌ସିବି ପ୍ରସୂତି ରୋଗ ବିଭାଗ ହେବ ସେଣ୍ଟର ଅଫ ଏକ୍ସିଲେନ୍ସ

**କଟକ ଅଫିସ, ୨୦।୧**

**ଖୁବ୍‌ଶୀଘ୍ର ଆରମ୍ଭ ହେବ ସ୍କିଲ୍ ଲ୍ୟାବ୍**

ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ ଉତ୍କର୍ଷ ପ୍ରତିଷ୍ଠାନ ବା ସେଣ୍ଟର ଅଫ ଏକ୍ସିଲେନ୍ସ ମାନ୍ୟତା ପାଇବ। ୨୧୦ ବେଡ୍ ବିଶିଷ୍ଟ ଏହି ବିଭାଗରେ ଏବେ ବିଇଏମ୍ଓସି, ଇଏମ୍ଓସି, ଦକ୍ଷତା, ନବଜାତ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଓ ଲାଇଫ ସେଭିଂ ଆନାସ୍ଥେସିଆ ସ୍କିଲ ତାଲିମ କାର୍ଯ୍ୟକ୍ରମ କରାଯାଉଛି। ଏଥିସହିତ ଉକ୍ତ ବିଭାଗରେ ଏକ ସ୍କିଲ ଲ୍ୟାବ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ଫେବୃୟାରୀ ପ୍ରଥମ ସପ୍ତାହରେ ଏହି ଲ୍ୟାବ୍ ଉଦ୍‌ଘାଟନ ହେବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟତଃ ଡାକ୍ତର ଓ ମେଡିକାଲ କର୍ମଚାରୀମାନଙ୍କୁ ବର୍ତ୍ତମାନ ମାନିକୁଇନ (କଣ୍ଢେଇ) ସାହାଯ୍ୟରେ ତାଲିମ ଦିଆଯାଉଛି। କିଭଳି ପ୍ରସବ କରାଯିବ, ମା'ମାନଙ୍କୁ ସ୍ତନ୍ୟପାନ ତାଲିମ ସହିତ ବିଭିନ୍ନ ସ୍ତ୍ରୀ ରୋଗ ସମ୍ପର୍କିତ ତାଲିମ ଦିଆଯାଉଛି। ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ଏହି ଲ୍ୟାବ୍ ଉପଯୋଗୀ ହେବ ବୋଲି ହସ୍ପିଟାଲ ମ୍ୟାନେଜର ସୌମ୍ୟା ମହାନ୍ତି କହିଛନ୍ତି। ମହାନ୍ତିଙ୍କ କହିବା ଅନୁଯାୟୀ, ପ୍ରତିଦିନ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ୫୫ରୁ ୬୦ ଜଣ ମହିଳା ପ୍ରସବ କରୁଛନ୍ତି। ଏହି ହାରରେ ମାସିକ ୧ହଜାରରୁ ଅଧିକ ମହିଳା ଏଠାରେ ପ୍ରସବ କରୁଥିବା ରେକର୍ଡ କହୁଛି। ପ୍ରସୂତି ବିଭାଗକୁ ଲାଗି କରି ୨୪ ବେଡ୍ ବିଶିଷ୍ଟ ଏସ୍‌ଏନ୍‌ସିୟୁ ରହିଛି। ଏବେ ଏସ୍‌ଏନ୍‌ସିୟୁ ବେଡ୍ ବୃଦ୍ଧି ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦୂରଦୂରାନ୍ତରୁ ଆସୁଥିବା ମହିଳାମାନଙ୍କର ସହଜ ପ୍ରସବ ଓ ପ୍ରସବକାଳୀନ ବ୍ୟବହାର ଉପରେ ମଧ୍ୟ ଧ୍ୟାନ ଦିଆଯାଉଛି। ଏବେ ପ୍ରସୂତି ରୋଗ ବିଭାଗ ଅତ୍ୟନ୍ତ ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟ କରୁଥିବା ମହାନ୍ତି ସୂଚନା ଦେଇଛନ୍ତି। ତେବେ ଉକ୍ତ ବିଭାଗକୁ ସେଣ୍ଟର ଅଫ ଏକ୍ସଲେନ୍ସ କରିବା ପାଇଁ ଉଦ୍ୟମ ହେଉଥିବାବେଳେ ଅନେକ ସମୟରେ ଏଠାକୁ ପ୍ରସବ ନିମନ୍ତେ ଆସୁଥିବା ମହିଳାମାନଙ୍କୁ ଉପଯୁକ୍ତ ସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ଏପରି କି ଠିକ୍ ସମୟରେ ସେବା ନ ମିଳିବାରୁ ମହିଳାମାନଙ୍କ ମୃତ୍ୟୁ ଘଟିଥିବା ନେଇ ମାନବାଧିକାର କମିଶନରେ ମାମଲା ରୁଜୁ ହୋଇଛି। ଏତେ ସବୁ ବ୍ୟବସ୍ଥା ପରେ ମଧ୍ୟ ଏଠାରେ ପ୍ରତି ମାସରେ ପ୍ରସବ ସମୟରେ ୬ରୁ ୭ ଜଣ ମହିଳାଙ୍କ ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। ତେବେ ଏହି ମୃତ୍ୟୁ ହାରରେ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ ଚାଲିଥିବା ମହାନ୍ତି କହିଛନ୍ତି। ଅବସରପ୍ରାପ୍ତ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ପ୍ରଫେସର ଡା. ଶ୍ୟାମା କାନୁନ୍‌ଗୋଙ୍କ କହିବା ଅନୁଯାୟୀ, ବିଶ୍ୱବ୍ୟାପୀ ପ୍ରସବ ସମୟରେ ହାରାହାରି ୧୫ ପ୍ରତିଶତ ମହିଳାଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଥାଏ। କାରଣ ଗର୍ଭଧାରଣ ସମୟରେ କେତେକ ଜଟିଳତା ହିଁ ଏହାର କାରଣ ପାଲଟିଥାଏ। ସମ୍ପ୍ରତି ଏସ୍‌ସିବି ମେଡିକାଲରେ ଅନେକ ତାଲିମ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଯାହା ଉଭୟ ମାତୃ ଓ ଶିଶୁ ମୃତ୍ୟୁକୁ ରୋକିବାରେ ସକ୍ଷମ ହୋଇପାରିବ। ମେଡିକାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରାଙ୍କ କହିବା ଅନୁଯାୟୀ, ଏସ୍‌ସିବି ମେଡିକାଲରେ ଚିକିତ୍ସାର ମାନ ବୃଦ୍ଧି ପାଇଁ ଅନେକ ଯୋଜନା ହାତକୁ ନିଆଯାଇଛି। ସେଥିମଧ୍ୟରୁ ପ୍ରସୂତି ରୋଗ ବିଭାଗରେ ବେସିକ୍ ଆଣ୍ଡ ଇମରଜେନ୍ସି ଅବଷ୍ଟେଟ୍ରିକ କେୟାର ଉପରେ ଅଧିକ ଧ୍ୟାନ ଦିଆଯାଉଛି। ସ୍କିଲ ଲ୍ୟାବ୍ ପ୍ରତିଷ୍ଠା ଦ୍ୱାରା ଅନେକ ଜଟିଳତାର ସମାଧାନ କରାଯାଇପାରିବ।

# ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍

**କଟକ ଅଫିସ, ୨୦।୧:** ବଳାତ୍କାର ମାମଲାରେ ଜଣେ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ୧୦ ବର୍ଷ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ମସିହାରେ କଟକ ଜିଲା ଟାଙ୍ଗୀ ଥାନା ଅଞ୍ଚଳର ଜଣେ ପୀଡିତା ଘରେ ଏକୁଟିଆ ଥିଲେ। ସେହି ସମୟରେ ଉକ୍ତ ଅଞ୍ଚଳର ଅଭିଯୁକ୍ତ କୁନା ଭୋଇ ତାଙ୍କୁ ବଳାତ୍କାର କରିଥିଲେ। ପରବର୍ତ୍ତୀ ସମୟରେ ପୀଡ଼ିତା ଜଣକ ଗର୍ଭବତୀ ହୋଇଥିବା ଜଣାପଡିଥିଲା। ଏ ସମ୍ପର୍କରେ ପୀଡିତାଙ୍କ ବାପା ଟାଙ୍ଗୀ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ କରି କୁନାଙ୍କୁ ଗିରଫ କରିଥିଲା। ଏହି ମାମଲାରେ ମୋଟ୍ ୧୭ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ବନ୍ଦନା କର କୁନାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନ ଖାରଜ

**କଟକ ଅଫିସ,୨୦।୧**

**କ୍ୟୁନେଟ୍ ଚିଟ୍‌ଫଣ୍ଡ ଠକେଇ ମାମଲା**

କ୍ୟୁନେଟ୍ ଚିଟ୍‌ଫଣ୍ଡ ସଂସ୍ଥାର ୪ ଜଣ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ଏହି ୪ ଜଣ ହେଲେ ସଂସ୍ଥାର ଭାରତ ରଘୁବଂଶୀ, ରଶ୍ମିରଞ୍ଜନ ମଲ୍ଲିକ, ପ୍ରଶାନ୍ତ କୁମାର ମହାନ୍ତି ଓ ରବୀନ୍ଦ୍ର କୁମାର। ହାଇକୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ସେମାନଙ୍କ ଗିରଫ ଆଶଙ୍କା ବଢ଼ିଯାଇଛି। ସୂଚନାଥାଉ କି, କ୍ୟୁନେଟ୍ ଚିଟ୍‌ଫଣ୍ଡ ସଂସ୍ଥା ଅଧିକ ସୁଧ ଆଶା ଦେଖାଇ ଜମାକାରୀଙ୍କଠାରୁ ଟଙ୍କା ଜମା ରଖୁଥିଲା। ୫ ବର୍ଷରେ ୫ ଲକ୍ଷ ଟଙ୍କା ବହୁ କୋଟି ହେବ ବୋଲି ଲୋଭ ଦେଖାଇ ଲୋକଙ୍କଠାରୁ ଟଙ୍କା ଠକି ନେଇଥିଲା। ଏହି ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ସଂସ୍ଥାର ୭ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ୩ ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ଅନ୍ୟ ୪ ଜଣ ଆଗୁଆ ଜାମିନ ପାଇଁ ହାଇକୋର୍ଟକୁ ଆସି ନିରାଶ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ଆଡଭୋକେଟ ବିବେକାନନ୍ଦ ଭୂୟାଁ ମାମଲା ପରିଚାଳନା କରୁଛନ୍ତି।

# 'ମିଷ୍ଟର ଓଡ଼ିଶା' ବଡିବିଲ୍ଡିଂ ପାଇଁ ଖେଳାଳି ଚୟନ

**ଭୁବନେଶ୍ୱର, ୨୦।୧(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସିନିୟର ବଡିବିଲ୍ଡିଂ ଚାମ୍ପିୟନଶିପ୍ 'ମିଷ୍ଟର ଓଡ଼ିଶା' ପାଇଁ ପୁରୁଣା ଭୁବନେଶ୍ୱରସ୍ଥିତ ବଉଳଗଡ଼ ଜିମ୍ନାସିୟମରେ ଭୁବନେଶ୍ୱର ଜିଲା ଦଳ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱରର ବିଭିନ୍ନ ଜିମ୍ନାସିୟମ ଓ କ୍ଲବରୁ ୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ସଂଘର ନିୟମ ଅନୁସାରେ ବିଭିନ୍ନ ଓଜନ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ସୋନୁ ଶ୍ରେଷ୍ଠ, ବିଚିତ୍ର ନାୟକ, ଜଗନ୍ନାଥ ଖୁଣ୍ଟିଆ, ଓମ୍‌କାର ଦାସ ମହାପାତ୍ର, ସୌମ୍ୟରଞ୍ଜନ ସେଠୀ, ନରେଶ ନାୟକ, ଅଭିଷେକ ଆଚାର୍ଯ୍ୟ, ଅବୁବରକର ଖାଁ ଏବଂ ମହିଳା ଫିଟ୍‌ନେସ ବିଭାଗରେ ଶିବାନୀ ଦାଶ, ଜ୍ୟୋତ୍ସ୍ନାରାଣୀ ରାଉତରାୟ ପ୍ରଭାବୀ ପ୍ରଦର୍ଶନ କରି ଚୟନ ହୋଇଥିବା ରାଜ୍ୟ ବଡିବିଲ୍ଡିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ ମହାସୁଆର ପ୍ରକାଶ କରିଛନ୍ତି। ଚୟନ ପ୍ରକ୍ରିୟା ଅବସରରେ ରାଜ୍ୟ ଆସୋସିଏଶନ ସଭାପତି ସୁମିତ୍ରା ତ୍ରିପାଠୀ, କାର୍ଯ୍ୟନିର୍ବାହୀ ଉପସଭାପତି ବାବୁଲି ସ୍ୱାଇଁ, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଗୁରୁ, ଭୁବନେଶ୍ୱର ଜିଲା ବଡିବିଲ୍ଡିଂ ଆସୋସିଏଶନ ସଭାପତି କବିରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଫେବୃୟାରୀ ୧୭ ଓ ୧୮ ତାରିଖରେ ୧୭ତମ ମିଷ୍ଟର ଓଡ଼ିଶା-୨୦୨୦ ପ୍ରତିଯୋଗିତା ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହେବ।



ଚୟନ ପ୍ରକ୍ରିୟା ଅବସରରେ କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ସହରରେ ରାସ୍ତାଘାଟ ଅବସ୍ଥା ଶୋଚନୀୟ ନିଜ ଆଡ଼ୁ ମାମଲା ରୁଜୁ କଲେ ହାଇକୋର୍ଟ

**କଟକ ଅଫିସ, ୨୦।୧**

କଟକ ସହରର ରାସ୍ତାଘାଟଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଜାଇକା ଏବଂ ଅନ୍ୟାନ୍ୟ ପ୍ରକଳ୍ପ ନାଁରେ ଚାଲିଥିବା କାମ ଦୀର୍ଘଦିନ ହେବ ଜାରି ରହିଛି। ଫଳରେ କେଉଁଠି ରାସ୍ତା ବନ୍ଦ ରହିଛି ତ ଆଉ କେଉଁଠି ରାସ୍ତା ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଏହାକୁ ନେଇ ହାଇକୋର୍ଟ ନିଜଆଡ଼ୁ ଏକ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ କୋର୍ଟ ରାଜ୍ୟ ପୂର୍ତ୍ତ ବିଭାଗ ସଚିବ, ଜାଇକା କର୍ତ୍ତୃପକ୍ଷ, ସିଏମ୍‌ସି କମିଶନରଙ୍କୁ ଜବାବ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ଆସନ୍ତା ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।




# ୧୧ରୁ ରାମଚଣ୍ଡୀରେ ଅନ୍ତର୍ଦ୍ଦେଶୀୟ ମକ୍‌ଡ୍ରିଲ୍

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)**

**ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ଏନ୍‌ଡିଆର୍‌ଏଫ୍ ଡିଜିଙ୍କ ସୂଚନା**

■ସାମିଲ ହେବେ ଭାରତ ସମେତ ୭ ଦେଶର ପ୍ରତିନିଧି

ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ୍ ହେବ। ଓଡ଼ିଶା ଭଳି ପ୍ରାକୃତିକ ଦୁର୍ବିପାକପ୍ରବଣ ରାଜ୍ୟରେ ପ୍ରତିବର୍ଷ ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିଥିବାବେଳେ ଏହାର ମୁକାବିଲା ଲାଗି ଆସନ୍ତା ଫେବୃୟାରୀ ୧୧ ତାରିଖରୁ ତିନିଦିନିଆ ଅନ୍ତର୍ଦ୍ଦେଶୀୟ ମକ୍ ଡ୍ରିଲ୍ ଆରମ୍ଭ ହେବ ବୋଲି ଏନ୍‌ଡିଆର୍‌ଏଫ୍ ଡିଜି ଏସ୍. ଏନ୍. ପ୍ରଧାନ ସୂଚନା ଦେଇଛନ୍ତି।

ଲୋକସେବା ଭବନରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କୁ ଏନ୍‌ଡିଆର୍‌ଏଫ୍ ଡିଜି ପ୍ରଧାନ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। ପରେ ସେ ପୋଲିସ ଡିଜି ଅଭୟଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାମ୍ପ କାର୍ଯ୍ୟାଳୟରେ ଭେଟିବା ସହ ଏକ ସ୍ୱତନ୍ତ୍ର ବୈଠକରେ ଆଲୋଚନା କରିଥିଲେ। ଏ ନେଇ ଏନ୍‌ଡିଆର୍‌ଏଫ ଡିଜି ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବଙ୍ଗୋପସାଗର ଉପକୂଳରେ ଥିବା ଦେଶଗୁଡ଼ିକରେ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବ୍ୟାପକ ଧନଜୀବନ କ୍ଷୟକ୍ଷତି ଘଟୁଛି। ଠିକ୍ ସମୟରେ ଏହାର ମୁକାବିଲା କରିବା ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ବିଶେଷକରି ଉପସାଗରୀୟ ୭ଟି ଦେଶ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବିଶେଷ ଭାବେ ପ୍ରଭାବିତ ହେଉଛି। ଏହି ଦେଶଗୁଡ଼ିକ ମଧ୍ୟରେ ଭାରତ, ବାଂଲାଦେଶ, ଭୁଟାନ, ନେପାଳ, ଥାଇଲାଣ୍ଡ, ମ୍ୟାନମାର ଓ ଶ୍ରୀଲଙ୍କା ରହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ପଡ଼ୋଶୀ ଦେଶ ସହିତ ସମନ୍ୱୟ ରକ୍ଷା କରି କିଭଳି ବିପର୍ଯ୍ୟୟର ମୁକାବିଲା କରିହେବ ସେ ନେଇ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି କ୍ରମେ ପୁରୀର ରାମଚଣ୍ଡୀରେ ମକ୍‌ଡ୍ରିଲ କରାଯିବ। ଫେବୃଆରୀ ୧୧ ପ୍ରଥମ ଦିନରେ ଭୁବନେଶ୍ୱରସ୍ଥ ଏକ ହୋଟେଲ୍‌ରେ ଏ ନେଇ ଆଲୋଚନା ହେବ। ଦ୍ୱିତୀୟ ଓ ତୃତୀୟ ଦିନ ରାମଚଣ୍ଡୀରେ ମକ୍‌ଡ୍ରିଲ କରାଯିବ। ଏହି ମକ୍‌ଡ୍ରିଲରେ ୭ଟି ଦେଶର ପ୍ରାୟ ୧୬ରୁ ୨୦ଜଣ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ନୋଡାଲ୍ ଏଜେନ୍ସି ଭାବେ ଏନଡିଆରଏଫ୍ କାର୍ଯ୍ୟ କରିବ। ରାମଚଣ୍ଡୀରେ ଏକ କୃତ୍ରିମ ଗ୍ରାମ ନିର୍ମାଣ କରାଯିବ। ବନ୍ୟା, ବାତ୍ୟା ଓ ଭୂମିକମ୍ପ ସମୟରେ କିଭଳି ପଡ଼ୋଶୀ ଦେଶ ସହିତ ସମନ୍ୱୟ ରଖି ମୁକାବିଲା କରାଯାଇପାରିବ, ସେନେଇ ସେଠାରେ ଅଭ୍ୟାସ କରାଯିବ।


ଡିଜିପି ଅଭୟଙ୍କ ସହ ଆଲୋଚନା କରୁଛନ୍ତି ଏନ୍‌ଡିଆର୍‌ଏଫ୍ ଡିଜି ଏସ୍. ଏନ୍. ପ୍ରଧାନ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଶିଶୁଟିର ଭବିଷ୍ୟତକୁ ସବୁବେଳେ ମାଆ ହିଁ ରୂପ ଦେଇଥାଏ।
- ନେପୋଲିୟନ୍



## ସଂକ୍ଷେପରେ

### ଶାଳକ ଠେଙ୍ଗା ମାଡ଼ରେ ଭିଣୋଇ ଗୁରୁତର

**ଖୁଣ୍ଟୁଣୀ,୨୦।୧(ଡି.ଏନ୍.ଏ.):** ସାମାନ୍ୟ ବଚସାରୁ ଶାଳକ ଠେଙ୍ଗା ମାଡ଼ରେ ଭିଣୋଇ ଗୁରୁତର ହୋଇଥିବା ସୋମବାର ଗୁରୁଡିଝାଟିଆ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୭/୨୦)ରୁଜୁକରି ଶାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ କୋଲଥପଙ୍ଗୀ ଗ୍ରାମରେ ରବିବାର ଅପରାହ୍ନରେ ଉଭୟ ଶାଳକ ପ୍ରେମାନନ୍ଦ ନାୟକ ଓ ଭିଣୋଇ ଶ୍ୟାମ ନାୟକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ପ୍ରେମାନନ୍ଦ ଉତ୍କ୍ଷିପ୍ତ ହୋଇ ଶ୍ୟାମଙ୍କ ମୁଣ୍ଡକୁ ଏକ ଠେଙ୍ଗାରେ ପିଟିଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଗୁରୁଡିଝାଟିଆ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଶ୍ୟାମଙ୍କ ପୁଅ ସୁକାନ୍ତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ପ୍ରେମାନନ୍ଦଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### କ୍ୟାରିୟର ଡେଭଲପମେଣ୍ଟ ପ୍ରୋଗ୍ରାମ

**କଟକ ଅଫିସ, ୨୦।୧:** କୁସୁମ ଦେବୀ ସତ୍‌ସଙ୍ଗ ମହିଳା ମହାବିଦ୍ୟାଳୟରେ ସୋମବାର କ୍ୟାରିୟର ଡେଭଲପମେଣ୍ଟ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦେବପଦ ସିହ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ 'ପରିବର୍ତ୍ତନଶୀଳ ସମାଜରେ ବ୍ୟକ୍ତିତ୍ୱର ବିକାଶ' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ସଂସ୍କୃତ ବିଭାଗ ମୁଖ୍ୟ ଡ. ସଚଳା ଜେନା କହିଥିଲେ, ସମାଜରେ ଘଟୁଥିବା ପରିବର୍ତ୍ତନ ସହିତ ମଣିଷ ନିଜକୁ ପରିବର୍ତ୍ତନ କରିବା ଉଚିତ। ଏଥିସହିତ ବ୍ୟକ୍ତିତ୍ୱର ବିକାଶ ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ଦିଲୀପ କୁମାର ନାୟକ, ଅଧାପିକା ଡ. ମୀରା ମହାନ୍ତିଙ୍କ ସମେତ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧାପିକା ତୁଷାରକାନ୍ତି ସାହୁ ଧନ୍ୟବାଦ ଦେଇଥିଲେ।

### ରାଧାଗୋବିନ୍ଦଜୀଉ ମନ୍ଦିରର ନୂତନଗୃହ ଉଦ୍‌ଘାଟିତ

**କଟକ ଅଫିସ,୨୦।୧:** ରାଉସାପାଟଣା ଠାରେ ଥିବା ରାଧାଗୋବିନ୍ଦଜୀଉ ମନ୍ଦିରର ନୂତନ ଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ କର୍ପୋରେଟର ରଞ୍ଜନ କୁମାର ବିଶ୍ୱାଳ, ଜୟନ୍ତ ସେନ, ସାହି ଅଧିକାରୀ ପ୍ରତାପ ଦାସ, ଇତିଶ୍ରୀ ଦାସ ପ୍ରମୁଖ ଯୋଗଦେଇଥିଲେ।

### ରାଧାକିଶୋରପୁର ଚ୍ୟାଲେଞ୍ଜ କପ୍ ଫୁଟବଲ ଟୁର୍ନାମେଣ୍ଟ ମା' ବନଦୁର୍ଗା ବିର୍ସା ମୁଣ୍ଡା ଚାମ୍ପିୟନ

**ଖୁଣ୍ଟୁଣୀ,୨୦।୧(ଡି.ଏନ୍.ଏ.):** ରାଧାକିଶୋରପୁର ଖେଳପଡ଼ିଆରେ ଚାଲିଥିବା ୧୧ତମ ବାର୍ଷିକ ରାଧାକିଶୋରପୁର ଚ୍ୟାଲେଞ୍ଜ କପ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଗୁରୁଡ଼ିଝାଟିଆ ଫୁଟବଲ କ୍ଲବକୁ ୧-୦ଗୋଲରେ ପରାସ୍ତ କରି ମା' ବନଦୁର୍ଗା ବିର୍ସା ମୁଣ୍ଡା ମୁଷୁଲିଆ କ୍ଲବ ଚାମ୍ପିୟନ ହୋଇଛି। ରେଫରି ସଞ୍ଜୀବ ଦାସ ଓ ଲାଇନ୍ସରେ ରଜାକ୍ ଖାନ, ଅମୂଲ୍ୟ ସାମଲ ଖେଳ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳି ଓ ଗୋଲକିପର ଭାବେ ଚୈତନ୍ୟ ହେମ୍ବ୍ରମ, ମ୍ୟାନ ଅଫ ଦି ସିରିଜ ଦାରା ସିଂ ବିବେଚିତ ହୋଇଥିଲେ। ଅତିଥିଭାବେ ସାମାଜିକ କର୍ମୀ ଅଧିକାରୀ ପଣ୍ଡା, ରଞ୍ଜନ ଆଚାର୍ଯ୍ୟ, ସରପଞ୍ଚ ଭୁବନେଶ୍ୱର ସ୍ୱାଇଁ, ସମିତିସଭ୍ୟା ସୌଭାଗ୍ୟବତୀ ନାୟକ, ସଞ୍ଜୟ ନାୟକ, ଗ୍ରାମ ସଭାପତି ବିଧାନ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ବିଭୁଦତ୍ତ ସ୍ୱାଇଁ, ଯୁଗଳ ନାୟକ, ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଉଭୟ ଟିମକୁ ପୁରସ୍କୃତ କରିଥିଲେ। ଶକ୍ତିମୟୀ ସ୍ପୋର୍ଟସ କ୍ଲବ ସଭାପତି ପ୍ରବୋଧ ସ୍ୱାଇଁ, ସମ୍ପାଦକ ଲକ୍ଷ୍ମୀଧର ବେହେରା, ସୁରେଶ ନାୟକ, ରଞ୍ଜନ ସାହୁ, ମାନସ ବେହେରା, ଲିପୁନ ବେହେରା ପ୍ରମୁଖ ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିଲେ।

# ୬ ଲକ୍ଷ ଟଙ୍କାର ଅଏଲ୍ ରିଫାଇନାରୀ ଜବତ, ୪ ଗିରଫ

**ଖୁଣ୍ଟୁଣୀ,୨୦।୧(ଡି.ଏନ୍.ଏ.)**

ଅଏଲ ରିଫାଇନାରୀ ଚାଲାଣ ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ସୋମବାର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲାର ଶିବା ନାଗେଶ୍ୱର ରାଓ, ଶ୍ରୀନିବାସ ରାଓ, ସେକ୍ ରସିଦ ଏବଂ ପି.ହୁସେନ। ଏମାନଙ୍କ ନିକଟରୁ ୨ଟି ଟ୍ରକ୍ ସମେତ ପ୍ରାୟ ୬ଲକ୍ଷ ଟଙ୍କାର ଅଏଲ ରିଫାଇନାରୀ ଜବତ ହୋଇଥିବା ଆଇଆଇସି ସୁଚିତ୍ର ବିର୍ଯ୍ୟ ଦାସ କହିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ. ୬/୨୦) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ବଲଦିଆ ବନ୍ଧ ଏବଂ ଗୋବିନ୍ଦପୁର ଅଞ୍ଚଳରୁ ୨ଟି ଟ୍ରକ୍‌ରେ ପ୍ରାୟ ୭୦ଟନ ଅଏଲ୍ ରିଫାଇନାରୀ(ପେଟ୍‌କୋ) ଚାଲାଣ ହେଉଥିବା ଖୁଣ୍ଟୁଣୀ ପୋଲିସ ଖବର ପାଇଥିଲା। ରବିବାର ବିଳମ୍ବିତ ରାତିରେ ଆଇଆଇସି ଆଇଆଇସି ଦାସ ସଦଳବଳେ ଗୋଲେଇ ଛକ ଠାରେ ଉଭୟ ଟ୍ରକ୍ ପହଞ୍ଚିବା ପରେ ପୋଲିସ ଅଟକାଇଥିଲା। ଉଭୟ ଟ୍ରକର ଚାଳକ ଏବଂ ହେଲପରଙ୍କୁ ପଚରାଉଚରା କରାଯାଇଥିଲା। ସେମାନେ କୌଣସି ପ୍ରକାର ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ଅଏଲ୍ ରିଫାଇନାରୀ ଭର୍ତ୍ତି ଉଭୟ ଟ୍ରକ୍(ଏପି୦୭ ଟିଏଫ୍ ୪୬୭୭, ଏପି୦୭ଟିଏନ୍ ୧୧୬୭)କୁ ପୋଲିସ ଜବତ କରି ଥାନାକୁ ନେଇଥିଲା। ଏହି ଚାଲଣ ପଛରେ ଖୁଣ୍ଟୁଣୀ ଅଞ୍ଚଳର ଜଣେ ହୋଟେଲ୍ ମାଲିକଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି। ସୂଚନା ଥାଉ କି, ପାରାଦ୍ୱୀପରୁ ଦୈନିକ ଟ୍ରକ୍‌ରେ ଶତାଧିକ ଟନ୍ ଅଏଲ୍ ରିଫାଇନାରୀ ଢେଙ୍କାନାଳ ଜିଲାର ଗୋବିନ୍ଦପୁର ଏବଂ ବଦଳିଆବନ୍ଧ ଠାରେ ଖାଲି କରାଯାଉଥିବା ଜଣାପଡିଛି।



ଜବତ ହୋଇଥିବା ୨ ଟ୍ରକ୍ ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

## ଯୁକ୍ତ ୨ ପ୍ରଥମବର୍ଷ ପରୀକ୍ଷାକୁ ବିରୋଧ

**କଟକ ଅଫିସ/କଟକ ସଦର, ୨୦।୧(ଡି.ଏନ୍.ଏ.)**

ଯୁକ୍ତ ଦୁଇ ପ୍ରଥମ ବର୍ଷରେ ସର୍ବନିମ୍ନ ୩୩ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ବର୍ଷକୁ ଉତ୍ତୀର୍ଣ୍ଣ ହେବା ପାଇଁ ଚଳିତବର୍ଷ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ବିରୋଧ କରି କଟକ ସହରର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ସେମାନେ ଏ ସମ୍ବନ୍ଧୀୟ ଏକ ସ୍ମାରକପତ୍ର ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ପ୍ରଦାନ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଚଳିତବର୍ଷ ଛାତ୍ରୀଛାତ୍ରମାନେ ଯୁକ୍ତ ଦୁଇ ପ୍ରଥମ ବର୍ଷ ପରୀକ୍ଷାରେ ପାସ୍ ନ କଲେ ଦ୍ୱିତୀୟ ବର୍ଷକୁ ଉତ୍ତୀର୍ଣ୍ଣ ହୋଇପାରିବେନାହିଁ। ଦ୍ୱିତୀୟ ବର୍ଷକୁ ଯିବାକୁ ହେଲେ ସେମାନେ ପ୍ରଥମ ବର୍ଷରେ ୩୩ ପ୍ରତିଶତ ନମ୍ବର ରଖିବା ଜରୁରୀ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ। ତେବେ ପରୀକ୍ଷାରେ ପାସ ପାଇଁ ପ୍ରଥମ ବର୍ଷ ପିଲାଙ୍କୁ ଦୁଇଟି ସୁଯୋଗ ମିଳିବ। ପ୍ରଥମ ପରୀକ୍ଷାରେ ୩୩ ପ୍ରତିଶତରୁ କମ୍ ନମ୍ବର ରଖିଥିବା ପିଲାଙ୍କ ପାଇଁ ରିମେଡିଆଲ କ୍ଲାସ ହେବ। ଏହାପରେ ଦ୍ୱିତୀୟ ସୁଯୋଗ ଭାବେ ମେ ମାସ ଶେଷ ସପ୍ତାହରେ ପରୀକ୍ଷା କରାଯିବ। ଏହି ବିକ୍ଷୋଭରେ ଖ୍ରୀଷ୍ଟ ମହାବିଦ୍ୟାଳୟ, ରଘୁନାଥଜୀଉ ଜୁନିୟର ମହାବିଦ୍ୟାଳୟ, ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟ, ଜେକେବିକେ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେହିପରି ୪୨ ମୌଜା ସୁଦର୍ଶନ ଉଚ୍ଚ ମାଧ୍ୟମିକ ସ୍କୁଲର ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରି ଫାଟକରେ ତାଲା ପକାଇଥିଲେ। ଏଣୁ ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି ଶ୍ରେଣୀର ପାଠପଢ଼ା ବ୍ୟାହାତ ହୋଇଥିଲା। ପରୀକ୍ଷା ବନ୍ଦ କରିବାକୁ ଛାତ୍ର ହୃଷୀକେଶ ପ୍ରଧାନ, ବାପୁନି ନାୟକ, ବିଶାଖା ପଟ୍ଟନାୟକ, ନାରାୟଣ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# ବ୍ରଜବିହାରୀପୁରରେ ବେଆଇନ ମଦ ବ୍ୟବସାୟ

## ଜିଲା ଅବକାରୀ ବିଭାଗ ଅଧୀକ୍ଷକଙ୍କୁ ଦାବିପତ୍ର

**କଟକ ଅଫିସ,୨୦।୧**

ଅନାବାଦି ଜମିରେ ତିଆରି ହୋଇଛି ମଦ ଦୋକାନ। ଲୋକଙ୍କୁ ଧମକାଇ କେତେଜଣ ବ୍ୟକ୍ତି ବେଆଇନ ଭାବେ ମଦ ବ୍ୟବସାୟ କରୁଛନ୍ତି। ଏଭଳି ଅଭିଯୋଗ ଉଠାଇ ବ୍ରଜବିହାରୀପୁର ବାସିନ୍ଦା ଓ ଓଡ଼ିଶା ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ସୋମବାର କଟକ ଜିଲା ଅବକାରୀ ବିଭାଗର ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ସହରର ଶେଷ ଭାଗରେ ଅବସ୍ଥିତ ବ୍ରଜବିହାରୀପୁର ଗ୍ରାମ। ଏହି ଗ୍ରାମ ନିକଟରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଉର୍ଦ୍ଦୁ ଏକାଡେମୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ, ବ୍ରଜବିହାରୀପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ରହିଛି। ମହାନଦୀ ଓ କାଠଯୋଡ଼ି ନଦୀର ତ୍ରିକୋଣଭୂମି ମଧ୍ୟରେ ଥିବା ଏହି ଅଞ୍ଚଳରେ କିଛିଦିନ ହେବ ଚୋରା ମଦ କାରବାର ଚାଲିଛି। କେତେଜଣ ବ୍ୟକ୍ତି ଏକ କ୍ୟାବିନରେ ମଦ ବ୍ୟବସାୟ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏଭଳି ବେଆଇନ କାରବାରକୁ ବ୍ରଜବିହାରୀପୁର ମହିଳାମାନେ ପ୍ରଥମେ ବିରୋଧ କରିଥିଲେ। ଏପରି କି ଫେଜ-୨ ଥାନାରେ ଏ ନେଇ ଅଭିଯୋଗ ହୋଇଥିଲା। ହେଲେ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି ବୋଲି ଓଡ଼ିଶା ଯୁବ ସ୍ୱାଭିମାନ ମଞ୍ଚର ଆବାହକ ଦେବାଶିଷ ଘୋଷ ଓ ସମ୍ପାଦକ ସାର୍ଥକ ରାୟ କହିଛନ୍ତି। ଏ ନେଇ ଫେଜ-୨ ଥାନା ଅଧିକାରୀ ବିଜୟିନୀ ସିଂ କହିଛନ୍ତି, ବେଆଇନ ମଦ ଦୋକାନ ଖୋଲିଥିବା ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ତଥାପି ଖବର ମିଳିଲେ ଆମେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଦାବି ପତ୍ର ଦେବା ଅବସରରେ ବ୍ରଜବିହାରୀପୁରର ବାସିନ୍ଦା ପ୍ରମିଳା ଦାସ, ସୁପ୍ରଭା ବେହେରା, ଗୀତାରାଣୀ ଦାସ, ସୁନିତା ଦାସ, ଗୀତାଞ୍ଜଳି ସ୍ୱାଇଁ, ଝୁନଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ବିକ୍ଷୋଭ



**କଟକ ଅଫିସ, ୨୦।୧**

ଖପୁରିଆସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୨ ମୁଖ୍ୟ ଫାଟକ ସମ୍ମୁଖରେ ସୋମବାର ନୂଆପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ନେଇ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ସ୍ଥାନାନ୍ତର ଓ ନିର୍ମାଣ ପ୍ରକ୍ରିୟା ତ୍ୱରାନ୍ୱିତ ହେଉ ନ ଥିବା ପୂଜା କମିଟିର କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ। ରାଜ୍ୟ ସରକାର ବିଦ୍ୟାଳୟ ନିର୍ମାଣ ପାଇଁ ନୂଆପଡ଼ାଠାରେ ୮ ଏକର ଜମି ଯୋଗାଇଥିଲେ। ମାତ୍ର ଜିଲା ପ୍ରଶାସନ ଏହାକୁ କାର୍ଯ୍ୟକାରୀ କରୁନାହିଁ। ଏ ସମ୍ପର୍କରେ ସିଏମ୍‌ସିଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି କମିଟି ସଭାପତି ସରୋଜ କୁମାର ଦାସ କହିଥିଲେ। ଯଦି ଜିଲା ପ୍ରଶାସନ ସ୍ଥାନାନ୍ତର ଓ ନିର୍ମାଣ କାର୍ଯ୍ୟ କରିବା ପାଇଁ ତତ୍ପରତା ନ ଦେଖାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କମିଟି ସମ୍ପାଦକ ମାନସ ନାୟକ, ଅମରେନ୍ଦ୍ର ପଶାୟତ, ଶିବଶଙ୍କର ପଣ୍ଡା, ମନୋଜ ବସନ୍ତରାୟ, ଅଶୋକ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।




କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଶହୀଦ ଚାଖି ଖୁଣ୍ଟିଆ ଓ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ।

# ଚାଖି ଖୁଣ୍ଟିଆ, ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଜୟନ୍ତୀ

**କଟକ ଅଫିସ,୨୦।୧**

କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ନୂଆପାଟଣାସ୍ଥିତ ଶହୀଦ ପାର୍କଠାରେ ଚାଖି ଖୁଣ୍ଟିଆ ଓ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଡା. ରବିରଞ୍ଜନ ସାହୁ ଅଧ୍ୟକ୍ଷତା କରି କହିଥିଲେ, ଚାଖି ଖୁଣ୍ଟିଆ ଓ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ସିପାହୀ ବିଦ୍ରୋହ କାଳରେ ରାଣୀ ଲକ୍ଷ୍ମୀବାଈଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ କରିବା ସହ ବ୍ରିଟିଶ ପ୍ରଶାସନ ବିରୋଧରେ ଆନ୍ଦୋଳନ କରିଥିଲେ। ସାହିତ୍ୟ, କଳା, ସଂସ୍କୃତି ଓ ଇତିହାସ ଗାଥାକୁ ଅକ୍ଷୁର୍ଣ୍ଣ ରଖିବାକୁ ସେମାନେ ଆଜୀବନ ପ୍ରୟାସ କରିଥିଲେ ବୋଲି ଡା. ସାହୁ ମତବ୍ୟକ୍ତ କରିଥିଲେ। ଗଗନ ଚନ୍ଦ୍ର ମେହେର, ପ୍ରଶାନ୍ତ ଦାସ, ଅରୁଣା ସାମନ୍ତରାୟ, ଶ୍ୟାମ ସୁନ୍ଦର ସାହୁ, ପ୍ରଶାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ମାଧବ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଚୋରି: ଜଣେ ଗିରଫ

**ଚୌଦ୍ୱାର,୨୦।୧(ଡି.ଏନ୍.ଏ)**

ହାଡକୋକ ଚୋରି ଘଟଣାରେ ଚୌଦ୍ୱାର ପୋଲିସ ସୋମବାର ଜଣକୁ ଗିରଫ କରି କୋର୍ଟ ଚାଲଣ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ନିକିରେଇ ଥାନା ପାଳକଣା ଗ୍ରାମର ଧନଞ୍ଜୟ ରାଉତ। ତାଙ୍କ ନିକଟରୁ ୨୦୦ବସ୍ତା ଚୋରି ହାଡ଼କୋକ ଜବତ ହୋଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଧନଞ୍ଜୟ ରାଉତ ନିଜକୁ ମାନସ ଜେନା ବୋଲି ପରିଚୟ ଦେଇ ଏବଂ ନିଜ ନାମରେ ଏକ ଜାଲ ଡ୍ରାଇଭିଂ ଲାଇସେନ୍ସ ଦେଖାଇ ୧୭ଟନ୍ ହାଡକୋକ୍ ବୋଝେଇ ହୋଇଥିବା (ଓଆର ୨୧ ବି ୩୨୫୮) ଟ୍ରକକୁ ଥେରୁଆଲି ନେବା ବାଟରେ ହାଡ଼କୋକ ସହିତ ଟ୍ରକ୍‌ଟି ଚୋରି ହୋଇଥିବା ଗାଡ଼ି ମାଲିକ ସୁଧୀରଚନ୍ଦ୍ର ସାମଲଙ୍କୁ ଜଣାଇଥିଲେ। ଏ ନେଇ ଗତ ଡିସେମ୍ବର ୨୩ ରେ ସୁଧୀରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୧୩/୧୯)ରୁଜୁକରି ତଦନ୍ତ ଚଳାଇଥିଲା। ପରେ ପୋଲିସ ଧନଞ୍ଜୟକୁ ଧରି ପଚରାଉଚରା କରିବାରେ ସେ ହାଡ଼କୋକ୍ ଚୋରି କରିଥିବା ସ୍ୱୀକାର କରିଥିଲା। ଧନଞ୍ଜୟଙ୍କ ନାମରେ ବିଭିନ୍ନ ଥାନାରେ ବହୁ ଆପରାଧିକ ମାମଲା ରହିଥିବା ପୋଲିସ କହିଛି।

# ଧାନ ବିକ୍ରୟ ପାଳିକୁ ନେଇ ଅସନ୍ତୋଷ

**କଟକସଦର,୨୦।୧ ( ଡି.ଏନ.ଏ )**

କଟକସଦର ବ୍ଲକ ଅଞ୍ଚଳର ସବୁ ମଣ୍ଡିରେ ଜାନୁୟାରୀରୁ ଯୋଗାଣ ବିଭାଗ ଧାନକ୍ରୟ ଆରମ୍ଭ କରିଛି। ହେଲେ ପ୍ରତି ସପ୍ତାହ ଧାନ ବିକ୍ରୟ ପାଳି ନିର୍ଦ୍ଧାରଣରେ ପକ୍ଷପାତିତାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୋମବାର ଗତିରାଉତପାଟଣା ସେବା ସମବାୟ ସମିତିରେ ଅନେକ ଚାଷୀ ପାଟିତୁଣ୍ଡ କରିବା ସହ ସମିତିର ସଭାପତି ସୁଶାନ୍ତ ରାଉତଙ୍କ ଉପରେ ଅସନ୍ତୋଷ ଜାହିର କରିଥିଲେ। ପାଳି ନିର୍ଦ୍ଧାରଣ ଭୁବନେଶ୍ୱରରୁ ହେଉଥିବା ଯୋଗୁ ସେ କିଛି କରିପାରିବେ ନାହିଁ ବୋଲି ସଭାପତି ରାଉତ କହିଥିଲେ। ସୂଚନା ଅନୁଯାୟୀ, ଏହି ସମବାୟ ସମିତିରେ ୨୭୮ଜଣ ଚାଷୀ ଧାନ ବିକ୍ରି ପାଇଁ ନିଜ ନାମ ପଞ୍ଜୀକୃତ କରିଛନ୍ତି। ଇତି ମଧ୍ୟରେ ୫୦ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ଏକାଧିକ ଥର ଧାନ ବିକ୍ରି କରିଛନ୍ତି। ଏଭଳି ସମସ୍ୟା ବ୍ଲକର ଅନ୍ୟାନ୍ୟ ସମିତିରେ ହେଉଥିବା ଜଣାପଡିଛି। ୨୦୧୯ ମସିହାରେ ଯେତିକି ଚାଷୀ ଏହି ସମିତିରେ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଥିଲେ, ସେମାନଙ୍କ ମଧ୍ୟରୁ ୫୦ ପ୍ରତିଶତ ବିକ୍ରି ସୁବିଧା ପାଇଥିଲେ। ଚଳିତ ବର୍ଷ ପୁଣି ଥରେ ଏଭଳି ହୋଇପାରେ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସମସ୍ୟା ସମ୍ପର୍କରେ ଧାନ ସଂଗ୍ରହ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ରଙ୍କୁ ପଚାରିବାରୁ ଏଭଳି ପାଳି ନିର୍ଦ୍ଧାରଣ ସରକାରଙ୍କ ପକ୍ଷରୁ କରାଯାଇଛି ବୋଲି କହିଛନ୍ତି।

# ମହିଳାଙ୍କ ବେକରୁ ସୁନାହାର ଝାମ୍ପିନେଲେ ଦୁର୍ବୃତ୍ତ

**ଚୌଦ୍ୱାର,୨୦।୧(ଡି.ଏନ୍.ଏ)**

କପାଳେଶ୍ୱର କଳିଙ୍ଗଛକ ନିକଟରୁ ସୋମବାର ଜଣେ ମହିଳାଙ୍କ ବେକରୁ ୨ଜଣ ଦୁର୍ବୃତ୍ତ ସୁନାଚେନ ଝାମ୍ପି ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କପାଳେଶ୍ୱର କଳିଙ୍ଗଛକ ନିକଟରେ ଅପରାହ୍ନ ପ୍ରାୟ ୨ ଟାରେ ବିଜୟଲକ୍ଷ୍ମୀ ଶତପଥୀ ନିଜ ପିଲାଙ୍କୁ ଆଣିବା ପାଇଁ ସ୍କୁଲ ବସକୁ ଅପେକ୍ଷା କରିଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ସେ ବେକରେ ପିନ୍ଧିଥିବା ୧୫ଗ୍ରାମର ଏକ ସୁନା ହାର ଛିଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ବିଜୟଲକ୍ଷ୍ମୀ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ।

# ମୁସଲିମ୍ ଓ ଦଳିତ ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ




ମୁସଲିମ୍ ଓ ଦଳିତ ସୁରକ୍ଷା ମଞ୍ଚ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**କଟକ ଅଫିସ, ୨୦।୧**

ଏନଆରସି, ସିଏଏ ଓ ଏନପିଆରକୁ ବିରୋଧ କରି ମୁସଲିମ୍ ଓ ଦଳିତ ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମଞ୍ଚର ରାଜ୍ୟ ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ ଗାନ୍ଧୀ ଭବନଠାରୁ କଟକ ସଦର ଏସ୍‌ପି ଅଫିସ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଜାତୀୟ ମାନବ ଅଧିକାର କମିଶନରଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ସାମ୍ପ୍ରତିକ ସମୟରେ କେନ୍ଦ୍ର ସରକାର ଦେଶର ହିଂସାତ୍ମକ ପରିବେଶ ସୃଷ୍ଟି କରୁଛନ୍ତି। ଯାହା ଦେଶ ପାଇଁ ମଙ୍ଗଳ ନୁହେଁ। ବେକାରି, ଶିକ୍ଷା ଭଳି ଦେଶରେ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସରକାର ଅଣଦେଖା କରି ଏନଆରସି, ସିଏଏ ଓ ଏନପିଆର ନେଇ ରାଜନୀତି କରୁଛନ୍ତି ବୋଲି ମଞ୍ଚ ସାଧାରଣ ସମ୍ପାଦକ ସୁକାନ୍ତୀ ସେଠୀ କହିଥିଲେ। ଏଥିରେ କ୍ଷୀରେନ୍ଦ୍ର କୁମାର ବେହେରା, ନିରଞ୍ଜନ ନାୟକ, ପ୍ରଦ୍ୟୁମ୍ନ ଚକ୍ରବର୍ତ୍ତୀ, ସନ୍ଦିପ ରଥ, ଶଙ୍କର ନାୟକ, ମୌଲାନା ନୌସାଦ ଆଲାମଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**କଟକ ଅଫିସ,୨୦।୧**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାରଠାରୁ ବିଶ୍ୱବିଦ୍ୟାଳୟର ଖେଳ ପଡ଼ିଆରେ ଆରମ୍ଭ ହୋଇଛି। କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ବାଳକ ବର୍ଗର ୧୧୦ମିଟର ହର୍ଡଲ୍ସ ଇଭେଣ୍ଟରେ ଆଶୁତୋଷ ଖୁଣ୍ଟିଆ ୧୬.୯ ସେକେଣ୍ଡରେ ଲକ୍ଷ୍ୟ ଅତିକ୍ରମ କରି ବିଶ୍ୱବିଦ୍ୟାଳୟ ନିମନ୍ତେ ରେକର୍ଡ କରିଛନ୍ତି। ଏହାଛଡ଼ା ବାଳକ ବର୍ଗର ଡିସକସ୍ ଥ୍ରୋରେ କେ.ଭାଗ୍ୟଜିତ୍ ସେଠୀ, ୪୦୦ମିଟର ଦୌଡ଼ରେ ଆଶୁତୋଷ ଖୁଣ୍ଟିଆ, ୧୫୦୦ ମିଟର ଦୌଡ଼ରେ ପ୍ରୀତମ କୁମାର ସଂଗ୍ରାମ ସିଂ, ଲଙ୍ଗଜମ୍ପରେ ପ୍ରଦ୍ୟୁମ୍ନ ନାୟକ, ୮୦୦ ମିଟର ଦୌଡ଼ରେ ଅଭିରାମ ମାଝୀ ପ୍ରଥମ ହୋଇଛନ୍ତି। ସେହିପରି ବାଳିକା ବର୍ଗର ୪୦୦ ମିଟର ଦୌଡ଼ରେ ବାସନ୍ତୀ ସୋରେନ୍, ଡିସ୍‌କସ୍ ଥ୍ରୋରେ ଅର୍ପିତା ସାହୁ, ୧୫୦୦ ମିଟର ଦୌଡ଼ରେ ଲକ୍ଷ୍ମୀପ୍ରିୟା ସାହୁ, ୧୦୦ମିଟର ହର୍ଡଲ୍ସରେ ଦୁର୍ଗା ସେଠୀ, ଜାଭେଲିନ୍‌ରେ ଫୁଲବାସିନୀ ରୋହିଦାସ, ଲଙ୍ଗଜମ୍ପରେ ବାସନ୍ତୀ ସୋରେନ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ଦୁଇଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଆଥ୍‌ଲେଟିକ କ୍ଲବର ଉପସଭାପତି ଡ. ସିଦ୍ଧାର୍ଥ ଭରଦ୍ୱାଜ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପୂର୍ବବର୍ଷର ଚାମ୍ପିୟନ ଖେଳାଳି ପ୍ରୀତମ କୁମାର ସଂଗ୍ରାମ ସିଂ ପ୍ରତିଯୋଗୀଙ୍କୁ ଶପଥ ପାଠ କରାଇଥିଲେ। ପ୍ରଫେସର ପଦନ କୁମାର ଜେନା, ଚଣ୍ଡୀ ପ୍ରସାଦ ନନ୍ଦ, ଅସୀମା ସାହୁ, ପ୍ରଫେସର ସ୍ମୃତିପ୍ରଭା ଦାସ ଓ ଲୋକ ସମ୍ପର୍କ ଅଧିକାରୀ ଜ୍ଞାନ ରଞ୍ଜନ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଅଧିକାରୀ ଅଞ୍ଜନ କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ ମାର୍ଚ୍ଚପାଷ୍ଟ କରି ଯାଉଥିବା ଛାତ୍ରୀଛାତ୍ର।

### ଫୁଡ୍ ଷ୍ଟଲରେ ଭିଡ଼

ପ୍ରତିଯୋଗିତା ସ୍ଥଳ ନିକଟରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ପକ୍ଷରୁ ଫୁଡ୍ ଷ୍ଟଲ ଖୋଲାଯାଇଥିଲା। ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ଖୋଲାଯାଇଥିବା ଷ୍ଟଲରେ ଠୁଙ୍କାପୁରୀ, ଓଡ଼ିଆ ବିଭାଗ ପକ୍ଷରୁ ଖୋଲା ଯାଇଥିବା ଷ୍ଟଲରେ ପୋଡ଼ ପିଠା, ଆଇଟିଏମ୍ ବିଭାଗର ଷ୍ଟଲରେ ପୁରୀର ଟଙ୍କ ତୋରାଣୀ, ଏମ୍‌ସିଏ ବିଭାଗରେ ପନୀର ଲଲିପପ୍ ହୋଇଥିଲା। ସେହିପରି ଅନ୍ୟ ସମସ୍ତ ଷ୍ଟଲରେ ମଧ୍ୟ ସୁସ୍ୱାଦୁ ଖାଦ୍ୟ ହୋଇଥିଲା। ବିକ୍ରି ହେବା ପରେ ଲାଭ ରାଶିକୁ ବିଭାଗର ଉନ୍ନୟନ ମୂଳକ କାର୍ଯ୍ୟରେ ଖର୍ଚ୍ଚ କରାଯିବ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
-ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### ସୁନା ସଫେଇ ନାଁରେ ଚୋରି: ଜଣେ ଅଟକ

**ବଡମ୍ବା,୨୦।୧(ଡି.ଏନ୍.ଏ.):** ବଡମ୍ବା ଥାନା ଅନ୍ତର୍ଗତ ସାନବାର ସିଂହଗ୍ରାମରେ ସୋମବାର ସୁନା ସଫେଇ ନାଁରେ ଚୋରି କରି ପଳାଇ ଯାଉଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ କାବୁକରି ପୋଲିସର ଜିମା ଦେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକ ବିହାର ରାଜ୍ୟର ହୋଇଥିବା ବେଳେ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି। ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନରେ ସାନବାର ସିଂହଗ୍ରାମର ଜୟ ପାଳଙ୍କ ଘରେ ଅଭିଯୁକ୍ତ ପହଞ୍ଚିଥିଲେ। ସେତେବେଳେ ପାଳ ଘରେ ନ ଥିବାର ସୁଯୋଗ ନେଇ ତାଙ୍କ ସ୍ତ୍ରୀଙ୍କୁ ସୁନା ସଫାକରିବା ପାଇଁ କହିଥିଲେ। ପାଳଙ୍କ ସ୍ତ୍ରୀ ଏକ ସୁନାମାଳ ଓ କିଛି ରୂପା ଅଳଙ୍କାର ସଫାକରିବା ପାଇଁ ଦେବା ପରେ ସେଗୁଡିକୁ ସମ୍ପୃକ୍ତ ଯୁବକ ଗରମ ପାଣିରେ ପକାଇ ପିଇବା ପାଇଁ ପାଣି ମାଗିଥିଲେ। ପାଳଙ୍କ ସ୍ତ୍ରୀ ପାଣି ଆଣିବାକୁ ଯାଇଥିବା ବେଳେ ସେ ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ପାଳଙ୍କ ସ୍ତ୍ରୀ ପାଟି କରିବାରୁ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ରାସ୍ତାରୁ ଧରି ପୋଲିସରେ ଦେଇଥିଲେ। ପୋଲିସ ତାଙ୍କ ପାଖରୁ ଏକ ସୁନାମାଳ ଓ ଚେନ୍ ସହ ମୋବାଇଲ ଜବତ କରିଛି । ଏଥିରେ ବାହାର ଅଞ୍ଚଳର ଏକ ର୍ୟାକେଟ କାମ କରୁଥିବା ସନ୍ଦେହ କରି ଅଧିକ ତଦନ୍ତ ଜାରି ରଖିଛି ।

### ସିଦ୍ଧେଶ୍ୱର ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ବଡ଼ମ୍ବା,୨୦।୧ (ଡି.ଏନ୍.ଏ):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବନମାଳୀପୁର ପଞ୍ଚାୟତ ଅଧୀନ ଖରିଆମଡା ଗ୍ରାମରେ ନୂତନ କରି ନିର୍ମାଣ କରାଯାଇଥିବା ସିଦ୍ଧେଶ୍ୱର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସୋମବାର ଶେଷ ହୋଇଛି। ଏଥିରେ ବଡମ୍ବା ରାଜା ତ୍ରିବିକ୍ରମ ଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ର, ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ କୁମାର ସାହେବ ତ୍ରିଭୁବନ ଚନ୍ଦ୍ରଦେବ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଅନସୂୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ୪ ଦିନ ଧରି ଅନୁଷ୍ଠିତ ଏହି ଉତ୍ସବର ପୂର୍ଣ୍ଣାହୁତି ଦିବସରେ ଅଙ୍କୁରାରୋପଣ, ମଣ୍ଡଳପୂଜା, ଯଜ୍ଞାରମ୍ଭ, ଅଗ୍ନିସ୍ଥାପନ, ପ୍ରାତଃ ଯଜ୍ଞାରମ୍ଭ, ବିଗ୍ରହମାନଙ୍କ ମହାସ୍ନାନ, ପୁଷ୍ପାଧିଭାଷ ଓ ପ୍ରାଣପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଆଚାର୍ଯ୍ୟଭାବେ ପଣ୍ଡିତ ଯୋଗେଶ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ମୁଖ୍ୟ କର୍ତ୍ତ୍ରୀ ଓ କର୍ତ୍ତାଭାବେ ନିରୁପମାସାହୁ ଓ ସଦାନନ୍ଦ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଖରିଆମଡା ଗ୍ରାମବାସୀ ପରିଚାଳନା କରିଥିଲେ।

### ମଲ୍ଲିକାନାଥଙ୍କ ପୀଠରେ ଗୁମ୍ଫା ମହୋତ୍ସବ

**ନିଶ୍ଚିନ୍ତକୋଇଲି, ୨୦।୧(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ପଞ୍ଚାୟତ ଅନ୍ତର୍ଗତ ପଞ୍ଚସରଙ୍ଗ ବଳରାମପୁର ଗ୍ରାମର ମଲ୍ଲିକାନାଥଙ୍କ ପୀଠରେ ସୋମବାର ଗୁମ୍ଫା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକାଦଶୀ ତିଥି ଥିବା ଯୋଗୁ ଏହି ପୀଠ ଉତ୍ସବମୁଖର ହୋଇଉଠିଥିଲା। ସ୍ଥାନୀୟ ଗ୍ରାମବାସୀ ଓ ପୀଠର ପରିଚାଳନା କମିଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାପୁରୁଷଙ୍କର ସକାଳ ୫ଟାରୁ ପୂଜା ଆରମ୍ଭ ହୋଇଥିଲା। ପୂଜକ ସନ୍ତୋଷ କୁମାର ରଥ ଓ ପ୍ରେମାନନ୍ଦ ମିଶ୍ରଙ୍କ ଉଦ୍ୟମରେ ପୂଜାର୍ଚ୍ଚନା ଓ ନୈବେଦ୍ୟ ଲାଗି ହୋଇଥିଲା। ଏହି ଅବସରରେ ପୋଡପିଠା ଭୋଗ ହୋଇଥିଲା। ପରେ ମାନସିକଧାରୀମାନେ ମାନସିକ ଭୋଗ ଅର୍ପଣ କରିଥିଲେ। ସ୍ଥାନୀୟ ଗ୍ରାମର ଭାଗବତ ସ୍ୱାଇଁ, ହରେକୃଷ୍ଣ ସ୍ୱାଇଁ, ସନ୍ଦୀପ ସାମନ୍ତରାୟ, ଅରୁଣ ସାମନ୍ତରାୟ ଓ ସନ୍ତୋଷ ସ୍ୱାଇଁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମହୋତ୍ସବ ଲାଗି ଗୁମ୍ଫା ପଡ଼ିଆରେ ମୀନାବଜାର ଓ ବିଭିନ୍ନ ଷ୍ଟଲର ପସରା ଲାଗିଥିଲା।

# ଧାନମଣ୍ଡିରେ ଅନିୟମିତତା, ଚାଷୀଙ୍କ ହୋହଲ୍ଲା

**ମାହାଙ୍ଗା,୨୦।୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ସେବା ସମବାୟ ସମିତିରେ ଧାନ ମଣ୍ଡିରେ ଧାନ ବିକ୍ରିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସୋମବାର ଚାଷୀମାନେ ହୋହାଲ୍ଲା କରିଥିଲେ। ଏନେଇ କିଛି ସମୟ ପାଇଁ ମଣ୍ଡିରେ ଧାନ ଓଜନ ବନ୍ଦ ରହିଥିଲା। ସ୍ଥାନୀୟ ଜନପ୍ରତିନିଧି ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ପ୍ରକାଶ ଯେ, ଏହି ମଣ୍ଡିରେ ୪ଟି ପଞ୍ଚାୟତର ମୋଟ ୪୮୬ ଚାଷୀ ଅନଲାଇନରେ ନାମ ପଞ୍ଜୀକୃତ କରିଛନ୍ତି। ମାତ୍ର ଜଣେ ଜଣେ ଚାଷୀଙ୍କୁ ଏକାଧିକ ବାର ଧାନ ବିକ୍ରି କରିବା ପାଇଁ ମେସେଜ ଆସୁଥିବାବେଳେ ଅନେକ ବଡ ବଡ ଚାଷୀଙ୍କ ଏପର୍ଯନ୍ତ ଏହି ମେସେଜ ମିଳି ନ ଥିବା ଅଭିଯୋଗ ହୋଇଛି । ଏପରିକି ଜମି ନ ଥିବା ବ୍ୟକ୍ତିଙ୍କୁ ଏଥିରେ ତାଲିକାଭୁକ୍ତ କରାଯାଇଥିବା ନେଇ ଚାଷୀ ଅଭିଯୋଗ କରିଥିଲେ।

ସୂଚନାଯୋଗ୍ୟ, ସରକାରଙ୍କ ନିୟମ ଅନୁଯାୟୀ, ଡିସେମ୍ବର ୩୦ରୁ ଧାନମଣ୍ଡି ଖୋଲାଯାଇ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାନ ବିକ୍ରି କରାଯିବାର ବ୍ୟବସ୍ଥା ରହିଛି। ମାତ୍ର ୪ ସପ୍ତାହରେ ମାତ୍ର ୮୦ ଜଣ ଚାଷୀଙ୍କ ଧାନ ମଣ୍ଡିରେ ବିକ୍ରି କରାଯାଇଛି। ଅପରପକ୍ଷେ ୪୮୬ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ଯଦି ଏକ ମାସ ମଧ୍ୟରେ ୮୦ ଜଣ ଚାଷୀ ଧାନ ବିକ୍ରି କରୁଛନ୍ତି ଆଉ ୨ ମାସ ମଧ୍ୟରେ କିପରି ୪୦୬ଜଣ ଚାଷୀ ସେମାନଙ୍କ ଧାନ ବିକ୍ରି କରିବେ ସେନେଇ ଆଶଙ୍କାରେ ରହିଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳର ଧାନ ବ୍ୟବସାୟୀ ସମବାୟ ସମିତି କର୍ମଚାରୀ ଓ ମିଲରଙ୍କ ମଧ୍ୟରେ ଭିତିରି ବୁଝାମଣା ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ମୂଳବସନ୍ତ ସେବା ସମବାୟ ସମିତି ସମ୍ପାଦକ ଉମାକାନ୍ତ ନାୟକ କହିଛନ୍ତି, ଚାଷୀମାନେ କେତେ ପରିମାଣର ଧାନ ବିକ୍ରୟ କରିବେ ଓ କିଏ ବିକ୍ରି କରିବେ ଏନେଇ ଚାଷୀଙ୍କ ମୋବାଇଲକୁ ମେସେଜ ଆସୁଛି । ସେହି ହିସାବରେ ଆମେ ଧାନ ସଂଗ୍ରହ କରୁଛୁ ବୋଲି ସେ କହିଛନ୍ତି।



ମୂଳବସନ୍ତ ସେବା ସମବାୟ ସମିତିର ମଣ୍ଡିରେ ଚାଷୀମାନେ ପ୍ରତିବାଦ କରୁଛନ୍ତି।

- ଅନଲାଇନରେ ନାମ ପଞ୍ଜୀକୃତ କରିଛନ୍ତି ୪୮୬ ଚାଷୀ
- ବହୁ ଚାଷୀଙ୍କୁ ମିଳିନାହିଁ ଧାନ ବିକ୍ରି ମେସେଜ
- ଜମି ନ ଥିବା ବ୍ୟକ୍ତିଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିଥିବା ଅଭିଯୋଗ
- ନିର୍ଦ୍ଧାରିତ ସମୟରେ ଧାନ ବିକ୍ରି ପାଇଁ ଆଶଙ୍କାରେ ଚାଷୀ

# ଶ୍ରୀ ଜୟଦେବ କଲେଜ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ବାଲିଅନ୍ତା,୨୦।୧(ଡି.ଏନ.ଏ.)** ଗଣଶିକ୍ଷା ବିଭାଗ ଶିକ୍ଷାକ୍ଷେତ୍ରରେ ସଂସ୍କାର ପାଇଁ ଯୁକ୍ତ୨ ପ୍ରଥମବର୍ଷ ପରୀକ୍ଷାକୁ ଏକାସଙ୍ଗେ କରିବା ସହ ପାସ ଫେଲର ବ୍ୟବସ୍ଥା କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଏହି ନୂତନ ପ୍ରସ୍ତାବ ଲାଗୁ ହୋଇ ନ ଥିଲେ ମଧ୍ୟ ରାଜଧାନୀର କେତେକ କଲେଜ ସମେତ ଉପକଣ୍ଠ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜରେ ଛାତ୍ର ଅଶାନ୍ତି ଦେଖାଦେଇଛି। ଏହି କଲେଜରେ ଯୁକ୍ତ୨ ପ୍ରଥମ ବର୍ଷର ପାଠ ପଢୁଥିବା ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ନୂତନ ବ୍ୟବସ୍ଥାକୁ ବିରୋଧ କରି ସୋମବାର କଲେଜ ଫାଟକ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଏହାସହ ଟାୟାର ଜାଳି ଏହି ନୂତନ ବ୍ୟବସ୍ଥାକୁ କଲେଜରେ ଲାଗୁ ନ କରିବା ପାଇଁ ଦାବି କରିଥିଲେ। ଦୀର୍ଘ ଏକ ଘଣ୍ଟା ଧରି ଛାତ୍ରୀଛାତ୍ରମାନେ ଫାଟକ ସମ୍ମୁଖରେ ହୋହଲ୍ଲା କରିଥିଲେ। ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ଅଭିଯୋଗ ଯେ, ଏହି ବ୍ୟବସ୍ଥା ବର୍ଷର ଆରମ୍ଭରେ ଲାଗୁ କରିଥିଲେ ଭଲ ହୋଇଥାନ୍ତା। କିନ୍ତୁ ହଠାତ୍ ପରୀକ୍ଷାର କିଛିଦିନ ପୂର୍ବରୁ ଲାଗୁ କଲେ ବିନା ପ୍ରସ୍ତୁତିରେ କିଭଳି ପରୀକ୍ଷା ଦେବୁ, ଏଯାବତ କଲେଜରେ କୋର୍ସ ସରି ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ କଲେଜ ଅଧକ୍ଷା ଡ. ସନ୍ଧ୍ୟାରାଣୀ ଦାସ କୁହନ୍ତି, ଆମ କଲେଜରେ ରେଗୁଲାର କ୍ଲାସ ହେଉଛି। ସମସ୍ତ କୋର୍ସ ସରିଗଲାଣି। ଏହି ନୂଆ ବ୍ୟବସ୍ଥାକୁ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କିଛି ସୂଚନା କିମ୍ବା ଚିଠା ମିଳି ନାହିଁ।



କଟକ ମଧୁପାଟଣାସ୍ଥିତ ଟ୍ରାଫିକ୍ ପୋଲିସ ଷ୍ଟେଶନରେ ସୋମବାର ସ୍କୁଲ ଛାତ୍ରୀଙ୍କୁ ସଡ଼କ ସୁରକ୍ଷା ଓ ନିୟମ ସମ୍ପର୍କରେ ଟ୍ରାଫିକ୍ ଏସିପି ଦେବଜ୍ୟୋତି ଦାସ ସୂଚନା ଦେଉଛନ୍ତି।

# ଜିଲାପାଳଙ୍କ ଜନଶୁଣାଣିରେ ୧୯୨ ଅଭିଯୋଗ



ଜନଶୁଣାଣି କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ବାଙ୍କୀ,୨୦।୧(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଏନ୍ଏସି ବାତ୍ୟା ଆଶ୍ରୟସ୍ଥଳୀରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଅଭିଯୋଗ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟିନୀ ଏଥିରେ ଯୋଗଦେଇ ପ୍ରଶାସନିକ କାର୍ଯ୍ୟକୁ ଅଧିକ ଲୋକାଭିମୁଖୀ କରିବାକୁ ପରାମର୍ଶ ଦେଇଥିଲେ। ଶିବିରରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀଙ୍କ ଆବାସ ଯୋଜନା, ଗ୍ରାମ୍ୟ ପାନୀୟ ଜଳ, ନଳକୂପ ସ୍ଥାପନ , ବିଦ୍ୟୁତ୍ ଯୋଗାଣ, ରାସ୍ତା ନିର୍ମାଣ ଓ ରାଶନ୍ କାର୍ଡ ସମ୍ପର୍କିତ ଅଭିଯୋଗଗୁଡିକର ଶୁଣାଣି ହୋଇଥିଲା।

ସେହିପରି ଡାକ୍ତରଖାନାରେ ଡାକ୍ତର ନ ଥିବା, ମହାନଦୀ ବନ୍ଧକୁ ସୁଦୃଢ଼ କରିବା ଓ ବାସହୀନଙ୍କୁ ଜମି ପ୍ରଦାନ କରିବା ସମ୍ପର୍କିତ ଅଭିଯୋଗ ହୋଇଥିଲା। ଏସବୁ ଅଭିଯୋଗର ତୁରନ୍ତ ଫଇସଲା କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧୫ଦିନ ମଧ୍ୟରେ ଅଭିଯୋଗ ସମ୍ପର୍କରେ ଉତ୍ତର ଦେବାପାଇଁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ। ଏହି ଅବସରରେ ବାଙ୍କୀରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ କରି ଯୁବ କଂଗ୍ରେସ ସଭାପତି ଆଡଭୋକେଟ ବିଶ୍ୱରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ କର୍ମୀମାନେ ଶିବିର ସମ୍ମୁଖରେ ଧାରଣା ଦେବା ସହ ଜିଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ଉପଜିଲାପାଳ ଅମିୟ କୁମାର ସାହୁ, କଟକର ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତ ରାୟ, ଜିଲା ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ଦେବେନ୍ଦ୍ର ଦାଶଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଡମପଡ଼ା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା ଓ ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ଏହାକୁ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ କ୍ରିକେଟ: ଫାଇନାଲରେ ନେହେରୁ କ୍ଲବ

**ବାଙ୍କୀ,୨୦।୧(ସ୍ୱ.ପ୍ର.)** ବାଙ୍କୀ କଚେରି ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଗୋପାଳ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ୯ମ ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନେହେରୁ କ୍ଲବ କଟକ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ କଟକ ଓ ବାଙ୍କୀ ମଧ୍ୟରେ ଖେଳାଯାଇଥିଲା। କଟକ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୫୩ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ବାଙ୍କୀ ଦଳ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୨୧୫ରନ୍ କରିବାକୁ ସକ୍ଷମ ହୋଇଥିଲା। ନେହେରୁ କ୍ଲବ କଟକର ରାଜ କିଶୋର ଶ୍ରେଷ୍ଠ ପ୍ରଦର୍ଶନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥିଭାବେ ବୃନ୍ଦାବନ ପ୍ରଧାନ ଯୋଗଦେଇ ତାଙ୍କୁ ପୁରସ୍କୃତ କରିଥିଲେ। ଶୁଭେନ୍ଦୁ ମିଶ୍ର ଓ ରାଜ କିଶୋର ମହାପାତ୍ର ଏହି ମ୍ୟାଚକୁ ପରିଚାଳନା କରିଥିଲେ। ପ୍ରଶାନ୍ତ ଦାଶ, ସୁରେଶ ରାଉତ, ସତ୍ୟଶ୍ରୀ ମିଶ୍ର, ସନ୍ତୋଷ ରଣା ଏଥିରେ ସହଯୋଗ କରିଥିଲେ।

# 'ମଧୁବାବୁଙ୍କ ସ୍ୱପ୍ନ ଏବେବି ସାକାର ହୋଇନାହିଁ'



ଅତିଥିମାନେ ସାହିତ୍ୟ ପତ୍ରିକା ଉନ୍ମୋଚନ କରୁଛନ୍ତି।

**ସାଲେପୁର, ୨୦।୧(ଡି.ଏନ୍.ଏ.)**

ସାଲେପୁର ମଧୁସୂଦନ ଭବନରେ ମଧୁମାଟି ସାହିତ୍ୟ ସଂସଦ, ଗୋପୀନାଥପୁର ପକ୍ଷରୁ ପତ୍ରିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଗିରୀଶ ସାହୁ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉର୍ବିର ସମ୍ପାଦକ ଶ୍ରୀଧର ଶେଖର ମହାପାତ୍ର ଯୋଗଦେଇ ମଧୁବାବୁଙ୍କ ସ୍ୱପ୍ନ ଏବେବି ସାକାର ହୋଇପାରିନାହିଁ। ତାଙ୍କର ଓଡ଼ିଶା ପ୍ରତି ଥିବା ଅବଦାନକୁ ଜାତି ଏପର୍ଯ୍ୟନ୍ତ ମନେରଖିପାରିନାହିଁ ବୋଲି ମହାପାତ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସାରସ୍ୱତ ସମାରୋହ ସମିତି ସଭାପତି ଅକ୍ଷୟ କୁମାର ଦାଶ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ମଧୁମାଟି ସାହିତ୍ୟ ସଂସଦର ସମ୍ପାଦକ ବାସୁଦେବ ରାଉତ, କବି ସଚ୍ଚିଦାନନ୍ଦ ବେହେରା ଯୋଗଦେଇ ମଧୁବାବୁଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ବିଷ୍ଣୁଚରଣ ମିଶ୍ର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସୁଶାନ୍ତ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଚିରଞ୍ଜନ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ମଧୁମାଟି ସାହିତ୍ୟପତ୍ରିକା ଉନ୍ମୋଚନ ହୋଇଥିଲା। ଏହି ଅବସରରେ ଡ. ପୂର୍ଣ୍ଣଚନ୍ଦ୍ର ଓଝାଙ୍କୁ ମଧୁଶ୍ରୀ ସମ୍ମାନ, ମଧୁମାଟି ସମ୍ମାନ ଅଧ୍ୟାପକ ସେକ୍ ଅରବାର ମହମ୍ମଦ, ମଧୁମାଟି ଆଦର୍ଶ ଶିକ୍ଷକ ସମ୍ମାନ ହୃଷୀକେଶ ମହାରଣା, ସାମ୍ବାଦିକ ସମ୍ମାନ ଶାରଦା ପଣ୍ଡା, ସାରସ୍ୱତ ସେବା ସମ୍ମାନ ବସନ୍ତ କୁମାର ଘୋଷ, ସମାଜସେବୀ ସମ୍ମାନ ଚନ୍ଦନ କୁମାର ସାହୁ, ଆଦର୍ଶ ଦମ୍ପତି ସମ୍ମାନ ଅରୁଣ କୁମାର ଶତପଥୀ ଓ ରତ୍ନମଣି ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରଶାନ୍ତ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।




ସଚେତନତା କାର୍ଯ୍ୟକ୍ରମରେ କିନ୍ନର ଓ ଅନ୍ୟମାନେ।

# କିନ୍ନରଙ୍କ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ଟିଗିରିଆ,୨୦।୧(ଡି.ଏନ୍.ଏ.)**

ତାଲୁକ ଆଇନ ସେବା କମିଟି ଟିଗିରିଆ ଆନୁକୂଲ୍ୟରେ କିନ୍ନରମାନଙ୍କ ଅଧିକାର ସମ୍ପର୍କିତ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ତାଲୁକ ଆଇନ ସେବା କମିଟି ଅଧକ୍ଷା ସୁମିତ୍ରା କୁମାରୀ ଦାଶ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ଓକିଲ ସଂଘ, ପୋଲିସ କର୍ମଚାରୀ ଓ କୋର୍ଟ କର୍ମଚାରୀଙ୍କ ସହ କିନ୍ନର ଦୁର୍ଗା ମା', ମୋନାଲିସା, ସାବିତ୍ରୀ, ତୁଳସୀ, ନନ୍ଦିନୀ, ମାନସୀ ଓ ଦମୟନ୍ତୀ ପ୍ରମୁଖ ଯୋଗଦେଇ କୋର୍ଟ ପରିସରରୁ ଶୋଭାଯାତ୍ରାରେ ବାହାରିଥିଲେ। ଏହି ସଚେତନାମୂଳକ ଶୋଭାଯାତ୍ରା ରାଜବାଟୀ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମକୁ ତାଲୁକ ଆଇନସେବା କମିଟିର ଲିଗାଲ ରିଟେନର ରମେଶ ଚନ୍ଦ୍ର ମାଝି ସଂଯୋଜନା କରିଥିଲେ। ତନ୍ମୟ ମିଶ୍ର ଶ୍ରୀକାନ୍ତ ସାହୁ, ସଞ୍ଜୟ ଦାସ, ରଶ୍ମୀପ୍ରଭା ମହାପାତ୍ର ଓ ମଙ୍ଗଳକୃଷ୍ଣ ଦାସ ଉପସ୍ଥିତ ଥିଲେ।

# ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

**ମାହାଙ୍ଗା,୨୦।୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ୍ ରାହାଣିଆ ପଞ୍ଚାୟତସ୍ଥିତ ମୋଗଲପାଟଣା ପାନୀୟଜଳ ପ୍ରକଳ୍ପକୁ ସୋମବାର ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଛନ୍ତି। ପ୍ରକଳ୍ପ ପାଇଁ ୮୬ ଲକ୍ଷ ୯୩ ହଜାର ବ୍ୟୟ ଅଟକଳ ହୋଇଛି। ସେଠାରେ ପୂର୍ବତନ ସରପଞ୍ଚ ଅଶୋକ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ମନ୍ତ୍ରୀ ଜେନା ଯୋଗଦେଇ ଏହି ପ୍ରକଳ୍ପ ଦ୍ୱାରା ମୋଗଲପାଟଣା ଗ୍ରାମର ୨୭୦ ପରିବାରର ୨୦୦୦ ଲୋକ ଉପକୃତ ହୋଇପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ କନକଲତା ବେହେରା, ସରପଞ୍ଚ କାର୍ତ୍ତିକ ଜେନା, ସମିତିସଭ୍ୟା ପ୍ରମିଳା ବରାଳ ଓ ପଞ୍ଚାୟତ ବିଜେଡି ସଭାପତି ଯୁଗଳ କିଶୋର ସାମଲ ପ୍ରମୁଖଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।



ମନ୍ତ୍ରୀ ପ୍ରତାପ ଜେନା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନି ଜରୁରିକାଳୀନ ସେବା

**ସାଲେପୁର, ୨୦।୧(ଡି.ଏନ୍.ଏ.)**

ସାଲେପୁର ବ୍ଲକସ୍ଥିତ ରାମେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଟାଙ୍ଗୀ ଓ ସାଲେପୁର ବ୍ଲକର ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଲୋକେ ନିର୍ଭର କରିଥାନ୍ତି। ମାତ୍ର ଏଠାରେ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ବ୍ୟବସ୍ଥା ନ ଥିବାରୁ ଲୋକେ ବହୁ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୬ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ନେଇ ସେମାନେ ସୋମବାର ଏକ ଲିଖିତ ଦାବିପତ୍ର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ୫ ଟି ସଚିବଙ୍କୁ ପଠାଇଛନ୍ତି। ସେମାନେ ସେଥିରେ ଉଲ୍ଲେଖ କରିଛନ୍ତି ଯେ, ରାମେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସାଲେପୁର ବ୍ଲକ୍‌ର ରାମେଶ୍ୱର, ଗୋପୀନାଥପୁର, ରାମକୃଷ୍ଣପୁର, ଓଡ଼ାସିଂହ, ମାଳଶାସନ, ନରଦା, ମହଣ, ତ୍ରିଲୋଚନପୁର ଓ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭଟିମୁଣ୍ଡା, ଜରିପଡ଼ା ପଞ୍ଚାୟତର ବହୁ ଲୋକ ନିର୍ଭର କରିଥାନ୍ତି। ଦୈନିକ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଶହେରୁ ଉର୍ଦ୍ଧ୍ୱ ରୋଗୀ ଆସିଥାନ୍ତି। କିନ୍ତୁ ଦୁଃଖର ବିଷୟ ଏଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉନାହିଁ। ଏଥିସହ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ରୋଗୀମାନେ ଠିକ୍ ସମୟରେ ସ୍ୱାସ୍ଥ୍ୟସେବା ନ ପାଇ ମୃତ୍ୟୁମୁଖରେ ପଡୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଡାକ୍ତର ରହୁ ନ ଥିବାବେଳେ ଅଧିକାଂଶ ସମୟରେ ଫାର୍ମାସିଷ୍ଟ ଏଠାକୁ ଆସୁନାହାନ୍ତି। ସେହିପରି ଅନ୍ୟାନ୍ୟ କର୍ମଚାରୀମାନେ ଅନୁପସ୍ଥିତ ରହୁଥିବା ଯୋଗୁ ରୋଗୀମାନେ ତ୍ୱରିତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବହୁ ସମୟରେ ସ୍ଥାନୀୟ ଲୋକେ ବାଧ ହୋଇ କଟକ ବଡ଼ ମେଡ଼ିକାଲ ଓ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଉଭୟ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନୀୟ ଅଞ୍ଚଳଠାରୁ ୨୦ କିଲୋମିଟର ଦୂରରେ ହୋଇଥିବା ଯୋଗୁ ଆବଶ୍ୟକ ସମୟରେ ରୋଗୀମାନେ ବିଭିନ୍ନ ସମସ୍ୟାରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୬ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାରେ ପରିଣତ କରିବା ସହ ଏଠାରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ବିଦ୍ୟୁତ୍ କୁମାର ଦାଶ, ପଦ୍ମଲାଭ ସାମଲ, ଅନାମ ମହାନ୍ତି, ଅଭୟ ଗୋଚ୍ଛାୟତ, ରଞ୍ଜନ କୁମାର ଦାସ, ସେକ୍ ହଲିମ୍ ବକ୍ସ, ସୁବାସ ରଞ୍ଜନ ମହାନ୍ତି, ହେମନ୍ତ ମଲ୍ଲିକ, ବଂଶୀଧର ସାହୁ, ତ୍ରିଲୋଚନ ଦାସ ଓ ଯଦୁନାଥ ସାମଲ ପ୍ରମୁଖ ଦାବି କରିଛନ୍ତି।

ଏ ସମ୍ପର୍କରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଞ୍ଜିତା ପଟ୍ଟନାୟକ କହିଛନ୍ତି, ଏ ବିଷୟରେ କୌଣସି ଅଭିଯୋଗ ମୋ ପାଖରେ ପହଞ୍ଚି ନାହିଁ। ମାତ୍ର ଏ ସମ୍ପର୍କରେ ତଦନ୍ତ କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ରାମେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

- ୬ଶଯ୍ୟା ବିଶିଷ୍ଟ ଡାକ୍ତରଖାନାରେ ପରିଣତ କରିବାକୁ ଦାବି
- ୨ ବ୍ଲକର ୧୦ହଜାରରୁ ଉର୍ଦ୍ଧ୍ୱ ଲୋକେ ନିର୍ଭରଶୀଳ

# ଫିଟ୍ ଇଣ୍ଡିଆ ସମ୍ପର୍କିତ ସାଇକେଲ ରାଲି, ଆଲୋଚନାଚକ୍ର

**ଟିଗିରିଆ,୨୦।୧(ଡି.ଏନ୍.ଏ.)** ଟିଗିରିଆ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥାର ଉଭୟ ପୁରୁଷ ଓ ମହିଳା ବିଭାଗ ପକ୍ଷରୁ ଫିଟ ଇଣ୍ଡିଆ ସମ୍ପର୍କିତ ସାଇକେଲ ରାଲି ଓ ଆଲୋଚନା ଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ରମେଶ ଚନ୍ଦ୍ର ଶତପଥୀ ଏହି ସାଇକେଲ ରାଲିକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ କ୍ରୀଡ଼ା ଓ ଯୋଗ ଶିକ୍ଷକ ନୃପେନ୍ଦ୍ର ନାରାୟଣ ତ୍ରିପାଠୀ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ସୁସ୍ଥ ନିରାମୟ ଜୀବନ ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ଏହି ଆଲୋଚନାଚକ୍ରରେ ପ୍ରାଧ୍ୟାପକ ବିଜୟ ଦାସ, ବିଜୟ ବେହେରା, ଅନନ୍ତ ଚରଣ ଆଚାର୍ଯ୍ୟ, ପ୍ରବୀଣା ମିଶ୍ର, ସୁଧୀର ଚନ୍ଦ୍ର ନାଥ ଓ ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପୁରୁଷ ବିଭାଗର ପ୍ରୋଗାମ ଅଫିସର ଡକ୍ଟର ପତିତପାବନ ପଣ୍ଡା ଓ ମହିଳା ବିଭାଗ ପ୍ରୋଗ୍ରାମ ଅଫିସର ଜୟନ୍ତୀପ୍ରଭା ଦେବୀ ଏଥିରେ ଯୋଗଦେଇଥିଲେ।



ଶିଶୁଟିର ଭବିଷ୍ୟତକୁ ସବୁବେଳେ ମାଆ ହିଁ ରୂପ ଦେଇଥାଏ।
- ନେପୋଲିୟନ୍



# ଗଡ଼ଖାଇ ବିଲୁପ୍ତ, ନାହିଁ ଚିହ୍ନବର୍ଣ୍ଣ

## ବଦଳି ଚାଲିଛି ଖୋର୍ଦ୍ଧା ସହର



ଗଡ଼ଖୋର୍ଦ୍ଧା ଭିତରେ ଥିବା ରାଣୀ ପୋଖରୀ।

ଲୋକନାଥ ମିଶ୍ର

**ଖୋର୍ଦ୍ଧା ଅଫିସ,୨୦।୧**

ସେଦିନ ଓ ଆଜି ମଧ୍ୟରେ ଅନେକ ଫରକ। ବଦଳି ଚାଲିଛି ଖୋର୍ଦ୍ଧା ସହରର ରୂପରେଖ। ଖୋର୍ଦ୍ଧାର ଐତିହ୍ୟ ଗଡ଼ଖାଇର ଚିହ୍ନବର୍ଣ୍ଣ ନାହିଁ। ଦିନଥିଲା ଗଡ଼ଖାଇ ଗଡ଼ଖୋର୍ଦ୍ଧା ଘାଟିଠାରୁ ଉତ୍ତରରେ ବର୍ତ୍ତମାନର ନବୀନାବାଗ, ପୂର୍ବରେ ରଘୁନାଥଜୀଉ ମନ୍ଦିର, ପଶ୍ଚିମରେ ପଲ୍ଲା ଗାଁ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା। ଦକ୍ଷିଣରେ ବରୁଣେଇ ପାହାଡ ରହିଥିବାରୁ ଗଡ଼ଖାଇର ଆବଶ୍ୟକତା ନ ଥିଲା। ଗଡ଼ଖାଇ ସ୍ଥାନରେ ଏବେ ବାସଗୃହ, ୧୬ ନଂ. ଜାତୀୟ ରାଜପଥ ଯାଇଛି।

### ଜରାଜୀର୍ଣ୍ଣ ଖୋର୍ଦ୍ଧାଗଡ଼

ଖୋର୍ଦ୍ଧାଗଡ଼ ଖୋର୍ଦ୍ଧାର ଐତିହ୍ୟ। ବରୁଣେଇ ପାହାଡର ପାଦଦେଶରେ ୧୧୮୨ ମିଟର ଲମ୍ବ ଓ ଓସାରରେ ଶୋଭା ପାଉଥିଲା ମଉଡଫୁଲି ନଅର। ତା' ନିକଟକୁ ଲାଗି ରହିଥିଲା ବେହରଣ ମଣ୍ଡପ। ଏହିସବୁ ତଥ୍ୟ ମାଦଳା ପାଞ୍ଜିରେ ଲିପିବଦ୍ଧ ରହିଛି। ତେବେ ଖୋର୍ଦ୍ଧାଗଡ଼ ଏବେ ଜରାଜୀର୍ଣ୍ଣ ହୋଇ ପଡି ରହିଛି। ପୁନରୁଦ୍ଧାରର ଆବଶ୍ୟକତା ଥିଲେ ମଧ୍ୟ କରାଯାଉନି। ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ଶେଷ ହୋଇଛି। ଦୁଃଖର ବିଷୟ ଖୋର୍ଦ୍ଧାଗଡ଼ ଯେଉଁଭଳି ସ୍ଥିତିରେ ଥିଲା, ସେଥିରେ ପରିବର୍ତ୍ତନ ଆସିନାହିଁ। ବରଂ ଏହା ଅପରିଷ୍କାର, ବୁଦୁବୁଦିକିଆ ଜଙ୍ଗଲରେ ଭରି ଗଲାଣି। ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକ ଆସିଲେ ଆବର୍ଜନା ଦେଖି ଫାଟକ ସମ୍ମୁଖରୁ ଫେରି ଯାଉଛନ୍ତି।

### ପରିଚୟରେ ଭିନ୍ନତା

ଖାତା ଖତିଆନରେ ମୌଜା ଯଯାରସିଂ। କିନ୍ତୁ ଲୋକତୁଣ୍ଡରେ ଖୋର୍ଦ୍ଧା। ସେହିପରି ରାଧାମୋହନପୁର ଓ ସାନପଲ୍ଲା ମୌଜା ଲୋକତୁଣ୍ଡରେ ଭାଲିଆବାଡି ରହିଛି। ଭାଲିଆବାଡି ବୋଲି ସେପରି କିଛି ମୌଜା ସରକାରୀ କାଗଜପତ୍ରରେ ନାହିଁ। ଜଗନ୍ନାଥପୁର ମୌଜା ଥିଲେ ବି ଏଠାରେ ଜନବସତି ନାହିଁ। ଜଗନ୍ନାଥପୁର କହିଲେ ସାମନ୍ତରାପୁରରୁ ଜରି ନାଳ ଦେଇ ବରୁଣେଇ ପର୍ଯ୍ୟନ୍ତ ବ୍ୟାପ୍ତ ରହିଛି। ଖୋର୍ଦ୍ଧା ସହରରେ ଏପରି କିଛି ମୌଜା ରହିଛି, ଯାହାର ପରିଚୟରେ ଭିନ୍ନତା ଅନୁଭବ କରାଯାଉଛି।

### ନାଁ ରହିଛି, ହାଟ ବିଲୁପ୍ତ

ସେତେବେଳର ପଲ୍ଲାହାଟ ଏବେ ଖୋର୍ଦ୍ଧା ନୂଆ ସହରରେ ଯାଉଛି। ଜନବସତି ନ ଥିବାରୁ ପୂର୍ବେ ପୁରୁଣା ବସ୍‌ଷ୍ଟାଣ୍ଡରୁ ନୂଆ ବସ୍‌ଷ୍ଟାଣ୍ଡକୁ ଯାଇ ହେଉ ନ ଥିଲା। ସନ୍ଧ୍ୟା ହେଲେ ଲୋକଙ୍କ ଯିବା ଆସିବା ବନ୍ଦ। ୧୯୭୦ ପରେ ରାସ୍ତା ଚଉଡା ହେଲା। କେତେକ ସରକାରୀ କାର୍ଯ୍ୟାଳୟ ସହ କଲୋନୀଗୁଡିକ ପଲ୍ଲାହାଟ ନିକଟରେ ଗଢ଼ି ଉଠିଲା। ଆଧୁନିକତାର ଛିଟା ଗ୍ରାମାଞ୍ଚଳରେ ପଡିବା ପରେ ତାହା ସହରରେ ପରିଣତ ହେଲା। ତେବେ ପୂର୍ବର ପଲ୍ଲାହାଟରେ ପନିପରିବା, ଡାଲି ଓ ଚାଉଳର ଚାଳି ଘର ଥିଲା, ଯେଉଁଠାରେ ବିଶେଷକରି କମାରଶାଳରେ ଶଗଡ଼ ଚକ ନାଲ ଓ ଗୋରୁ ଖୁରାରେ ନାଲ ବାଡିଆ ହେଉଥିଲା। ଏବେ କେବଳ ପଲ୍ଲାହାଟ ନାଁ ରହିଛି। କିନ୍ତୁ ଆଉ ସବୁ ସ୍ମୃତି ହୋଇ ରହିଗଲା। ଏ ନେଇ ଖୋର୍ଦ୍ଧା ବରିଷ୍ଠ ନାଗରିକ ବିମଳ ଚନ୍ଦ୍ର ଷଡଙ୍ଗୀ କୁହନ୍ତି, ୫୦ ବର୍ଷର ଖୋର୍ଦ୍ଧା ସହରର ଭୂଗୋଳରେ ବହୁ ପରିବର୍ତ୍ତନ ଘଟିଛି। ପୋଖରୀ ଓ କୂଅ ପୋତା ହୋଇ ରାସ୍ତା, ପାର୍କ, ସରକାରୀ କାର୍ଯ୍ୟାଳୟ ଗଢି ଉଠିଛି। ୧୦୦ ଏକରରୁ ଅଧିକ ଜମି ଜବରଦଖଲରେ ରହିଛି। ଯେଉଁ ଖୋର୍ଦ୍ଧାଗଡ଼କୁ ନେଇ ଆମେ ଗର୍ବ ଅନୁଭବ କରୁଥିଲୁ ଏବେ ତା'ର ଦୁର୍ଦ୍ଦଶା ଦେଖି ଦୁଃଖ ଲାଗୁଛୁ। ସହରରେ ପୁରୁଣା କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ କରାଯାଉନାହିଁ। ଐତିହାସିକ ସତ୍ୟବାଦୀ ବଳିଆରସିଂ କୁହନ୍ତି, ବରୁଣେଇ ଦୁର୍ଗର ଗଡ଼ଖାଇ ଏବେ ଆମ ପାଇଁ ସ୍ମୃତି। କିନ୍ତୁ ସେ ସମୟର କିଛି ମଠ, ମନ୍ଦିର ଆମକୁ ଆତ୍ମସନ୍ତୋଷ ଦେଉଛି। ପୁରୁଣା ପୋଖରୀଗୁଡିକର ପୁନରୁଦ୍ଧାର କରାଯାଉନି। ଖୋର୍ଦ୍ଧାଗଡ଼କୁ ଅଣଦେଖା କରା ନ ଯାଉ। ଖୋର୍ଦ୍ଧାର ଐତିହ୍ୟ ସମ୍ପର୍କରେ ପୁରୁଣା ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରି ସରକାରୀ ସ୍ତରରେ ଲିପିବଦ୍ଧ କରିବାର ବ୍ୟବସ୍ଥା କରାଯିବା ଦରକାର।

## ସଂକ୍ଷେପରେ

### ୩୦ କିଗ୍ରା ଗଞ୍ଜେଇ ସହ କାର ଜବତ

**ଖୋର୍ଦ୍ଧା ଅଫିସ,୨୦।୧:** ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ବେଳେ ୧୬ ନଂ. ଜାତୀୟ ରାଜପଥର ପଲ୍ଲା ଛକଠାରୁ କାର ସହ ୩୦ କିଗ୍ରା ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଦୁଇଜଣ ଗିରଫ ହୋଇଛନ୍ତି। ସେହିଭଳି ଡାଲତୋଳା ଛକରୁ ୧୦୦ ଲିଟର ଦେଶୀ ଚୋରା ମଦ ସହ ୩ ଜଣଙ୍କୁ ଗିରଫ କରାଯାଇଛି।

### ବିଦ୍ୟାଳୟର ନୂତନ ପରିଚାଳନା କମିଟି

**ଜଟଣୀ,୨୦।୧(ଡି.ଏନ.ଏ.):** ଜଟଣୀ ନିରଞ୍ଜନପୁରସ୍ଥିତ ରଘୁନାଥ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ସୋମବାର ଗଠିତ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ ସଭାପତି, ସ୍କୁଲର ପ୍ରଧାନ ଶିକ୍ଷକ କ୍ଷେତ୍ରବାସୀ ମହାରଣା ସମ୍ପାଦକ, ଶିକ୍ଷକ ପ୍ରତିନିଧି ଭାବେ ଅକ୍ଷୟ କୁମାର ପ୍ରଧାନଙ୍କ ସମେତ ଦେବରାଜ ବେହେରା, କୃଷ୍ଣଚନ୍ଦ୍ର ଜେନା, ନାରାୟଣ ବେହେରା, କାହ୍ନୁ ଭୁଜବଳ, ଝୁନା ବେହେରା ଓ ସନ୍ଧ୍ୟାରାଣୀ ମିଶ୍ର ସଭ୍ୟାସଭ୍ୟ ଭାବେ ମନୋନୀତ ହୋଇଛନ୍ତି।

### ରେନ୍‌ବୋ କପ୍ କ୍ରିକେଟ୍: ଦିଶା ବିଜୟୀ

**ଖୋର୍ଦ୍ଧା ଅଫିସ, ୨୦।୧:** ସାରୁଆ ପଞ୍ଚାୟତର ପତନୀବର ଖେଳପଡିଆରେ ରେନ୍‌ବୋ କପ କ୍ରିକେଟ ଚାଲିଛି। ଏହାର ୪ର୍ଥ ଦିବସ ମ୍ୟାଚ ସୋମବାରରେ ଦିଶା ବୈଦେଶ୍ୱର ୪୪ ରନରେ ଆୟୋଜକ ରେନ୍‌ବୋ କ୍ରିକେଟ ଦଳକୁ ହରାଇଛି। ଟସ୍ ଜିତି ଦିଶା ବୈଦେଶ୍ୱର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୨୪ ରନ କରିଥିଲା। ଜବାବରେ ରେନ୍‌ବୋ କ୍ରିକେଟ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୭୬ ରନ କରିଥିଲା। ବିଜୟୀ ଦଳର ଦିନେଶ ବେହେରା ୧୮ ବଲରେ ୪୧ ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଖେଳ ପରିଚାଳନା ଭାଗୀରଥି ବେହେରା, ସନ୍ତୋଷ ପାଇକେରା ଓ ଶୁଭେନ୍ଦୁ ପାଇକେରା କରିଥିଲେ।

### ରାଜ୍ୟ ସଙ୍ଗୀତକୁ ଅସମ୍ମାନ

**ଖୋର୍ଦ୍ଧା ଅଫିସ, ୨୦।୧:** ଆମ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀକୁ ଅସମ୍ମାନ କରାଗଲା, ହେଲେ କେହି ପ୍ରତିବାଦ କଲେ ନାହିଁ। ସୋମବାର ଏପରି ଅବ୍ୟବସ୍ଥା ବିଜେବି ହାଇସ୍କୁଲରେ ଦେଖିବାକୁ ମିଳିଛି। ସୋମବାର ବିବେକାନନ୍ଦଙ୍କ ଉପରେ ରାମକୃଷ୍ଣ ମିଶନ ଭୁବନେଶ୍ୱର ପକ୍ଷରୁ ଅନୁଷ୍ଠିତ ସଭାରେ ବନ୍ଦେ ଉତ୍କଳ ଜନନୀ ଗାନ କରିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଛାଡ଼ି ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ର ବସି ରହିଥିଲେ। ସେହିଭଳି ରାମକୃଷ୍ଣ ମିଶନ ଭୁବନେଶ୍ୱରର ଅତିଥି ନିଜ ଚୌକିରେ ବସି ରହିଥିବା ଦେଖିବାକୁ ମିଳିଥିଲା। ଯେଉଁଠି ଶିକ୍ଷୟିତ୍ରୀଶିକ୍ଷକ ରାଜ୍ୟ ସଙ୍ଗୀତକୁ ସମ୍ମାନ ଦେବା ଜାଣନ୍ତି ନାହିଁ ସେଠାରେ ଛାତ୍ରଙ୍କଠାରୁ ସମ୍ମାନ ଆଶା କରିବା ବୃଥା ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ଆଦିବାସୀ ମହିଳା।

# କାଜୁ ଜଙ୍ଗଲରେ ଗୃହ ନିର୍ମାଣ

## ପୋଲିସ ଶୁଣୁନି, ଜିଲାପାଳଙ୍କୁ ଫେରାଦ

**ଖୋର୍ଦ୍ଧା ଅଫିସ,୨୦।୧**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଝାଁଳା ଫାଣ୍ଡି ଦେଉଳିଆପାଟଣା ଗାଁର ଆଦିବାସୀଙ୍କ ଦଖଲରେ ଥିବା ସରକାରୀ ଜମିରେ ଖେଳପଡିଆ ଓ କ୍ଲବ ନିର୍ମାଣ ଚାଲିଛି। ଆଦିବାସୀମାନେ ଏହାର ବିରୋଧ କରି ଝାଁଳା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ସହଯୋଗ କରୁନି। ବରଂ ଧମକଚମକ ଦେଉଛି। ଏହାର ପ୍ରତିବାଦରେ ଆଦିବାସୀମାନେ ସୋମବାର ଖୋର୍ଦ୍ଧା ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଆଦିବାସୀମାନେ ୧୭ରୁ ୧୮ ଏକର ଜମିରେ କାଜୁ ଗଛ ଲଗାଇ ସେଥିରୁ ପରିବାର ଚଳାଉଛନ୍ତି। କାଜୁ ଜଙ୍ଗଲକୁ ଜେଜେବାପା ଅମଳରୁ ସେମାନେ ଉପଭୋଗ କରି ଆସୁଛନ୍ତି।




ସାଧାରଣ ସଭାରେ ଉପସ୍ଥିତ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଏସ୍‌ପି ଅଜୟପ୍ରତାପ ସ୍ୱାଇଁ ଓ ବରିଷ୍ଠ ନାଗରିକ।

# ବରିଷ୍ଠ ନାଗରିକଙ୍କ ସାଧାରଣ ସଭା

**ଖୋର୍ଦ୍ଧା ଅଫିସ,୨୦।୧**

ଖୋର୍ଦ୍ଧା ବରିଷ୍ଠ ନାଗରିକ ମହାସଭାର ୪ର୍ଥ ସାଧାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦେବ ପ୍ରସାଦ ମଜୁମଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ ବରିଷ୍ଠ ନାଗରିକଙ୍କ ଦୁଃଖକୁ ମୁଁ ନିଜେ ଅଙ୍ଗେ ନିଭାଉଛି ବୋଲି କହିଥିଲେ। ବରିଷ୍ଠ ନାଗରିକମାନେ ସେମାନଙ୍କର ଅନୁଭୂତିକୁ ସମାଜର କଲ୍ୟାଣ ପାଇଁ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ପ୍ରତିଷ୍ଠାତା ୧୨ ଜଣ ସଭ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ଫେଡେରେଶନର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାର ବରିଷ୍ଠ ନାଗରିକମାନଙ୍କ ପାଇଁ ଉପଲବ୍ଧ ଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଖୋର୍ଦ୍ଧା ପୋଲିସ ବରିଷ୍ଠ ନାଗରିକଙ୍କୁ ସେବା ଯୋଗାଉଛି ଓ ଯୋଗାଇବ। ସେମାନଙ୍କର ଦୁଃଖସୁଖରେ ସାଥୀ ହୋଇ ରହିବ। ବରିଷ୍ଠ ନାଗରିକମାନେ ପୋଲିସକୁ ସହଯୋଗ କରିବା ଦରକାର। ଏ ଅବସରରେ ଏସ୍‌ପି ଖୋର୍ଦ୍ଧା ସହରର ୧୧୦ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ସେହିପରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିରରେ ୧୪୬ ଜଣ ରୋଗୀଙ୍କର ଦାନ୍ତ, ଆଖି ପରୀକ୍ଷା କରାଯାଇଥିଲା। ଅନ୍ୟପକ୍ଷେ ରକ୍ତଚାପ, ମଧୁମେହ, ହୃଦ୍‌ରୋଗ ପରୀକ୍ଷା ସହ ନିଦାନର ବ୍ୟବସ୍ଥା ମଧ୍ୟ ହୋଇଥିଲା। ଖୋର୍ଦ୍ଧା ସହରର ଡାକ୍ତର ସୁସୀମ ଦାସ, ନାଟ୍ୟକାର ଡା. ଧନେଶ୍ୱର ସାହୁ, ଖୋର୍ଦ୍ଧା ବାର ଆସୋସିଏଶନର ସଭାପତି ପ୍ରାଣକୃଷ୍ଣ ଦଳବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ବିମଳ ଚନ୍ଦ୍ର ଷଡଙ୍ଗୀ ସମ୍ପାଦକୀୟ ବିବରଣୀରେ ଅନୁଷ୍ଠାନର ବୃକ୍ଷରୋପଣ, ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ବହି ବଣ୍ଟନ, ଦୁଃସ୍ଥ ଲୋକମାନଙ୍କୁ କମ୍ବଳ ବଣ୍ଟନ ଓ ସ୍ୱଚ୍ଛ ଖୋର୍ଦ୍ଧା ଚଳିତବର୍ଷର ଲକ୍ଷ୍ୟ ବୋଲି ଦର୍ଶାଇଥିଲେ। କାର୍ଯ୍ୟକାରୀ ସଭାପତି ମାୟାଧର ମାହାଳିକ ଉପସ୍ଥିତ ଥିବା ବେଳେ ଉପସଭାପତି ହାଜି ନସିମୁଦ୍ଦିନ ଖାଁ ଧନ୍ୟବାଦ ଦେଇଥିଲେ।



ଖୋର୍ଦ୍ଧା ରୋଡ୍ ଷ୍ଟେଶନରେ ଟାଏକୋଣ୍ଡୋ ପ୍ରତିଯୋଗୀଙ୍କୁ ସ୍ୱାଗତ କରାଯାଉଛି।

# ରାଜ୍ୟ ଓପନ ଟାଏକୋଣ୍ଡୋ: ଜଟଣୀ ପ୍ରତିଯୋଗୀଙ୍କ ସଫଳତା

**ଜଟଣୀ,୨୦।୧(ଡି.ଏନ.ଏ.)**

ରାଜ୍ୟ ଓପନ ଟାଏକୋଣ୍ଡୋ କିରୋଗୀ ଓ ପୁମ୍‌ସେ ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲା ଜଟଣୀରୁ ଭାଗ ନେଇଥିବା ପ୍ରତିଯୋଗୀମାନେ ସଫଳତା ହାସଲ କରିଛନ୍ତି। କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ଟ୍ରେନ୍‌ରେ ସୋମବାର ଏଠାରେ ପହଞ୍ଚିବା ପରେ ଖୋର୍ଦ୍ଧାରୋଡ଼ ଷ୍ଟେଶନରେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। କଟକ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମ୍‌ରେ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜଟଣୀ ଅଞ୍ଚଳରୁ ୩୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିରୁ ବିଭିନ୍ନ ବର୍ଗରେ ୮ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ, ୧୦ଟି କାଂସ୍ୟ ପଦକ ସମେତ ୨୧ଟି ପଦକ ହାସଲ କରିଛନ୍ତି। ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ହେଲେ କାୟରା କ୍ରିଷ୍ଟିନା ସ୍ୱାଇଁ, ଶ୍ରେୟା ମହାନ୍ତି, କେଲେନ୍ କ୍ୟାଥଲିନା ସ୍ୱାଇଁ, ହର୍ଷିତା ପାଣି, ଅର୍କେଶ କର୍ଣ୍ଣ, ରୁଦ୍ରପ୍ରସାଦ ବଳବନ୍ତରାୟ, କେ. କୌଶିକ, ସୁଲଳିତ ପଟ୍ଟନାୟକ, ବିଦ୍ୟାମୟୀ ମିଶ୍ର, ହର୍ଷିତା ପିଙ୍ଗୁଆ, ଫାତିମା ଶୀରିନ୍, ନଦୁଲା ଚେତନ, ପ୍ରୀତମ କୁମାର ଦାସ, ପ୍ରଭୁପାଦ ଖମାରୀ। ଏମାନେ ଆଗାମୀଦିନରେ ହେବାକୁ ଥିବା ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଖୋର୍ଦ୍ଧା ଜିଲା ଟାଏକୋଣ୍ଡୋ ଆସୋସିଏଶନର ସାଧାରଣ ସମ୍ପାଦକ ତଥା ମୁଖ୍ୟ କୋଚ୍ ମାଷ୍ଟର ଅଜୟ କୁମାର ସାହୁ କହିଛନ୍ତି। ଖୋର୍ଦ୍ଧାରୋଡ଼ ଷ୍ଟେଶନରେ ପ୍ରତିଯୋଗୀଙ୍କ ଅଭିଭାବକ, ଜନସାଧାରଣ, ମହାତ୍ମା ଗାନ୍ଧୀ ସ୍ମୃତି କମିଟିର ସଭାପତି ବିଭୂତି ଭୂଷଣ ମିଶ୍ର ଉପସ୍ଥିତ ରହି ସମସ୍ତଙ୍କୁ ସ୍ୱାଗତ କରିବା ସହ ଶୋଭାଯାତ୍ରାରେ ସହର ପରିକ୍ରମା କରାଇଥିଲେ।

### ଟାଙ୍ଗୀ ବ୍ଲକ୍ ପ୍ରାଥମିକ ଶିକ୍ଷକଙ୍କ ଶାଳାଶିଧି ତାଲିମ

**ଟାଙ୍ଗୀ (ଖୋର୍ଦ୍ଧା) ୨୦।୧ (ଡି.ଏନ.ଏ.):** ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ୨ ଦିନିଆ ଶାଳାଶିଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ଅବଧୂତ ଚମ୍ପତି ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ୍‌ର ୧୧ କ୍ଲଷ୍ଟର ମଧ୍ୟରୁ ପ୍ରଥମ ଦିନ ୬ ଦ୍ୱିତୀୟ ଦିନ ୫ କ୍ଲଷ୍ଟରର ୧୧୭ ପ୍ରଧାନଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ରୂପେ ସମରେଶ ବେହେରା, ମାନସ ବେହେରା, ପ୍ରଶାନ୍ତ ବେହେରା ଓ ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଅନ୍‌ଲାଇନରେ ବିଦ୍ୟାଳୟର ତଥ୍ୟ କିପରି ପୂରଣ କରାଯାଇପାରିବ ସେ ସମ୍ପର୍କରେ ତାଲିମ ଦେଇଥିଲେ। ଦ୍ୱିତୀୟ ଦିନରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ ଓ ସହଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ, ସିଆରସିସି ପ୍ରସନ୍ନ ପାଇକରାୟ, ବଳଭଦ୍ର ସେଠୀ, ଲଳିତ ନାରାୟଣ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁନାହାନ୍ତି ଦିଲୀପ

**ବୋଲଗଡ,୨୦।୧(ଡି.ଏନ.ଏ.)**



ଦିଲୀପ ନାୟକ

ଦିନ ମଜୁରିଆଭାବେ କାମକରି ପରିବାର ପ୍ରତିପୋଷଣ କରୁଥିଲେ। ତେବେ ପରିବାରର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇ ପଡିବାରୁ ଅଧିକ ରୋଜଗାର ଆଶାରେ ଗାଁ ଛାଡି ଚାଲିଗଲେ ସୁଦୂର ମହାରାଷ୍ଟ୍ର। ହେଲେ ଭାଗ୍ୟ ସାଥ୍ ଦେଲାନି। ସଠାରେ ଏକ କୋଠା ଘର ନିର୍ମାଣରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ସମୟରେ କୋଠା ଉପରୁ ପଡି ଗୁରୁତର ହେଲେ। ଏବେ ଅର୍ଥାଭାବରୁ ସେ ଚିକିତ୍ସିତ ହୋଇ ପାରୁନାହାନ୍ତି। ଯିଏ ଦିନେ ପରିବାରର ବୋଝ ମୁଣ୍ଡାଇଥିଲେ ସେ ଆଜି ପରିବାରରେ ବୋଝ ହୋଇପଡିଛନ୍ତି। ଏଭଳି ଅସହାୟ ହୋଇ ପଡିଥିବା ବ୍ୟକ୍ତି ହେଲେ ବୋଲଗଡ ବ୍ଲକ ବଡକୁମାରୀ ପଞ୍ଚାୟତ ଖଲ୍ଲିକୋଟ ଗ୍ରାମଆଦିବାସୀ ସାହିର ଦିଲୀପ ନାୟକ(୩୫)। ଘରେ ବିଧବା ମାଆଙ୍କ ସହ ସ୍ତ୍ରୀ ଏବଂ ୨ ଝିଅଙ୍କ ପେଟକୁ ଦାନା ଦେବା ପାଇଁ ସେ ଦିନମଜୁରିଆ ଭାବେ କାମ କରୁଥିଲେ। ଗତ ୩ମାସ ତଳେ ମହାରାଷ୍ଟ୍ର ଯାଇଥିଲେ। ହେଲେ ସେଠାରେ ଦୁର୍ଘଟଣା ସବୁକିଛି ଏପଟସେପଟ କରିଦେଲା। ଗୋଡ ଆଣ୍ଠୁ ଏବଂ ହାତର ମଣିବନ୍ଧରେ ଗୁରୁତର ଆଘାତ ଲାଗିଲା। ତେବେ ସେଠାରେ କିଛି ଦିନ ଚିକିତ୍ସିତ ହେବା ପରେ ସୁସ୍ଥ ନ ହେବାରୁ ଗ୍ରାମକୁ ଚାଲି ଆସିଥିଲେ ଦିଲୀପ। ହେଲେ ଅର୍ଥାଭାବରୁ ଚିକିତ୍ସିତ ହୋଇ ନ ପାରି ଅସୁସ୍ଥତା ଯୋଗୁ କୌଣସି କାର୍ଯ୍ୟ କରି ପାରୁ ନାହାନ୍ତି ସେ। ଡାହଣ ଆଣ୍ଠୁ ଏବଂ ବାମ ହାତର ମଣିବନ୍ଧ ଅଚଳ ହୋଇଯାଇଛି। ଝଟିମାଟିରେ ତିଆରି ତାଙ୍କର ୨ବଖରା ଚାଳ ଘର ରହିଛି। ଜମିବାଡି କିଛି ନାହିଁ କହିଲେ ଚଳେ। ଅର୍ଥାଭାବରୁ ସେ ଚିକିତ୍ସିତ ହୋଇପାରୁ ନାହାନ୍ତି। ତେଣୁ ତାଙ୍କର ଚିକିତ୍ସା ସହାୟତା ପାଇଁ ସେ ଆକୁଳ ନିବେଦନ କରୁଛନ୍ତି। ସରକାରୀ ସହାୟତା ହେଉ କିମ୍ବା କୌଣସି ବେସରକାରୀ ଅନୁଷ୍ଠାନ ତାଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବୋଲଗଡ ଏବିଡିଓ ରତିକାନ୍ତ ମିଶ୍ର କୁହନ୍ତି ଦିଲୀପଙ୍କ ପରିବାରକୁ ଆଗାମୀ ଦିନରେ ଆବାସ ଯୋଜନାରେ ସାମିଲ କରାଯିବାକୁ ପ୍ରଚେଷ୍ଟା କରାଯିବ। ଏପରିକି ସାମାଜିକ ସୁରକ୍ଷା ଦୃଷ୍ଟିରୁ ବ୍ଲକ ପ୍ରଶାସନ ପକ୍ଷରୁ ନିୟମାନୁସାରେ ସହାୟତା ଯୋଗାଇ ଦିଆଯିବ। ତେବେ ସେ ଚିକିତ୍ସା ସହାୟତା ପାଇଁ ଜିଲାପାଳଙ୍କୁ ଆବେଦନ କରିବାକୁ କହିଥିଲେ।

# ଅବ୍ୟବସ୍ଥାରେ ୧୧୦ ବର୍ଷର ସ୍କୁଲ

## ■ ୮ ଶ୍ରେଣୀ ପାଇଁ ୬ ଗୃହ ■ ରୋଷେଇ ଗୃହ ନାହିଁ

**ନିରାକାରପୁର,୨୦।୧(ଡି.ଏନ୍.ଏ.)**

'ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ' ଶିକ୍ଷା ବିଭାଗ ପକ୍ଷରୁ ଏହି ନାରା ଦିଆଯାଉଛି। ଭିତ୍ତିଭୂମି ସୁଦୃଢ଼ ନ କରି ଏହି ନାରା ଦେବାର ଯଥାର୍ଥତା କେତେ ତାହା ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଡିଆ ଗ୍ରାମରେ ଅବସ୍ଥାପିତ ୧୧୦ ବର୍ଷର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଦେଖିଲେ ସହଜରେ ଜଣାପଡେ। ୧୯୧୦ ମସିହାରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ୯୯ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ। ଶିକ୍ଷାଦାନ ପାଇଁ ଅଛନ୍ତି ୭ଜଣ ଶିକ୍ଷକ। ପୂର୍ବରୁ ଏଠାରେ ପ୍ରଥମ ଶ୍ରେଣୀଠାରୁ ୭ମ ପର୍ଯ୍ୟନ୍ତ ରହିଥିଲା। କିଛିବର୍ଷ ହେଲା ୮ମ ଶ୍ରେଣୀ ଖୋଲିଛି। ୮ ଶ୍ରେଣୀ ପାଇଁ ୭ଟି ଶ୍ରେଣୀଗୃହ ରହିଛି। ପୁଣି ସେଥିରୁ ଗୋଟିଏ ଗୃହ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଅଙ୍ଗନୱାଡି କେନ୍ଦ୍ରକୁ ଦିଆଯାଇଛି। ସ୍ୱତନ୍ତ୍ର ରୋଷେଇ ଗୃହ ନ ଥିବାରୁ ଫନୀ ବାତ୍ୟାରେ ଭାଙ୍ଗିଯାଇଥିବା ଏକ ବିପଦପୂର୍ଣ୍ଣ ଗୃହରେ ରୋଷେଇ କର୍ଯ୍ୟ ଚାଲୁରହିଛି। ସ୍କୁଲ ପରିସରରେ ଦୁଇଟି ଅର୍ଦ୍ଧନିର୍ମିତ ଗୃହ ଥିବାବେଳେ ଆଉ ଚାରିବଖରା ଆଜବେଷ୍ଟସ୍ ଘର ଫନୀ ବାତ୍ୟାରେ ଭାଙ୍ଗିଯାଇଛି। ଫନୀକୁ ଆଠମାସ ବିତିଯାଇଥିଲେ ମଧ୍ୟ ସହାୟତା କେବଳ କାଗଜ କଲମରେ ସୀମିତ ରହିଛି। ଏ ନେଇ ଶିକ୍ଷକ ଅମ୍ଲାନ ପ୍ରହରାଜ କୁହନ୍ତି, ଫନୀରେ ଭାଙ୍ଗିଯାଇଥିବା ସ୍କୁଲ ଗୃହ ନିମନ୍ତେ ୨ଲକ୍ଷ ଟଙ୍କା ସହାୟତା ଘୋଷଣା ହୋଇଛି, ହେଲେ ଏଯାଏ ମିଳିନି। ଏହି ଅର୍ଥରାଶି ମିଳିଲେ ଅର୍ଦ୍ଧନିର୍ମିତ ଗୃହ ଶେଷ ହୋଇପାରନ୍ତା। ଟାଙ୍ଗୀ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଅବଧୂତ ଚମ୍ପତିଙ୍କୁ ପଚାରିବାରୁ ସେ ବ୍ଲକ୍ କର୍ତ୍ତୃପକ୍ଷ ସହାୟତା ଦେଇ ନ ଥିବା କହିଥିଲେ। ଟାଙ୍ଗୀ ବିଡିଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ୍ ରିସିଭ୍ କରି ନ ଥିଲେ।






ଅଧାଗଢ଼ା ଅବସ୍ଥାରେ ବିଦ୍ୟାଳୟ ଗୃହ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
-ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### କଳ୍ପନାର ଡେଣା

**ଭୁବନେଶ୍ୱର,୨୦।୧(ବ୍ୟୁରୋ):** ନାଟ୍ୟକାର ଅଧାପକ ମାନସ ମିଶ୍ର ରାତି ଅଧରେ ଏକ ନୂଆ ନାଟକ ଦେଖିବାକୁ ବସନ୍ତି। ଭାବନା ଭିତରେ ନିଜ ପରିବାରର ସମସ୍ତ ଚରିତ୍ର। ଅନେକ ଚାରିତ୍ରିକ ଦୋଷ ତ୍ରୁଟିଥିବା ବାପା ଓ ଭାଇର ଚରିତ୍ର, ପରିବାରର ପଞ୍ଜୁରି ଭିତରୁ ଉଡ଼ିଯିବାକୁ ଚାହୁଁଥିବା ତାଙ୍କ ପତ୍ନୀ କଳ୍ପନାର ଚରିତ୍ର। କିନ୍ତୁ ନାଟ୍ୟକାରଙ୍କ ସାହସ ନାହିଁ ସେମାନଙ୍କୁ ଚରିତ୍ର କରି ନାଟକ ଲେଖିବାକୁ। ତାଙ୍କ ଭାବନାର କେନ୍ଦ୍ରବିନ୍ଦୁ ସାଜିଛି ତାଙ୍କ ପତ୍ନୀର ମନରେ କଅଁଳୁଥିବା ଡେଣା। ସେ ଡେଣା ଏକ ସ୍ୱାଧୀନତାର ପ୍ରତୀକ। କିନ୍ତୁ ଯେତେବେଳେ ସେ ଡେଣା କଅଁଳି ଯାଇଛି, ନାଟ୍ୟକାରଙ୍କ ପତ୍ନୀ କଳ୍ପନା ଘରଛାଡ଼ି ଆକାଶକୁ ଉଡ଼ିଯିବାକୁ ଚାହୁଁଛି। ଏ ସମାଜ ପାଇଁ କିଛି କରିବାକୁ ଚାହୁଛି। ସେ ଡେଣାକୁ ନେଇ ଅନେକ ପ୍ରଶ୍ନ ଉଠିଛି। କଳ୍ପନାର ଚରିତ୍ର କାଠଗଡ଼ା ଭିତରେ ଛିଡ଼ା ହୋଇଛି। ତେବେ କଳ୍ପନା କ'ଣ ଡେଣା ମେଲାଇ ଉଡ଼ିପାରିଛି। ଏଭଳି ଏକ କାହାଣୀକୁ ନେଇ ଭବାନୀପାଟଣାର ସ୍ମାରକୀ ନାଟ୍ୟ ସଂସଦ ପକ୍ଷରୁ ନାଟକ 'ଡେଣା' ସୋମବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ମନନ ନାଟ୍ୟସଂସ୍ଥା ପକ୍ଷରୁ ଚାଲିଥିବା ଏହାର ୪୧ତମ ବାର୍ଷିକ ନାଟକ ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ନାଟକଟି ମଞ୍ଚସ୍ଥ ହୋଇଥିଲା। ନାଟକର ରଚନା ମନୋଜ ରଥ କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ପ୍ରମୋଦ ଓ ମନୋଜ। ବିଭିନ୍ନ ଭୂମିକାରେ ସୁଧୀର, ଶୁଭେନ୍ଦୁ, ସୌରଭ, ରାମେଶ୍ୱର, ଦେବୀପ୍ରସାଦ, ଭାନୁ ପ୍ରକାଶ ପ୍ରମୁଖ ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ଶଙ୍କର ପ୍ରସାଦ ତ୍ରିପାଠୀ, ଲାଲା ବିରେନ୍ ରାୟ, ମୁନ୍ନା ଖାଁ, ମନୋଜ ପଟ୍ଟନାୟକ ଓ ବଙ୍କିମ୍ ନାୟକ ଯୋଗ ଦେଇଥିଲେ।

### ୫୯ ଲକ୍ଷରେ ହେଲା ବର୍ଷକର ପାର୍କିଂ ଟେଣ୍ଡର

**ବାରଙ୍ଗ,୨୦।୧(ଡି.ଏନ.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପକ୍ଷରୁ ୨୦୧୯-୨୦ବର୍ଷ ପାଇଁ ଡକାଯାଇଥିବା ଏକବର୍ଷିଆ ପାର୍କିଂ ଟେଣ୍ଡରର ଫାଇନାନ୍ସିଆଲ ବିଟ୍ ସୋମବାର ଖୋଲାଯାଇଛି। ନନ୍ଦନକାନନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଏହି ବିଟ୍ ଖୋଲାଯାଇଥିଲା। ୨୦୧୯-୨୦ବର୍ଷ ପାଇଁ ଏହି ଟେଣ୍ଡର ୩୧ ଡିସେମ୍ବର ପକାଇବାର ଶେଷ ତାରିଖ ରହିଥିବାବେଳେ ଜାନୁୟାରୀ ୭ରେ ଏହାର ଟେକ୍ନିକାଲ ବିଟ ନନ୍ଦନକାନନରେ ଖୋଲାଯାଇଥିଲା। ଏଥିରେ ୫ଜଣ ଠିକାଦାର ଅଂଶଗ୍ରହଣ କରିଥିବାବେଳେ ସମସ୍ତ ଠିକାଦାରମାନଙ୍କର କାଗଜପତ୍ର ଠିକ ଥିବା ଯାଞ୍ଚବେଳେ ଜଣାପଡିଥିଲା। ସୋମବାର ଏହି ବର୍ଷିକିଆ ପାର୍କିଂ ଟେଣ୍ଡର ନିମନ୍ତେ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୫ଜଣ ଠିକାଦାରମାନଙ୍କ ଉପସ୍ଥିତିରେ ଫାଇନାନ୍ସିଆଲ ବିଟ୍ ଖୋଲାଯାଇଥିଲା। ସେଥିମଧ୍ୟରେ ସମସ୍ତଙ୍କଠାରୁ ଅଧିକ ତ୍ରିଲୋଚନ ରାଉତଙ୍କର ୫୯ଲକ୍ଷ ଟଙ୍କା ରହିଥିବାର ଜଣାପଡିଥିଲା। ତେବେ ନନ୍ଦନକାନନ ପକ୍ଷରୁ ପାର୍କିଂ, ସଫାରି, ବୋଟିଂ, ବେଟେରିଚାଳିତ ଅଟୋକୁ ଘରୋଇକରଣରେ ଦେବା ଫଳରେ ଏହା ରାଜସ୍ୱ ବୃଦ୍ଧିର ପ୍ରମୁଖ ମାଧମ ସାଜିଥିବାର ଜଣାପଡିଛି।

# 'ପୁରୁଣା ମାଷ୍ଟରପ୍ଲାନ୍ ଦେଖି ନିରାଶ ହୋଇଛି କମିଟି'

**ଭୁବନେଶ୍ୱରର ଡ୍ରେନେଜ ବ୍ୟବସ୍ଥା ଠିକ୍ ନାହିଁ ପ୍ରସଙ୍ଗ**

- ସ୍ଥିତି ସୁଧୁରିଛି, ୫୯ ଦୁର୍ବଳ ସ୍ଥାନ ହ୍ରାସ ପାଇ ୩୭ରେ ପହଞ୍ଚିଛି
- ପାଚେରି ନିର୍ମାଣ ପରେ କୃତ୍ରିମ ବନ୍ୟା ସ୍ଥିତି ସୁଧୁରିବ

**ଭୁବନେଶ୍ୱର, ୨୦।୧ (ବ୍ୟୁରୋ)**

ଭୁବନେଶ୍ୱର ଡ୍ରେନେଜ୍ ବ୍ୟବସ୍ଥାରେ ବହୁତ ସୁଧାର ଆସିଛି। ପୂର୍ବାପେକ୍ଷା ଏବେ ଅନେକ ପରିବର୍ତ୍ତନ କରାଯାଇଛି। କୃତ୍ରିମ ବନ୍ୟାସ୍ଥିତି ଉପୁଜୁଥିବା ୫୯ଟି ସ୍ଥାନ ହ୍ରାସ ପାଇ ଏବେ ୩୭ରେ ପହଞ୍ଚିଛି। ବହୁ ସମ୍ବେଦନଶୀଳ ଅଞ୍ଚଳରେ ନିୟମିତ ଭାବେ ଡ୍ରେନ ସଫେଇ ହେଉଛି। ମାତ୍ର ସଂସଦୀୟ ଷ୍ଟାଣ୍ଡିଂ କମିଟି ଭୁବନେଶ୍ୱର ଡ୍ରେନେଜ ବ୍ୟବସ୍ଥା ସଂକ୍ରାନ୍ତ ନୂଆ ମାଷ୍ଟର ପ୍ଲାନ ପରିବର୍ତ୍ତେ ପୁରୁଣା ମାଷ୍ଟର ପ୍ଲାନ୍ ଦେଖି ନିରାଶ ହୋଇଛନ୍ତି ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଡ୍ରେନେଜ୍ ବିଭାଗୀୟ ମୁଖ୍ୟଯନ୍ତ୍ରୀ ପ୍ରଦୀପ ସାଗର ଦୁରିଆ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଡ୍ରେନ ସମ୍ପ୍ରସାରଣ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ଏଥିରେ ସହରୀ ବନ୍ୟାର ମୁକାବିଲା ପାଇଁ ବିଭିନ୍ନ ଯୋଜନା ରହିଛି। ସଂସଦୀୟ କମିଟି ନୂଆ ମାଷ୍ଟର ପ୍ଲାନ ନ ଦେଖି ପୁରୁଣା ମାଷ୍ଟର ପ୍ଲାନ ଆଧାରରେ ଏପରି ପ୍ରତିକ୍ରିୟା ଦେଇଛନ୍ତି। ଆଗାମୀ ଦିନରେ ଡ୍ରେନେଜ ସ୍ଥିତି ସୁଧାରିବା ପାଇଁ ବିଭିନ୍ନ ଯୋଜନା କରାଯାଇଥିବା ବେଳେ ନଗର ଉନ୍ନୟନ ବିଭାଗ ସହ ଆଲୋଚନା ଜାରି ରହିଛି। ଅର୍ଥ ଆସିଲେ ବିଭାଗ କାମ ଆରମ୍ଭ କରିବ। ଭୁବନେଶ୍ୱରରେ ମୁଖ୍ୟ ଡ୍ରେନ ସଂଖ୍ୟା ବଢାଇବା ସହ ଆଭ୍ୟନ୍ତରୀଣ ଡ୍ରେନଗୁଡ଼ିକର ଭିତ୍ତିଭୂମି ବିକାଶ କରାଯିବ ବୋଲି ମୁଖ୍ୟଯନ୍ତ୍ରୀ ଦୁରିଆ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଭୁବନେଶ୍ୱର ଡ୍ରେନେଜ୍ ବ୍ୟବସ୍ଥା ସୁଧାରିବା ପାଇଁ ଆବଶ୍ୟକ ପାଣ୍ଠି ହସ୍ତଗତ ହୋଇନାହିଁ। ବିଭାଗ ଦ୍ୱାରା ବହୁ ସମ୍ବେଦନଶୀଳ ସ୍ଥାନର ସ୍ଥିତିରେ ସୁଧାର ଅଣାଯାଇଛି। ଆଗକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ହୋଇଥିବା ସ୍ୱତନ୍ତ୍ର ପ୍ୟାକେଜ୍‌ର ପାଣ୍ଠି ହସ୍ତଗତ ହେବା ପରେ ଘରୋଇ ଜମି ଅଧିଗ୍ରହଣ ହେବ। ତା'ସହ ଡ୍ରେନ ସମ୍ପ୍ରସାରଣ କରାଯିବ। ୬୫ ଏକରରୁ ଉର୍ଦ୍ଧ୍ୱ ଜମି ଅଧିଗ୍ରହଣ ହେବ। ଜମି ଅଧିଗ୍ରହଣ ସହ ମୁଖ୍ୟ ଡ୍ରେନର ଦୁଇ ପାର୍ଶ୍ୱରେ ପାଚେରି ନିର୍ମାଣ ହେଲେ କୃତ୍ରିମ ବନ୍ୟା ସ୍ଥିତି ନିୟନ୍ତ୍ରଣ ହେବା ସହ ଡ୍ରେନେଜ୍ ସ୍ଥିତି ସୁଧୁରିବ। ସେହିପରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସହ ଆସନ୍ତା ସପ୍ତାହ ମଧ୍ୟରେ ଡ୍ରେନେଜ ସ୍ଥିତିକୁ ନେଇ ଏକ ରିଭ୍ୟୁ ମିଟିଂ ହେବାର ଅଛି। ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକୀୟ କାର୍ଯ୍ୟ ଓ ପାଣ୍ଠି ଉପରେ ଆଲୋଚନା କରାଯିବ। ପରେ ପଦକ୍ଷେପ ପାଇଁ ଏମ୍‌ପି ଷଡ଼ଙ୍ଗୀ ଅର୍ବାନ ଡେଭେଲପ୍‌ମେଣ୍ଟର ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ଅବଗତ କରାଇବେ ବୋଲି ଦୁରିଆ ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ସହରାଞ୍ଚଳ ବିକାଶକୁ ନେଇ ଗଠିତ ସଂସଦୀୟ ଷ୍ଟାଣ୍ଡିଂ କମିଟିର ୨୦ଜଣ ସଦସ୍ୟା, ସଦସ୍ୟ ଏବଂ ୫ଜଣ ସଂସଦୀୟ ବ୍ୟାପାର ଅଧିକାରୀ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ସେମାନେ ସିଧାସଳଖ କ୍ଷେତ୍ର ପରିଦର୍ଶନ କରି ୨୦୧୯-୨୦ ମସିହା ପାଇଁ ଚିହ୍ନିତ ବିଷୟଗୁଡ଼ିକୁ ଅନୁଧ୍ୟାନ କରି ନଗର ଉନ୍ନୟନ ବିଭାଗର କେତେକ ପ୍ରକଳ୍ପ ଓ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ସେମାନେ ଭୁବନେଶ୍ୱରର ଡ୍ରେନେଜ୍ ବ୍ୟବସ୍ଥା ସ୍ଥିତି ଠିକ୍ ନ ଥିବା ଦର୍ଶାଇବା ସହ ଏ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

### ଲୁହା ସାମଗ୍ରୀ ଚୋରି: ୨ ଗିରଫ

**କଟକରୋଡ଼, ୨୦।୧ (ଡି.ଏନ୍.ଏ.)**

ଜଣେ ଠିକାଦାରଙ୍କ ଲୁହା ସାମଗ୍ରୀ ଚୋରି ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ସୋମବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଚିନ୍ତାମଣିଶ୍ୱର ସବର ସାହିରେ ରହୁଥିବା ଆଲୋକ ଦାସ ଓ ବରଗଡ଼ ଥାନା ଶବର ସାହିରେ ରହୁଥିବା ସୁନୁ ଖାନ୍। ସୂଚନା ଅନୁଯାୟୀ ଗତ ୧୮ ତାରିଖ ରାତିରେ ଚିନ୍ତାମଣିଶ୍ୱର ଅଞ୍ଚଳରେ ଠିକାଦାରୀ କାମ ଚଳାଇଥିବା ନୟାଗଡ଼ ଜିଲା ଶରଣକୁଳ ଅଞ୍ଚଳର ରବୀନ୍ଦ୍ର ନାୟକଙ୍କ କେତେକ ଲୁହା ସାମଗ୍ରୀ ଚୋରାଇ ନେଇଥିଲେ। ଏ ନେଇ ରବୀନ୍ଦ୍ର ଅଭିଯୋଗକ୍ରମେ ପୋଲିସ ଏକ ମାମଲା ନଂ. ୨୦/୨୦ ରୁଜୁ କରି ତଦନ୍ତ ଚଳାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଯୁକ୍ତ୨ ପ୍ରଥମବର୍ଷ ବିଦ୍ୟାର୍ଥୀଙ୍କ ରାସ୍ତାରୋକୋ



ଜଟଣୀ କଲେଜ ସମ୍ମୁଖ ରାସ୍ତାରେ ପିଲାମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

**ଜଟଣୀ,୨୦।୧(ଡି.ଏନ.ଏ.)**

ଜଟଣୀ କଲେଜ ଯୁକ୍ତ୨ ପ୍ରଥମବର୍ଷ ବିଦ୍ୟାର୍ଥୀ ସୋମବାର ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଉଚ୍ଚ ଶିକ୍ଷା ବିଭାଗର ପ୍ରଥମବର୍ଷ ପରୀକ୍ଷାରେ ୩୩ ପ୍ରତିଶତ ନମ୍ବର ରଖିବା ବାଧ୍ୟତାମୂଳକ ନିଷ୍ପତ୍ତି ନିଆଯାଇଛି। ଏହା ବିରୋଧରେ ପିଲାମାନେ ଟାୟାର ଜାଳି କଲେଜ ସମ୍ମୁଖ ରାସ୍ତାକୁ ୩ ଘଣ୍ଟା ଅବରୋଧ କରି ପ୍ରତିବାଦ କରିଥିଲେ। ଖବର ପାଇ ପୋଲିସ ଓ କଲେଜ କର୍ତ୍ତୃପକ୍ଷ ଆନ୍ଦୋଳନ ସ୍ଥଳରେ ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

# ମେଡିସିନ୍ ଦୋକାନ କାଚ ଭାଙ୍ଗି ଆକ୍ରମଣ, ୨ ଆହତ

**ବିଳମ୍ବିତ ରାତିରେ ଦୁର୍ବୃତ୍ତଙ୍କ ଆତଙ୍କ**

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ଖଣ୍ଡଗିରି ଥାନା ଅଧୀନ ଏମ୍ସ ରୋଡ଼ରେ ଥିବା ଏକ ମେଡ଼ିସିନ ଦୋକାନରେ ରବିବାର ବିଳମ୍ବିତ ରାତିରେ ଦୁଇଜଣ ଦୁର୍ବୃତ୍ତ ଆତଙ୍କ ରଚାଇଛନ୍ତି। ସେମାନେ ଦୋକାନ ଆଗରେ ଲାଗିଥିବା କାଚକୁ ଭାଙ୍ଗି ଦେଇଛନ୍ତି। ଦୋକାନୀ କାଚ ନ ଖୋଲିବାରୁ ଦୁର୍ବୃତ୍ତମାନେ ଉତ୍ୟକ୍ତ ହୋଇ ଏହି କାଣ୍ଡ ଭିଆଇଥିବାବେଳେ ଏଥିରେ ୨ଜଣ ସେଲ୍ସମ୍ୟାନ ଗୁରୁତର ଆହତ ହୋଇଛନ୍ତି। ଆହତ ଦୁଇ ସେଲ୍ସମ୍ୟାନ ହେଲେ ନୟାଗଡର ରାଜକିଶୋର ଗୁମନ ସିଂ ଓ ପିଙ୍କୁ ସାହୁ। ତାଙ୍କୁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟରେ ଆକ୍ରମଣକାରୀ ଯୁବକ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଥାନାରେ ଅଭିଯୋଗ ନ କରିବା ପାଇଁ ଦୋକାନ ମାଲିକ ଦୀପକ ରାଉତରାୟଙ୍କୁ ଧମକ ମିଳିଛି।

ସୂଚନା ଅନୁଯାୟୀ, ଏମ୍ସ ହସ୍ପିଟାଲ ସମ୍ମୁଖରେ ବଡମ୍ବା ଅଞ୍ଚଳର ଦୀପକ ରାଉତରାୟ ଦୀପକ ମେଡିକେୟାର ନାମକ ଔଷଧ ଦୋକାନ କରିଛନ୍ତି। ରବିବାର ରାତି ପ୍ରାୟ ୨ଟାରେ ଦୋକାନ ଖୋଲା ଥିଲା। କୌଣସି କାମରେ ଦୀପକ ଏମ୍ସ ହସ୍ପିଟାଲକୁ ଯାଇଥିବା ବେଳେ ଦୋକାନରେ ସେଲ୍ସମ୍ୟାନ ରାଜକିଶୋର ଏବଂ ପିଙ୍କୁ ଥିଲେ। ଏହି ସମୟରେ ଦୁଇଜଣ ଯୁବକ ମେଡିସିନ୍ ଦୋକାନ ଭିତରକୁ ପଶିଥିଲେ। ସବୁଦିନ ପରି ରବିବାର ଦୋକାନ ଆଗରେ ଥିବା ଲୁହାଗ୍ରିଲ୍ ଦିଆଯାଇ ନ ଥିଲା। ଖାଲି କାଚର ଡୋର ଲାଗିଥିଲା। ଦୁଇ ଦୁର୍ବୃତ୍ତ ଆସି ଔଷଧ ମାଗିଥିଲେ। ଉକ୍ତ କାଚ ଡୋରକୁ ଖୋଲିବାକୁ କହିଥିଲେ। କିନ୍ତୁ ସେଲସମ୍ୟାନ ଦ୍ୱୟ ମନା କରିବାରୁ ସେମାନେ କାଚକୁ ଗୋଇଠା ମାରି ଭାଙ୍ଗିଦେଇଥିଲେ। ରାଜକିଶୋର ଏବଂ ପିଙ୍କୁଙ୍କ ଦେହରେ କାଚ ଛିଟିକି ପଡିଥିଲା। ଫଳରେ ଏକାଧିକ ଭେନ୍ କଟିଯାଇ ରକ୍ତସ୍ରାବ ହୋଇଥିଲା। ଦୁର୍ବୃତ୍ତ ଦ୍ୱୟ ସେଠାରୁ ଫେରାର ହୋଇଯାଇଥିଲେ ବୋଲି ଦୀପକ ଅଭିଯୋଗ କରିଛନ୍ତି। ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ପୋଲିସ ତଦନ୍ତ କରୁଛି। ଦୁଇ ଅଭିଯୁକ୍ତଙ୍କ ନାମରେ ଖଣ୍ଡଗିରି ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

### ପୂର୍ବତନ ଛାତ୍ର କଂଗ୍ରେସ ସଭାପତିଙ୍କୁ ଧମକ ଘଟଣା କଂଗ୍ରେସ ନେତାଙ୍କ ନାମରେ ଥାନାରେ ଅଭିଯୋଗ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଇତିଶ ପ୍ରଧାନଙ୍କୁ କଂଗ୍ରେସ ଭବନରେ ୧୫ରୁ ଉର୍ଦ୍ଧ୍ୱ ଯୁବକ ହତ୍ୟା ଧମକ ଦେବା ଘଟଣାରେ ସୋମବାର ଇତିଶ ଥାନାର ଦ୍ୱାରସ୍ଥ ହୋଇଛନ୍ତି। କଂଗ୍ରେସର ବରିଷ୍ଠ ନେତା ଓ ତାଙ୍କ ପୁଅଙ୍କ ଇସାରାରେ ଏପରି କାଣ୍ଡ ଘଟିଛି। ତେଣୁ ଏହାର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନା ମୁତାବକ ଇତିଶ ଗତ ୧୭ ତାରିଖରେ ଓଡିଶା ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କୁ ସାକ୍ଷାତ କରିବା ନେଇ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନସ୍ଥିତ କଂଗ୍ରେସଭବନରେ ସାଢେ ୧୧ଟାରେ ପହଞ୍ଚିଥିଲେ। କଂଗ୍ରେସ ଭବନକୁ ପ୍ରବେଶ ସମୟରେ କଳାସାର୍ଟ ପରିଧାନ କରିଥିବା ୧୫ରୁ ୧୭ ଜଣ ବ୍ୟକ୍ତି ତାଙ୍କୁ ଅଟକାଇଥିଲେ। କଂଗ୍ରେସର ଜଣେ ବରିଷ୍ଠ ନେତାଙ୍କ ବିରୋଧରେ ରାଜନୀତି କରିବା ବନ୍ଦ କରିବା ନେଇ ତାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରି ଧମକଚମକ ଦେଇଥିଲେ। ଏଥିସହ ଇତିଶଙ୍କ ସହଯୋଗୀ ମନୋଜ ସେଠୀଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଧକ୍କା ମାରି କଂଗ୍ରେସ ଭବନରୁ ବାହାର କରିଦେଲେ। ଫଳରେ ସେ କଂଗେସ ଭବନ ସମ୍ମୁଖରେ ଧାରଣା ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଥାନା ଅଧିକାରୀ ଗିରିଜା ଶଙ୍କର ଚର୍କବର୍ତ୍ତୀ କହିଛନ୍ତି, ଇତିଶଙ୍କ ଅଭିଯୋଗକୁ ଆଧାର କରି ପ୍ରାରମ୍ଭିକ ତଦନ୍ତ ଆରମ୍ଭ ହୋଇଥିବା ବେଳେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମୋ ଗାଁ ପ୍ରତିଭା ସମ୍ମାନରେ ୭ ସମ୍ବର୍ଦ୍ଧିତ

**ପୁରୁଣା ଭୁବନେଶ୍ୱର, ୨୦।୧ (ଡି.ଏନ.ଏ.)**

ମାଟ୍ରିକ୍ ସାର୍ଟିଫିକେଟ ପରୀକ୍ଷାରେ ଉତୀର୍ଣ୍ଣ କୃତୀ ଛାତ୍ରୀଛାତ୍ର ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତିତ୍ୱଙ୍କୁ ଅନ୍ୱେଷଣ କରି ସେମାନଙ୍କୁ ମୋ ଗାଁ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ସୋମବାର ସନ୍ଧ୍ୟାରେ ରାଜଧାନୀ ଉପକଣ୍ଠ ବିଲିପଡ଼ା ଛକରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅଞ୍ଚଳର ୭ ଟି ସ୍କୁଲର ଏହି ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରାମକୃଷ୍ଣ ମଠର ସମ୍ପାଦକ ସ୍ୱାମୀ ଅମୃତପ୍ରଭା ନନ୍ଦଜୀ ମହାରାଜା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ କୌଶଲ୍ୟାଗଙ୍ଗର ଏସ୍‌ବିଆଇ ଶାଖାର ମୁଖ୍ୟ ପରିଚାଳିକା ଅନୁଲିକା କୁମାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟ ସମ୍ପାଦକ କପିଳ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ସଙ୍ଗଠନର ପରିଚାଳନା ନିର୍ଦ୍ଦେଶକ ମୋହନ କୁମାର ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମରେଶ ନାୟକ, ତ୍ରିନାଥ ସାମନ୍ତରାୟ, ପର୍ଶୁରାମ ବେହେରାଙ୍କ ସହ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

**ଟାଙ୍ଗୀ (ଖୋର୍ଦ୍ଧା) ୨୦।୧ (ଡି.ଏନ.ଏ.)**

ଟାଙ୍ଗୀ ବ୍ଲକ୍ କୁହୁଡି ତାଳଡିହସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସିଆରସିସି ଲଳିତ ନାରାୟଣ ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଶିଶୁମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଶିକ୍ଷା ବିକାଶ ସମିତି ଖୋର୍ଦ୍ଧାର ବିଭାଗ ପ୍ରମୁଖ କୁଳମଣୀ ମିଶ୍ର ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ହରିବନ୍ଧୁ ସାମନ୍ତରାୟଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ପାଦକ ବିଧୁଭୂଷଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତ୍ୟେକ ଶ୍ରେଣୀରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପବିତ୍ର କୁମାର ପ୍ରଧାନ ବିଦ୍ୟାଳୟର ବିବରଣୀ ପାଠ କରିଥିବା ବେଳେ ଆଚାର୍ଯ୍ୟ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

# ୨୫ରେ ପାଳନ ହେବ ଜାତୀୟ ମତଦାତା ଦିବସ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ରାଜଧାନୀସ୍ଥିତ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଜାତୀୟ ମତଦାତା ଦିବସ-୨୦୨୦ର ଚୂଡ଼ାନ୍ତ ପ୍ରାକ୍ ପ୍ରସ୍ତୁତି ବୈଠକ ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରାଉତ କହିଥିଲେ ଯେ, ଭୋଟଦାନ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଜାତୀୟ ମତଦାତା ଦିବସର ଉଦ୍ଦେଶ୍ୟ। ବିଶେଷ କରି ଯୁବତୀଯୁବକମାନଙ୍କୁ ମତଦାନ ବ୍ୟବସ୍ଥାରେ ଅଧିକରୁ ଅଧିକ ସଂଖ୍ୟାରେ ସାମିଲ କରିବା ପାଇଁ ଚେଷ୍ଟା କରାଯାଉଛି। ସେମାନଙ୍କ ମଧ୍ୟରେ ଭୋଟ ଦେବା ପାଇଁ ଆଗ୍ରହ ସୃଷ୍ଟି କରିବା ଲାଗି ୨୦୧୧ ଜାନୁୟାରୀ ୨୫ରୁ ଜାତୀୟ ମତଦାତା ଦିବସ ପାଳିତ ହୋଇ ଆସୁଛି। ଖୋର୍ଦ୍ଧା ଜିଲାର ସମସ୍ତ ମତଦାତାଙ୍କୁ ଏ ସଂକ୍ରାନ୍ତରେ ସଚେତନ କରାଇବା ପାଇଁ ୨୫ ତାରିଖରେ ଭୁବନେଶ୍ୱରରେ ଏକ ଭବ୍ୟ କାର୍ଯ୍ୟକ୍ରମ ହେବ। ଏହି ଅବସରରେ ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ଛାତ୍ରୀଛାତ୍ରମାନଙ୍କର ଏକ ବିଶାଳ ରାଲି ସକାଳ ୮ ଘଟିକାରେ ବାହାରି ରାମ ମନ୍ଦିର ଛକ, ପ୍ରଦର୍ଶନୀ ପଡ଼ିଆ, ହାଉସିଂ ବୋର୍ଡ ଛକ ବାଟ ଦେଇ ରବୀନ୍ଦ୍ର ମଣ୍ଡପରେ ପହଞ୍ଚିବ ।

# ଦୀପୁନ ମେମୋରିଆଲ କ୍ରିକେଟ ଟୁର୍ଣାମେଣ୍ଟ

**ଜଟଣୀ, ୨୦।୧(ଡି.ଏନ.ଏ.)**

ଜଟଣୀ କୁଦିଆରୀରେ ଚାଲିଥିବା ଦୀପୁନ ମେମୋରିଆଲ ବ୍ରାହ୍ମଣୀ କପ କ୍ରିକେଟ୍ ଟୁର୍ନାମେଣ୍ଟ ଚାଲିଛି। ସୋମବାର ମ୍ୟାଚରେ ଭୁବନେଶ୍ୱର ମାର୍କେଟ ବିଲଡିଂ ସ୍ପୋର୍ଟିଂକୁ ୩୩ ରନ୍ ବ୍ୟବଧାନରେ ପରାସ୍ତ କରି ଜଟଣୀର ଗୋଷ୍ଠୀ ବଏଜ୍ ଦଳ ବିଜୟୀ ହୋଇଥିଲା। ପୁରୁଷୋତ୍ତମ ଦଳବେହେରା ଓ ସ୍ୱାଧୀନ ପଟ୍ଟନାୟକ ଅମ୍ପାୟର ଦାୟିତ୍ୱରେ ରହିଥିଲେ। ପୂର୍ବତନ କାଉନ୍‌ସିଲର ଲୁସେନ୍ ରାୟ ଅତିଥି ଭାବେ ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଶ୍ରୀଲିଙ୍ଗରାଜ କ୍ଷେତ୍ରରେ ନିର୍ମାଣ, ଖନନ ବାଧାପ୍ରାପ୍ତ

**ଆମସାର ଆକ୍ଟ ଲାଗୁ ନେଇ ଏଏସ୍‌ଆଇ ଅଧିକାରୀଙ୍କ ଚେତାବନୀ**

**ପୁରୁଣା ଭୁବନେଶ୍ୱର, ୨୦।୧ (ଡି.ଏନ.ଏ.)**

ଏକାମ୍ର ଶ୍ରୀଲିଙ୍ଗରାଜ କ୍ଷେତ୍ରରେ ପୁରୀ ଭଳି ବିକାଶ କରିବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପରେ ସଚିବ ସ୍ତରୀୟ ଅଫିସର ଉଦ୍ୟମ କରିଥିଲେ। ବିକାଶ ଲାଗି ବିଏମ୍‌ସି, ପୂର୍ତ୍ତ ବିଭାଗ ଓ ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକଶନ ଲିମିଟେଡ ପରି ସଂସ୍ଥାର ଅନଭିଜ୍ଞ ଠିକାଦାର ଓ ଅଫିସରଙ୍କ ଜରିଆରେ ନିର୍ମାଣ ଉଚ୍ଛେଦ ଏବଂ ଖନନ କାର୍ଯ୍ୟ ଚାଲିଛି। ଫଳରେ ଶ୍ରୀଲିଙ୍ଗରାଜ କ୍ଷେତ୍ରର କୀର୍ତ୍ତିରାଜି ପ୍ରତି ବିପଦ ସୃଷ୍ଟି ସହ ଐତିହ୍ୟର ସୌନ୍ଦର୍ଯ୍ୟହାନି ହେଉଛି। ଐତିହ୍ୟ ଓ କୀର୍ତ୍ତିରାଜି ସ୍ଥଳରେ ଓଡ଼ିଶା ଆନସିଆଣ୍ଟ ମନୁମେଣ୍ଟସ୍ ପ୍ରିଜରଭେଶନ୍ (ଆମସାର) ଆକ୍ଟ ରାଜ୍ୟ ସରକାର ଲାଗୁ ନ କରିବାରୁ ଏଏସ୍‌ଆଇ ଏଡିଜି ରାକେଶ ଲାଲ୍ ସିଂ ସମାଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ପଦକ୍ଷେପକୁ ନିନ୍ଦା କରିବା ସହ ନିକଟରେ ଭୁବନେଶ୍ୱର ଆସି ଏକାମ୍ର କ୍ଷେତ୍ରର କାର୍ଯ୍ୟ ତଦାରଖ କରିଥିଲେ ବୋଲି ସେ ଧରିତ୍ରୀକୁ କହିଛନ୍ତି। ଐତିହ୍ୟସ୍ଥଳର କାରୁକାର୍ଯ୍ୟ ପ୍ରତି ଦୃଷ୍ଟି ନ ଦେଇ ତରବରିଆ ଭାବେ ବଡ଼ ବଡ଼ ମେଶିନ ସାହାଯ୍ୟରେ ଖନନ ଓ ନିର୍ମାଣ କାର୍ଯ୍ୟ କରାଯାଉଛି, ଯାହାକି ଆମସାର ଆକ୍ଟ ବିରୁଦ୍ଧାଚରଣ କରୁଛି। ତେଣୁ ତୁରନ୍ତ ଖନନ କାର୍ଯ୍ୟ ବନ୍ଦ ରଖିବାକୁ ସେ ଚରମବାଣୀ ଶୁଣାଇଥିଲେ। ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ବିଶ୍ୱାସକୁ ନେଇ ପରାମର୍ଶ ଅନୁସାରେ କାର୍ଯ୍ୟ କରିବାକୁ ସେ କହିଥିଲେ। ଏଡିଜି ସିଂଙ୍କ ମତରେ କେବଳ କେନ୍ଦ୍ର ସରକାରଙ୍କ ନୁହେଁ, ରାଜ୍ୟର ମଧ ଅନୁରୂପ ଭାବେ ଐତିହ୍ୟସ୍ଥଳ ଖନନ ଓ ନିର୍ମାଣ ନେଇ କଡ଼ା ନିୟମ ରହିଛି। ମାତ୍ର ଅଧିକାରୀ ଏସବୁକୁ ନ ମାନିବାରୁ ଏପରି ସମସ୍ୟା ଦେଖାଦେଉଛି।



**ରାଜ୍ୟ ସରକାରଙ୍କ ନିୟମ ଅଧିକାରୀ ଜାଣିନାହାନ୍ତି**

ଏଏସ୍‌ଆଇ ଅତିରିକ୍ତ ମହାନିର୍ଦ୍ଦେଶକ ରାକେଶ ଲାଲ ସିଂଙ୍କ ଶ୍ରୀଲିଙ୍ଗରାଜ କ୍ଷେତ୍ରରେ ଆମସାର ଆକ୍ଟ ଲାଗୁ ନେଇ ରାଜ୍ୟ ସରକାରଙ୍କୁ ଚେତାବନୀ ପରେ ଖନନ କାର୍ଯ୍ୟ ବନ୍ଦ ରହିଛି। ଏଥିଯୋଗୁ ଏକାମ୍ର ବିକାଶ ବାଧାପ୍ରାପ୍ତ ହୋଇଛି। ଏ ସମ୍ପର୍କରେ ଏଏସ୍‌ଆଇର ଅଧିକ୍ଷଣ ପୁରାତତ୍ତ୍ୱବିତ୍ ଅଧିକାରୀ ଅରୁଣ ମଲ୍ଲିକ କୁହନ୍ତି, ୧୯୦୪ରୁ ସଂରକ୍ଷିତ କରାଯାଇଥିବା ଐତିହ୍ୟସ୍ଥଳଗୁଡ଼ିକର ସୁରକ୍ଷା ଏଏସଆଇ ଦାୟିତ୍ୱରେ ଥିଲେ ହେଁ ଅଧିକାଂଶ କୀର୍ତ୍ତିରାଜି ରାଜ୍ୟ ସରକାରଙ୍କ ଅଧୀନରେ ରହିଛି। ଏସବୁର ସୁରକ୍ଷା ନେଇ ୧୯୫୬ରେ ଓଡ଼ିଶା ଆନସିଆଣ୍ଟ ମନୁମେଣ୍ଟସ୍ ପ୍ରିଜରଭେଶନ୍ ଆକ୍ଟ (ଆମସାର) ପ୍ରଣୟନ କରାଯାଇଥିଲା। ଏଥିରେ ଐତିହ୍ୟସ୍ଥଳର ସୁରକ୍ଷା ନେଇ କେନ୍ଦ୍ର ସରକାରଙ୍କ ନିୟମଠାରୁ ଅଧିକ କଠୋର ନିୟମ ରହିଛି। ଏଥିରେ ଧାରା ୨୦ରେ ଖନନ ପୂର୍ବରୁ ପ୍ରତ୍ନତାତ୍ତ୍ୱିକ ଅଧିକାରୀ ନିଯୁକ୍ତ କରିବା ଦରକାର। ସ୍ୱୀକୃତ ପ୍ରାପ୍ତ ସଂସ୍ଥା କିମ୍ବା ଠିକାଦାରଙ୍କ ଅଭିଜ୍ଞତା ଅନୁଯାୟୀ, ଜିଲାପାଳଙ୍କ ଅନୁମତି ପରେ ଧାରା ୨୧ ଅନୁଯାୟୀ ଖନନ କାର୍ଯ୍ୟ ଆରମ୍ଭ କରିବାର ବ୍ୟବସ୍ଥା ରହିଛି। ଏଥିରେ ଧାରା ୧୦ ଅନୁଯାୟୀ ଐତିହ୍ୟ ସ୍ଥଳଗୁଡ଼ିକର ସୁରକ୍ଷା ନେଇ ରାଜ୍ୟ ସରକାର ଆବଶ୍ୟକସ୍ଥଳେ ବାଧ୍ୟତାମୂଳକ ଭୂମି ଅଧିଗ୍ରହଣ କରିପାରିବେ। ସେହିଭଳି ଧାରା ୧୬ରେ ଐତିହ୍ୟସ୍ଥଳଗୁଡ଼ିକ ପ୍ରତି ହାନି ପହଞ୍ଚାଉଥିବା କିମ୍ବା ବିପଦ ସୃଷ୍ଟି କରୁଥିବା ଦୋଷୀଙ୍କ କ୍ଷେତ୍ରରେ ୭ ବର୍ଷ ଜେଲଦଣ୍ଡ ସହ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ମାତ୍ର ବିଡ଼ମ୍ବନାର ବିଷୟ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକାରୀ ଐତିହ୍ୟସ୍ଥଳଗୁଡ଼ିକରେ ଖନନ କିମ୍ବା ନିର୍ମାଣ ସମୟରେ ଓ ଅବୈଧ ଘରୋଇ ନିର୍ମାଣ ଉପରେ ଅଙ୍କୁଶ ଲଗାଇବାକୁ ଆମସାର ଆକ୍ଟକୁ ରାଜ୍ୟ ସରକାର ପାଳନ କରୁନାହାନ୍ତି।

**ପର୍ଯ୍ୟଟନ ବିକାଶ ବାଧାପ୍ରାପ୍ତ**

ଅଧିକାରୀଙ୍କ ଖାମଖିଆଲ ମନୋଭାବ ହେଉ ଅବା ଠିକାଦାର ପ୍ରୀତିରେ ନିର୍ମାଣ କରାଉଥାନ୍ତୁ। ଏଥିରେ ପର୍ଯ୍ୟଟକ ହନ୍ତସନ୍ତ ହେବା ସହ ଶ୍ରୀଲିଙ୍ଗରାଜ କ୍ଷେତ୍ରରେ ପର୍ଯ୍ୟଟନର ବିକାଶ ବାଧାପ୍ରାପ୍ତ ହେଉଛି। କିଛିଟା ସୌନ୍ଦର୍ଯ୍ୟକରଣ ଆରମ୍ଭ ହୋଇଥିବା ଯୋଗୁ ନୂତନବର୍ଷ ଆଗମନରେ ବୃଦ୍ଧି ପାଇଥିଲା। ଏଠାରେ ଦୁଇଗୋଟି ଶୌଚାଳୟ ଭଙ୍ଗାଯିବା କାରଣରୁ ଯାତ୍ରୀ ଏଣେତେଣେ ଶୌଚ କାର୍ଯ୍ୟ ତୁଲାଉଛନ୍ତି। ଖନନ କାରଣରୁ ଏକ ଅସୁନ୍ଦର ପରିବେଶ ସୃଷ୍ଟି ହୋଇଛି।



ଶିଶୁଟିର ଭବିଷ୍ୟତକୁ ସବୁବେଳେ ମାଆ ହିଁ ରୂପ ଦେଇଥାଏ।
-ନେପୋଲିୟନ୍



## ସଂକ୍ଷେପରେ

### ଘରଭଙ୍ଗା ତଦନ୍ତରେ ଅନିୟମିତତା

#### ଆଜି ତହସିଲ କାର୍ଯ୍ୟାଳୟ ଘେରିବେ ଫନୀ ପ୍ରଭାବିତ

**ସାକ୍ଷୀଗୋପାଳ, ୨୦।୧(ଡି.ଏନ୍.ଏ):** ଘରଭଙ୍ଗା ତଦନ୍ତରେ ଅନିୟମିତତା ହୋଇଥିବା ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନୀରବ। ଏଥିରେ ଅସନ୍ତୋଷ ପ୍ରକାଶ କରି ଫନୀ ପ୍ରଭାବିତ ଲୋକେ ମଙ୍ଗଳବାର ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। ଘରଭଙ୍ଗା ତଦନ୍ତରେ ଅନିୟମିତତା ନେଇ ପୁରୀ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଫନୀରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ବହୁ ଘର ଭାଙ୍ଗିଯାଇଛି। ଅନେକ ପରିବାର ବାସହରା ହୋଇଛନ୍ତି। ମାତ୍ର ତରବରିଆ ତଦନ୍ତ ଓ ରିପୋର୍ଟ ପ୍ରଦାନ ଫଳରେ ସରକାରୀ ସହାୟତା ଓ ଥଇଥାନ ସୁଯୋଗରୁ ଅନେକ କ୍ଷତିଗ୍ରସ୍ତ ବାଦ୍ ପଡ଼ିଛନ୍ତି। ଏଭଳି ସ୍ଥିତିରେ ଅଯୋଗ୍ୟ ବ୍ୟକ୍ତିମାନଙ୍କୁ ହିତାଧିକାରୀ ତାଲିକାରେ ସାମିଲ କରାଯାଇ ସହାୟତା ରାଶି ଦିଆଯାଇଛି। ଏଭଳି ଅନିୟମିତତା ଯୋଗୁ ଜନ ଅସନ୍ତୋଷ ବୃଦ୍ଧିପାଇଛି। ନ୍ୟାୟ ପ୍ରଦାନ ଦାବିରେ ପ୍ରଭାବିତ ଲୋକେ ପ୍ରଥମେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏକମାସ ବିତିଗଲାଣି, ହେଲେ ସୁଫଳ ମିଳିନାହିଁ। ଏଥିଯୋଗୁ ୨୧ ତାରିଖରେ ପ୍ରଭାବିତ ପରିବାରଗୁଡ଼ିକ ତହସିଲ କାର୍ଯ୍ୟାଳୟ ଘେରିବାକୁ ନିଷ୍ପତ୍ତି ହୋଇଥିବା ଗୋବିନ୍ଦ ମହାପାତ୍ର, ଶଶିକାନ୍ତ ବରାଳ, ଦୁର୍ଗେଶ ମିଶ୍ର, ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ କହିଛନ୍ତି।

### ଶାଳକ ଠେଙ୍ଗା ମାଡ଼ରେ ଭିଣୋଇ ଗୁରୁତର

**ଖୁଣ୍ଟୁଣୀ,୨୦।୧(ଡି.ଏନ୍.ଏ.):** ସାମାନ୍ୟ ବଚସାରୁ ଶାଳକ ଠେଙ୍ଗା ମାଡ଼ରେ ଭିଣୋଇ ଗୁରୁତର ହୋଇଥିବା ସୋମବାର ଗୁରୁଡିଝାଟିଆ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୭/୨୦)ରୁଜୁକରି ଶାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ କୋଲଥପଙ୍ଗୀ ଗ୍ରାମରେ ରବିବାର ଅପରାହ୍ନରେ ଉଭୟ ଶାଳକ ପ୍ରେମାନନ୍ଦ ନାୟକ ଓ ଭିଣୋଇ ଶ୍ୟାମ ନାୟକଙ୍କ ମଧରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ପ୍ରେମାନନ୍ଦ ଉତ୍କ୍ଷିପ୍ତ ହୋଇ ଶ୍ୟାମଙ୍କ ମୁଣ୍ଡକୁ ଏକ ଠେଙ୍ଗାରେ ପିଟିଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଗୁରୁଡିଝାଟିଆ ମେଡିକାଲରେ ଭର୍ତ୍ତି କରାଯାଇଛି।

### କାଜୁ ଜଙ୍ଗଲରେ ଗୃହ ନିର୍ମାଣ

#### ଜିଲାପାଳଙ୍କୁ ଫେରାଦ

**ଖୋର୍ଦ୍ଧା ଅଫିସ,୨୦।୧:** ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଯାଁଳା ଫାଣ୍ଡି ଦେଉଳିଆପାଟଣା ଗାଁର ଆଦିବାସୀଙ୍କ ଦଖଲରେ ଥିବା ସରକାରୀ ଜମିରେ ଖେଳପଡିଆ ଓ କ୍ଲବ ନିର୍ମାଣ ଚାଲିଛି। ଆଦିବାସୀମାନେ ଏହାର ବିରୋଧ କରି ଯାଁଳା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ସହଯୋଗ କରୁନି। ବରଂ ଧମକଚମକ ଦେଉଛି। ଏହାର ପ୍ରତିବାଦରେ ଆଦିବାସୀମାନେ ସୋମବାର ଖୋର୍ଦ୍ଧା ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଆଦିବାସୀମାନେ ୧୭ରୁ ୧୮ ଏକର ଜମିରେ କାଜୁ ଗଛ ଲଗାଇ ସେଥିରୁ ପରିବାର ଚଳାଉଛନ୍ତି। କାଜୁ ଜଙ୍ଗଲକୁ ଜେଜେବାପା ଅମଳରୁ ସେମାନେ ଉପଭୋଗ କରି ଆସୁଛନ୍ତି।

### ପୁରସ୍କାର ବିତରଣ ଉତ୍ସବ

**ପୁରୀ ଅଫିସ,୨୦।୧:** ଘୋଡାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୧୮-୧୯ ଶିକ୍ଷାବର୍ଷରେ ବିଦ୍ୟାଳୟରେ ସର୍ବୋଚ୍ଚ ପ୍ରାପ୍ତାଙ୍କ, ସର୍ବୋଚ୍ଚ ଉପସ୍ଥାନ ଏବଂ ୨୦୧୯ ଶିକ୍ଷାବର୍ଷରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ଶିକ୍ଷାବିକାଶ ସମିତି ପୂର୍ବ ସମ୍ଭାଗ ସଂଯୋଜକ ତୁଷାର ରଞ୍ଜନ ଦାଶ, ପରିଚାଳନା ସମିତି ସହ ସମ୍ପାଦକ ଶ୍ୟାମାକାହ୍ନା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସଙ୍କ ସମେତ ସମସ୍ତ ଗୁରୁଜୀ,ଗୁରୁମା ଉପସ୍ଥିତ ଥିଲେ।

# ପୁରୀ ବନ୍ୟପ୍ରାଣୀ ଡିଭିଜନ: ଦେଖାଦେଲେ ୭ ଡଲ୍‌ଫିନ

**ପୁରୀ ଅଫିସ,୨୦।୧**

**୫ ବଟଲନୋଜ, ୨ ଇରାୱାଡ଼ି ଡଲ୍‌ଫିନ**



ପୁରୀ ବନ୍ୟପ୍ରାଣୀ ଡିଭିଜନରେ ରବିବାର ଡଲ୍‌ଫିନ ଗଣନା ଶେଷ ହୋଇଥିଲା। ୧୦ଟି ଟିମ୍ ଡିଭିଜନ ଅନ୍ତର୍ଗତ ୪ଟି ରେଞ୍ଜରେ ଏହି ଗଣନା କରିଥିଲେ। ଗଣନା ସମୟରେ ୭ଟି ଡଲ୍‌ଫିନ ଦେଖିବାକୁ ମିଳିଛି। ଏଥିମଧ୍ୟରୁ ୫ଟି ବଟଲନୋଜ ଏବଂ ୨ଟି ଇରାୱାଡ଼ି ଡଲ୍‌ଫିନ ବୋଲି ପୁରୀ ସହକାରୀ ବନ ସଂରକ୍ଷକ ପ୍ରଶାନ୍ତ କୁମାର ସ୍ୱାଇଁ କହିଛନ୍ତି।

ପୁରୀ ଡିଭିଜନ ଅଧୀନରେ ୫ଟି ରେଞ୍ଜ ବ୍ରହ୍ମଗିରି, ବାଲୁଖଣ୍ଡ, କୋଣାର୍କ, ଗୋପ ଓ ଅସ୍ତରଙ୍ଗ ରହିଛି । ଏଥିମଧ୍ୟରୁ ଗୋପ ରେଞ୍ଜରେ ଡଲ୍‌ଫିନ ରହିବା ଲାଗି କୌଣସି ଜଳାଶୟ ନ ଥିବାରୁ ଅନ୍ୟ ୪ଟି ରେଞ୍ଜରେ ଗଣତି କରାଯାଇଥିଲା। ଅସ୍ତରଙ୍ଗର ଦେବୀ ମୁହାଣଠାରୁ ବ୍ରହ୍ମଗିରି ଅରଖକୁଦା ମୁହାଣ ପର୍ଯ୍ୟନ୍ତ ବ୍ୟାପିଥିବା ଏହି ୪ଟି ରେଞ୍ଜରେ ଗଣନା କରାଯାଇଥିଲାନ୍। ଏଥିଲାଗି ଗଠନ କରାଯାଇଥିବା ୧୦ଟି ଟିମ୍‌ରେ ପ୍ରାୟ ୪୦ଜଣ ବିଶେଷଜ୍ଞ ଓ ବନ କର୍ମଚାରୀ ସକାଳ ୬ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଗଣତିରେ ସାମିଲ ଥିଲେ। ଏହି ୧୦ଟି ଟିମ୍ ମଧ୍ୟରୁ ୨ଟି ଟିମ୍ ଟ୍ରଲର ସାହାଯ୍ୟରେ ସମୁଦ୍ରରେ ଗଣନା କରିଥିଲେ। ଗୋଟିଏ ଟିମ୍ ବ୍ରହ୍ମଗିରି ଅରଖକୁଦାରୁ ଚନ୍ଦ୍ରଭାଗା ଏବଂ ଅନ୍ୟ ଏକ ଟିମ୍ ଅସ୍ତରଙ୍ଗ ଦେବୀନଦୀ ମୁହାଣରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ଆସିଥିଲେ । ସେହିପରି ଜାହାନିଆଁରୁ ଗଙ୍ଗାଦେବୀ, ଦେବୀନଦୀରୁ କାଦୁଆ, ଜାହାନିଆଁରୁ ବେଳେଶ୍ୱର, କଅଁରପୁରରୁ ତଣ୍ଡାହାର, କଅଁରପୁରରୁ ଚନ୍ଦ୍ରଭାଗା, କୁଶଭଦ୍ରା ମୁହାଣରୁ ଚନ୍ଦ୍ରଭାଗା, ନୂଆନଈ ମୁହାଣରୁ କୁଶଭଦ୍ରା ଏବଂ ସଂସ୍କୃତ ବିଶ୍ୱବିଦ୍ୟାଳୟଠାରୁ ନୂଆନଈ ମୁହାଣ ନଦୀ ଓ ସମୁଦ୍ର ତଟରେ ଚାଲି ଚାଲି ଗଣନାରେ ସାମିଲ ଥିଲେ। ତେବେ ଦେବୀ ମୁହାଣରୁ ଚନ୍ଦ୍ରଭାଗା ମଧ୍ୟରେ ୫ଟି ବଟଲନୋଜ ଡଲ୍‌ଫିନ ଦେଖାଯାଇଥିବା ବେଳେ କଅଁରପୁରରୁ କେଲୁଣି ମୁହାଣ ମଧ୍ୟରେ ୨ଟି ଇରାୱାଡ଼ି ଡଲ୍‌ଫିନ ଦେଖାଯାଇଛନ୍ତି। ଏହାବ୍ୟତୀତ ଅନ୍ୟ କୌଣସି ଜାଗାରେ ଗଣନାକାରୀ ଡଲ୍‌ଫିନଙ୍କୁ ଦେଖିନାହାନ୍ତି ।

ସୂଚନାଥାଉ କି, ଗତବର୍ଷ ଡଲ୍‌ଫିନ ଗଣନାରେ ବାଧକ ସାଜିଥିଲା କୁହୁଡ଼ି। ସକାଳ ୬ଟାରୁ ଗଣନା ଲାଗି ସମୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଗଣନାକାରୀମାନଙ୍କୁ ସକାଳ ସାଢେ ୯ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା। ଏହି ଗଣନା ପ୍ରାୟ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। କିନ୍ତୁ ଗୋଟିଏ ହେଲ ବି ଡଲ୍‌ଫିନ ଦେଖାଯାଇ ନ ଥିଲେ। କିନ୍ତୁ ୨୦୧୮ରେ କେଲୁଣି ମୁହାଣରେ ୫ଟି ବଟଲନୋଜ ଡଲ୍‌ଫିନ ଦେଖିବାକୁ ମିଳିଥିଲା ।

# ସଡ଼କ ଦୁର୍ଘଟଣାରେ ଦମ୍ପତି ଗୁରୁତର

**ଗୋପ,୨୦।୧(ଡି.ଏନ୍.ଏ.)**

ପିପିଲି–କୋଣାର୍କ ରାସ୍ତାର କୁନ୍ଦୁରା ଛକ ନିକଟରେ ସୋମବାର ଏକ ବାଇକ୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ବଉଲାଙ୍ଗ ଆମ୍ବାପଡ଼ା ଅଞ୍ଚଳର ସନ୍ତୋଷ ଦାସ (୩୦) ଏବଂ ତାଙ୍କ ସ୍ତ୍ରୀ କୁନି ଦାସ (୨୬)। ଉଭୟ ଗୁରୁତରଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଉଭୟ ଦମ୍ପତି ଏକ ବାଇକ୍‌ରେ ଘରକୁ ଫେରୁଥିଲେ। କେଉତୁଙ୍ଗା ନିକଟରେ ଏକ ଅଜଣା ଗାଡ଼ି ସାଇଡ୍ ମାରିବାରୁ ସନ୍ତୋଷ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲେ। ଫଳରେ ଉଭୟ ଗୁରୁତର ହୋଇଥିଲେ। ଖବରପାଇ ଗୋପ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# କୃଷକ, ନିର୍ମାଣ ଶ୍ରମିକଙ୍କ ଧାରଣା

**କଣାସ:୨୦।୧(ସ୍ୱ.ପ୍ର./ଡି.ଏନ୍.ଏ. )**

କଣାସ ବ୍ଲକ ସମ୍ମୁଖରେ ସୋମବାର ୧୧ଦଫା ଦାବି ନେଇ କୃଷକ ଓ ନିର୍ମାଣ ଶ୍ରମିକମାନେ ଧାରଣ ଦେଇଥିଲେ। ଫନୀ ବାତ୍ୟାର ୯ମାସ ପରେ ମଧ୍ୟ ଫସଲ କ୍ଷତି ପୂରଣ ନ ମିଳିବା, ଘରଭଙ୍ଗା କ୍ଷତିପୂରଣ ଦିଆ ନ ଯିବା, ଚାଷୀଙ୍କ ବ୍ୟକ୍ତିଗତ ଅର୍ଥ ଜମା ଥିବା ଖାତାକୁ ଅଚଳ କରିଦେବା, ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପକ୍କାଘର ଦିଆଯାଉ ନ ଥିବା, ୨୦୧୬–୧୭ ଏବଂ ୨୦୧୭–୧୮ ଶିକ୍ଷା ବର୍ଷର ଶିକ୍ଷାବୃତ୍ତି ଶ୍ରମିକ ପିଲାଙ୍କୁ ମିଳି ନ ଥିବା, ନିର୍ମାଣ ଶ୍ରମିକଙ୍କ ଯାଞ୍ଚ ପ୍ରକ୍ରିୟା ସରିଥିବା ସତ୍ତ୍ୱେ ନାମ ପଞ୍ଜୀକରଣ ହେଉ ନ ଥିବା, ଶ୍ରମିକଙ୍କ ଝିଅ ବିବାହ ସହାୟତା ମିଳୁ ନ ଥିବା, ମୃତ୍ୟୁକାଳୀନ ସହାୟତାରୁ ବଞ୍ଚିତ ହେବା ସହ ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ସମାଧାନ ଦାବିରେ ଏହି ଧାରଣା ଦିଆଯାଇଥିଲା। ଏହି ଧାରଣାରେ ସିପିଆଇ(ଏମ୍‌ଏଲ୍)ର ଜିଲା ସମ୍ପାଦକ ଅଶୋକ ପ୍ରଧାନ, କିଶାନ ପଟ୍ଟନାୟକ, ସତ୍ୟନାରାୟଣ ପ୍ରଧାନ, ସନ୍ଧ୍ୟାରାଣୀ ପରିଡ଼ା, ଉର୍ମିଳା ବେହେରା, ରାମଚନ୍ଦ୍ର ମହାରଣା, ସାବିତ୍ରୀ ଜେନା, ବିଜୟ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।



କଣାସ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

# ନରେନ୍ଦ୍ରକୋଣରେ ବଢୁଛି ନିଶା କାରବାର

## ସିସିଟିଭି ବ୍ୟବସ୍ଥା, ଅପରାଧ ନିୟନ୍ତ୍ରଣ ଲାଗି ଏସ୍‌ପିଙ୍କୁ ଦାବିପତ୍ର

**ପୁରୀ ଅଫିସ,୨୦।୧**

ଟାଉନ ଥାନା ଏବଂ କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ରକୋଣ ଅଞ୍ଚଳରେ କ୍ରମାଗତ ଭାବେ ନିଶା କାରବାର ହେଉଥିବା ଅଭିଯୋଗ ହୋଇଛି। ବ୍ରାଉନସୁଗାର, ମଦ, ଗଞ୍ଜେଇ ଆଦି ନିଶା କାରବାର ବୃଦ୍ଧି ପାଇଥିବାବେଳେ ଅସମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଫଳରେ ଯୁବତୀ ଓ ମହିଳା ଯିବାଆସିବାରେ ଇଚ୍ଛାପ୍ରକାଶ କରୁଥିବାବେଳେ ସ୍ଥାନୀୟ ଲୋକେ ମଧ୍ୟ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ ଲାଗି ସ୍ଥାନୀୟ ଯୁବକମାନେ ସୋମବାର ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହାସହ ବାତ୍ୟା ପରଠାରୁ ନରେନ୍ଦ୍ର ପୋଖରୀରେ ହାଇମାକ୍ସ ଲାଇଟ ଅଚଳ ହୋଇପଡିଛି। ଏହାକୁ ପୁନଃ କାର୍ଯ୍ୟକ୍ଷମ ଲାଗି ଶ୍ରୀମନ୍ଦିର କାର୍ଯ୍ୟାଳୟ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ନରେନ୍ଦ୍ରକୋଣରେ ଶ୍ରୀକ୍ଷେତ୍ରର ଅନ୍ୟତମ ତୀର୍ଥ ନରେନ୍ଦ୍ର ପୁଷ୍କରିଣୀ ରହିଛି। ଏହି ରାସ୍ତା ବଡ଼ଦାଣ୍ଡକୁ ସଂଯୋଗ କରିବା ସହ ନିକଟରେ ଜଗନ୍ନାଥ ବଲ୍ଲଭ ପାର୍କ ରହିଛି। ଫଳରେ ଭକ୍ତ, ପର୍ଯ୍ୟଟକମାନେ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। ଅଧିକାଂଶ ସମୟରେ ନିଶାଖୋରଙ୍କ ଦୌରାତ୍ମ୍ୟ ଯୋଗୁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ପର୍ଯ୍ୟଟକ ଏମାନଙ୍କ ରୋଷର ଶିକାର ହେଉଛନ୍ତି। ଅନ୍ୟପଟେ ଉକ୍ତ ପୁଷ୍କରିଣୀ ନିକଟରେ ଲାଗିଥିବା ହାଇମାକ୍ସ ଲାଇଟ ଅଚଳ ହୋଇପଡିଛି। ଫଳରେ ସନ୍ଧ୍ୟା ହେଲେ ଘନ ଅନ୍ଧାକାର ରହୁଛି। ଅନ୍ଧାକାର ସୁଯୋଗ ନେଇ ଅପରାଧ, ନିଶା କାରବାର ସହିତ ସେହି ରାସ୍ତାଦେଇ ଯାଉଥିବାବେଳେ ସାଧାରଣ ଜନତା ନିଜକୁ ସୁରକ୍ଷିତ ମଣୁନାହାନ୍ତି। ନରେନ୍ଦ୍ରକୋଣକୁ ଲାଗିଥିବା ହାଇମାକ୍ସ ଲାଇଟ କାର୍ଯ୍ୟକ୍ଷମ ସହ ଚନ୍ଦନଚକଡା ଓ ନରେନ୍ଦ୍ରକୋଣର ବିଭିନ୍ନ ସ୍ଥାନରେ ସିସିଟିଭି ବ୍ୟବସ୍ଥା ଲାଗି ଦାବି କରଛନ୍ତି।

# ଧାନ ବିକ୍ରୟ ପାଳିକୁ ନେଇ ଅସନ୍ତୋଷ

**କଟକସଦର, ୨୦।୧ (ଡି.ଏନ.ଏ )**

କଟକସଦର ବ୍ଲକ ଅଞ୍ଚଳର ସବୁ ମଣ୍ଡିରେ ଜାନୁୟାରୀରୁ ଯୋଗାଣ ବିଭାଗ ଧାନକ୍ରୟ ଆରମ୍ଭ କରିଛି। ହେଲେ ପ୍ରତି ସପ୍ତାହ ଧାନ ବିକ୍ରୟ ପାଳି ନିର୍ଦ୍ଧାରଣରେ ପକ୍ଷପାତିତାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୋମବାର ଗଡିରାଉତପାଟଣା ସେବା ସମବାୟ ସମିତିରେ ଅନେକ ଚାଷୀ ପାଟିତୁଣ୍ଡ କରିବା ସହ ସମିତିର ସଭାପତି ସୁଶାନ୍ତ ରାଉତଙ୍କ ଉପରେ ଅସନ୍ତୋଷ ଜାହିର କରିଥିଲେ। ପାଳି ନିର୍ଦ୍ଧାରଣ ଭୁବନେଶ୍ୱରରୁ ହେଉଥିବା ଯୋଗୁ ସେ କିଛି କରିପାରିବେ ନାହିଁ ବୋଲି ସଭାପତି ରାଉତ କହିଥିଲେ। ସୂଚନା ଅନୁଯାୟୀ, ଏହି ସମବାୟ ସମିତିରେ ୨୭୮ଜଣ ଚାଷୀ ଧାନ ବିକ୍ରି ପାଇଁ ନିଜ ନାମ ପଞ୍ଜୀକୃତ କରିଛନ୍ତି। ଇତି ମଧ୍ୟରେ ୫୦ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ଏକାଧିକ ଥର ଧାନ ବିକ୍ରି କରିଛନ୍ତି। ଏଭଳି ସମସ୍ୟା ବ୍ଲକର ଅନ୍ୟାନ୍ୟ ସମିତିରେ ହେଉଥିବା ଜଣାପଡିଛି। ୨୦୧୯ ମସିହାରେ ଯେତିକି ଚାଷୀ ଏହି ସମିତିରେ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଥିଲେ, ସେମାନଙ୍କ ମଧ୍ୟରୁ ୫୦ ପ୍ରତିଶତ ବିକ୍ରି ସୁବିଧା ପାଇଥିଲେ। ଚଳିତ ବର୍ଷ ପୁଣି ଥରେ ଏଭଳି ହୋଇପାରେ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସମସ୍ୟା ସମ୍ପର୍କରେ ଧାନ ସଂଗ୍ରହ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ରଙ୍କୁ ପଚାରିବାରୁ ଏଭଳି ପାଳି ନିର୍ଦ୍ଧାରଣ ସରକାରଙ୍କ ପକ୍ଷରୁ କରାଯାଇଛି ବୋଲି କହିଛନ୍ତି।

# ଅଭିଯୋଗ ଶୁଣାଣିକୁ ଆସିଲେନି ଜିଲାପାଳ

**କଣାସ,୨୦।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)**

**୧୧୨ ଅଭିଯୋଗ, ଫଏସଲା ଶୂନ**



ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟମାନେ।

କଣାସ ପଞ୍ଚାୟତ ସମିତି ଗୃହରେ ସୋମବାର ବ୍ଲକ ସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଅନୁପସ୍ଥିତ ଥିବା ଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶିବିରରେ ୧୧୨ଟି ଅଭିଯୋଗ ହୋଇଥିଲେ ମଧ୍ୟ ଗୋଟିଏ ବି ଅଭିଯୋଗର ଫଏସଲା ହୋଇପାରି ନ ଥିଲା। ଫଳରେ ଅଭିଯୋଗକାରୀମାନେ ନିରାଶ ହୋଇ ଘରକୁ ଫେରିଥିଲେ। ମୁଖ୍ୟତଃ ଫନୀରେ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ମିଳି ନ ଥିବା ନେଇ ସର୍ବାଧିକ ଅଭିଯୋଗ ହୋଇଥିଲା। ସେହିଭଳି ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଶିଶୁ ବିକାଶ ଯୋଜନା ବିପର୍ଯ୍ୟସ୍ତ ହୋଇପଡ଼ିଥିବା, ନିମ୍ନମାନର ଛତୁଆ ଯୋଗାଣ, ଶିକ୍ଷା ବ୍ୟବସ୍ଥା ନିମ୍ନଗାମୀ ହେଉଥିବା, ପାନୀୟଜଳର ଅଭାବ, ଚାଷରେ ପୋକ ଲାଗିଥିବା ଯୋଗୁ ଏହାର ମୁକାବିଲା ସମ୍ପର୍କରେ ବହୁ ଅଭିଯୋଗ ହୋଇଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଏପିଡ଼ି ରବିନାରାୟଣ ତ୍ରିପାଠୀ, ଡିପିସି ସୌନ୍ଦର୍ଯ୍ୟମଞ୍ଜରୀ ଦାସ, ଜିଲା କୃଷି ଅଧିକାରୀ ଏସ. ଚନ୍ଦ୍ରଶେଖର ରାଓ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରମେଶ ସେଠୀ, ବିଡି. ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍, ଅତିରିକ୍ତ ତହସିଲଦାର ଶହଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ। କୃଷି, ଶିକ୍ଷା,ସ୍ୱାସ୍ଥ୍ୟ, ଜଳସେଚନ, ଜଳନିଷ୍କାସନ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବନ ବିଭାଗ, ଉଦ୍ୟାନ ବିଭାଗ ଓ ବ୍ଲକର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ ଝାମ୍ପିନେଲେ ଦୁର୍ବୃତ୍ତ

**କାକଟପୁର,୨୦।୧(ଡି.ଏନ୍.ଏ.)**

ଶ୍ରୀରାମପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିର ନିକଟରୁ ସୋମବାର ଜଣେ ଶିକ୍ଷୟିତ୍ରୀଙ୍କ ବେକରୁ ୨ଜଣ ଦୁର୍ବୃତ୍ତ ସୁନାଚେନ ଝାମ୍ପି ନେଇ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଶିକ୍ଷୟିତ୍ରୀ ଅନୁସୂୟା ନନ୍ଦୀ ସ୍କୁଲ ସମ୍ମୁଖରେ ସ୍କୁଟି ରଖି ଛିଡା ହୋଇଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଶିକ୍ଷତ୍ରୀଙ୍କ ବେକରୁ ସୁନାଚେନ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ସୁନାଚେନର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଖବରପାଇ କାକଟପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ରାଧାକିଶୋରପୁର ଚ୍ୟାଲେଞ୍ଜ କପ୍ ଫୁଟବଲ ଟୁର୍ନାମେଣ୍ଟ

# ମା’ ବନଦୁର୍ଗା ବିର୍ସା ମୁଣ୍ଡା ଚାମ୍ପିୟନ

**ଖୁଣ୍ଟୁଣୀ,୨୦।୧(ଡି.ଏନ୍.ଏ.)**

ରାଧାକିଶୋରପୁର ଖେଳପଡ଼ିଆରେ ଚାଲିଥିବା ୧୧ତମ ବାର୍ଷିକ ରାଧାକିଶୋରପୁର ଚ୍ୟାଲେଞ୍ଜ କପ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଗୁରୁଡ଼ିଝାଟିଆ ଫୁଟବଲ କ୍ଲବକୁ ୧–୦ଗୋଲରେ ପରାସ୍ତ କରି ମା’ ବନଦୁର୍ଗା ବିର୍ସା ମୁଣ୍ଡା ମୁଷୁଲିଆ କ୍ଲବ ଚାମ୍ପିୟନ ହୋଇଛି। ରେଫରି ସଞ୍ଜୀବ ଦାସ ଓ ଲାଇନ୍ସରେ ରଜାକ୍ ଖାନ, ଅମୂଲ୍ୟ ସାମଲ ଖେଳ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳି ଓ ଗୋଲକିପର ଭାବେ ଚୈତନ୍ୟ ହେମ୍ବ୍ରମ, ମ୍ୟାନ ଅଫ ଦି ସିରିଜ ଦାରା ସିଂ ବିବେଚିତ ହୋଇଥିଲେ। ଅତିଥିଭାବେ ସାମାଜିକ କର୍ମୀ ଅଧିକାରୀ ପଣ୍ଡା, ରଞ୍ଜନ ଆଚାର୍ଯ୍ୟ, ସରପଞ୍ଚ ଭୁବନେଶ୍ୱର ସ୍ୱାଇଁ, ସମିତିସଭ୍ୟା ସୌଭାଗ୍ୟବତୀ ନାୟକ, ସଞ୍ଜୟ ନାୟକ, ଗ୍ରାମ ସଭାପତି ବିଧାନ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ବିଭୁଦତ୍ତ ସ୍ୱାଇଁ, ଯୁଗଳ ନାୟକ, ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଉଭୟ ଟିମକୁ ପୁରସ୍କୃତ କରିଥିଲେ। ଶକ୍ତିମୟୀ ସ୍ପୋର୍ଟସ କ୍ଲବ ସଭାପତି ପ୍ରବୋଧ ସ୍ୱାଇଁ, ସମ୍ପାଦକ ଲକ୍ଷ୍ମୀଧର ବେହେରା, ସୁରେଶ ନାୟକ, ରଞ୍ଜନ ସାହୁ, ସାନସ ବେହେରା, ଲିପୁନ ବେହେରା ପ୍ରମୁଖ ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିଲେ।

# ୫୯ ଲକ୍ଷରେ ହେଲା ବର୍ଷକର ପାର୍କିଂ ଟେଣ୍ଡର

**ବାରଙ୍ଗ.୨୦।୧(ଡି.ଏନ.ଏ.)**

ନନ୍ଦନକାନନ ପକ୍ଷରୁ ୨୦୧୯–୨୦ବର୍ଷ ପାଇଁ ଡକାଯାଇଥିବା ଏକବର୍ଷିଆ ପାର୍କି ଟେଣ୍ଡରର ଫାଇନାନ୍ସିଆଲ ବିଟ୍ ସୋମବାର ଖୋଲାଯାଇଛି। ୨୦୧୯–୨୦ବର୍ଷ ପାଇଁ ଏହି ଟେଣ୍ଡର ୩୧ ଡିସେମ୍ବର ପକାଇବାର ଶେଷ ତାରିଖ ରହିଥିବାବେଳେ ଜାନୁୟାରୀ ୭ରେ ଏହାର ଟେକ୍ନିକାଲ ବିଟ ନନ୍ଦନକାନନରେ ଖୋଲାଯାଇଥିଲା। ଏଥିରେ ୫ଜଣ ଠିକାଦାର ଅଂଶଗ୍ରହଣ କରିଥିବାବେଳେ ସମସ୍ତ ଠିକାଦାରମାନଙ୍କ କାଗଜପତ୍ର ଠିକ ଥିବା ଯାଞ୍ଚବେଳେ ଜଣାପଡିଥିଲା। ସୋମବାର ଏହି ବର୍ଷକିଆ ପାର୍କି ଟେଣ୍ଡର ନିମନ୍ତେ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୫ ଠିକାଦାରଙ୍କ ଉପସ୍ଥିତିରେ ଫାଇନାନ୍ସିଆଲ ବିଟ୍ ଖୋଲାଯାଇଥିଲା। ସେଥିମଧ୍ୟରେ ସମସ୍ତଙ୍କଠାରୁ ଅଧିକ ତ୍ରିଲୋଚନ ରାଉତଙ୍କର ୫୯ଲକ୍ଷ ଟଙ୍କା ରହିଥିବାର ଜଣାପଡିଥିଲା।

# ମହିଳାଙ୍କ ବେକରୁ ସୁନାହାର ଝାମ୍ପିନେଲେ ଦୁର୍ବୃତ୍ତ

**ଚୌଦ୍ୱାର,୨୦।୧(ଡି.ଏନ୍.ଏ)**

କପାଳେଶ୍ୱର କଳିଙ୍ଗଛକ ନିକଟରୁ ସୋମବାର ଜଣେ ମହିଳାଙ୍କ ବେକରୁ ୨ଜଣ ଦୁର୍ବୃତ୍ତ ସୁନାଚେନ ଝାମ୍ପି ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କପାଳେଶ୍ୱର କଳିଙ୍ଗଛକ ନିକଟରେ ଅପରାହ୍ନ ପ୍ରାୟ ୨ ଟାରେ ବିଜୟଲକ୍ଷ୍ମୀ ଶତପଥୀ ନିଜ ପିଲାଙ୍କୁ ଆଣିବା ପାଇଁ ସ୍କୁଲ ବସକୁ ଅପେକ୍ଷା କରିଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ସେ ବେକରେ ପିନ୍ଧିଥିବା ୧୫ଗ୍ରାମର ଏକ ସୁନାହାର ଛିଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ବିଜୟଲକ୍ଷ୍ମୀ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ।

# ପ୍ରତି ପ୍ରସଙ୍ଗରେ ଜ୍ଞାନ ଆରୋହଣ କରିବା ଜରୁରୀ

**ପୁରୀ ଅଫିସ,୨୦।୧**

ଛାତ୍ର ଜୀବନ ହେଉଛି ଅଧ୍ୟୟନର ସମୟ। କଠିନ ପରିଶ୍ରମ କର। ସ୍ୱପ୍ନ ଦେଖ, ତାହାକୁ ସାକାର ଲାଗି ଉଦ୍ୟମ କର। ଜୀବନରେ ସଫଳତା ହାସଲ କରିବାକୁ ହେଲେ ପିତାମାତା ଏବଂ ଶିକ୍ଷକଙ୍କ ଆର୍ଶୀବାଦ ଜରୁରୀ। ପାଠ୍ୟପୁସ୍ତକ ସହ ବିଭିନ୍ନ ବିଷୟ ଓ ପ୍ରତିଟି ପ୍ରସଙ୍ଗରେ ଜ୍ଞାନ ଆରୋହଣ କରିବା ଜରୁରୀ ବୋଲି ଭାରତ ବିକାଶ ପରିଷଦ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ବିଦ୍ୟାର୍ଥୀ ଜାଗରଣ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷାବିତ୍ ଇ.କୈଳାସ ଗୁପ୍ତା କହିଛନ୍ତି। ଭୋଳାନାଥ ବିଦ୍ୟାପୀଠ, ସରକାରୀ ବାଳିକା ବିଦ୍ୟାଳୟରେ ଗୁପ୍ତା ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ଏକାଗ୍ରତା ବୃଦ୍ଧି, ଶୃଙ୍ଖଳିତ ଜୀବନଶୈଳୀ, ସୁସ୍ଥ ଜୀବନଯାପନ, ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ସଭାପତି ପଦ୍ମନାଭ ପଣ୍ଡା, ସୁପ୍ରୀତିରଥ, ପ୍ରଫୁଲ୍ଲ ମିଶ୍ର, ଗୌରାଙ୍ଗ ମିଶ୍ର, କୃଷ୍ଣଚନ୍ଦ୍ର ରଥ, ସୁରେନ୍ଦ୍ରନାଥ ପତି, ବୁଦ୍ଧଦେବ ମହାପାତ୍ର, ଲାଲାଅନନ୍ତ ସିଂ, ହାରାମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ପୁରୀରେ ହେବ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା

**ପୁରୀ ଅଫିସ,୨୦।୧**

- ୬ଟି ସିଗନାଲ ପଏଣ୍ଟ କରାଯିବ
- ରାସ୍ତାରେ ପାର୍କିଂ ହେଲେ ଆଦାୟ ହେବ ଜରିମାନା

ଶ୍ରୀମନ୍ଦିର ସୁରକ୍ଷା ଓ ଶ୍ରୀକ୍ଷେତ୍ରର ବିକାଶ ଲାଗି ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ପରେ ଶ୍ରୀମନ୍ଦିର ମହାପ୍ରଭୁଙ୍କ ଦର୍ଶନ ଲାଗି ଦୈନିକ ପ୍ରବଳ ଜନ ସମାଗମ ହେଉଛି। ଜାନୁୟାରୀ ପହିଲାଠାରୁ ଶ୍ରୀକ୍ଷେତ୍ରରେ କ୍ରମାଗତ ଭାବେ ଭିଡ଼ ଜମୁଛି। ବିଶେଷ କରି ଶନିବାର ଏବଂ ରବିବାର ମିନି ରଥଯାତ୍ରା ସଦୃଶ ଭିଡ଼ ପରିଲକ୍ଷିତ ହେଉଛି। ଏ ନେଇ ଯାନବାହନ ସଂଖ୍ୟା ବୃଦ୍ଧି ପାଇଛି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ଯାନବାହନ ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥାକୁ ସ୍ୱତନ୍ତ୍ର କରିବାକୁ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ବିଭିନ୍ନ ସ୍ଥାନରେ ୬ଟି ଟାଫ୍ରିକ ସିଗ୍‌ନାଲ ପଏଣ୍ଟ କରାଯିବାର ପ୍ରସ୍ତାବ ଦିଆଯାଇଛି। ସହରରେ ଟ୍ରାଫିକ ସମସ୍ୟା ସୁଧାର ଆଣିବା ଲାଗି ଆଗାମୀ ଦିନରେ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ସେ କହିଲେ ଯେ, ରାସ୍ତା ଉପରେ ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ପ୍ରତିହତ କରିବା ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଛି। ବେଳାଭୂମି ମାର୍ଗରେ ଭିଡ ଓ ଟ୍ରାଫିକ ନିୟନ୍ତ୍ରଣ ଲାଗି ମଝିରେ ବ୍ୟାରିକେଡ ଦିଆଯାଇଛି। ଗତ ଦୁଇଦିନ ହେବ ବେଳାଭୂମି ମାର୍ଗର ରାସ୍ତା ଉପରେ ପାର୍କିଂ କରୁଥିବା ଯାନବାହନ ଉପରେ ଜରିମାନା ଆଦାୟ କରାଯାଉଛି। ଏଣିକି ବଡ଼ଦାଣ୍ଡରେ ମଧ୍ୟ କୌଣସି ଗାଡ଼ି ପାର୍କି ରଖିଲେ ଜରିମାନା ଆଦାୟ କରାଯିବ। ପାର୍କିଂ ସ୍ଥାନରେ ପୋଲିସ କର୍ମଚାରୀଙ୍କୁ ମୁତୟନ ଲାଗି ଯୋଜନା ରହିଛି। ଏ ନେଇ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ ଚାଲିଛି। ଟ୍ରାଫିକ ବ୍ବବସ୍ଥାକୁ ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ଢଙ୍ଗରେ କରିବା ଲାଗି ଯୋଜନା ରହିଛି। ଏ ନେଇ ଜିଲା ପ୍ରଶାସନ ସହ ଆଲୋଚନା ଚାଲିଛି। ଖୁବଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।

-ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### ଧାନ ଗଦା ଜଳିଗଲା

ଡେଲାଙ୍ଗ,୨୦।୧(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଅରିସଲପଞ୍ଚାୟତର ନୂଆଗାଁରେ ଧାନ ଅମଳ ସମୟରେ ମେଶିନରୁ ନିଆଁ ଲାଗି ଧାନଗଦା ସହିତ ପାଳଗଦା ପୋଡିପାଉଁଶ ହୋଇଯାଇଛି। ପ୍ରାୟ ୩୦ହଜାରରୁ ଅଧିକ ଟଙ୍କାର କ୍ଷତି ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି। ଖବରପାଇ ଡେଲାଙ୍ଗ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମନୋରଞ୍ଜନ ବେହେରା ଓ ଗୋବିନ୍ଦ ବେହେରାଙ୍କ ଧାନ ଅମଳ ହେଉଥିବା ବେଳେ ମେଶିନ ଅତ୍ୟଧିକ ଗରମ ହୋଇଯିବା ଯୋଗୁ ସେଥିରୁ ନିଆଁ ଉଡ଼ି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

### ୧୯୯୨ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

ପୁରୀ ଅଫିସ,୨୦।୧ : ପୁରୀ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ୧୯୯୨ ମାଟ୍ରିକ ବ୍ୟାଚର ଚତୁର୍ଥ ବନ୍ଧୁ ମିଳନ ଉତ୍ସବ ଶ୍ୟାମାକାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚର ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପୁରୁଣା ସ୍ମୃତିକୁ ସାଉଁଠିଥିଲେ। ପରସ୍ପର ମଧ୍ୟରେ ସ୍ନେହ ଶ୍ରଦ୍ଧାଭାବ ରଖିବା ସହ ଭାଇଚାର ଓ ଭାବର ଆଦାନ ପ୍ରଦାନ ଲାଗି ମତପ୍ରକାଶ ପାଇଥିଲା। ଅଧାପକ ଜୟକୃଷ୍ଣ ଶତପଥୀ, ସୁଦାମ ଚରଣ ପଣ୍ଡା, ଭବାନୀ ରଥ, ମହେନ୍ଦ୍ର ଭୋଳ, ରାଜେନ୍ଦ୍ର ଭୋଳ ଓ ସୋମନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବତନ ଛାତ୍ର କଂଗ୍ରେସ ସଭାପତିଙ୍କୁ ଧମକ ଘଟଣା

### କଂଗ୍ରେସ ନେତାଙ୍କ ନାମରେ ଥାନାରେ ଅଭିଯୋଗ

ଭୁବନେଶ୍ୱର,୨୦।୧(ବ୍ୟୁରୋ): ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଇତିଶ ପ୍ରଧାନଙ୍କୁ କଂଗ୍ରେସ ଭବନରେ ୧୫ରୁ ଊର୍ଦ୍ଧ୍ୱ ଯୁବକ ହତ୍ୟା ଧମକ ଦେବା ଘଟଣାରେ ସୋମବାର ଇତିଶ ଥାନାର ଦ୍ୱାରସ୍ଥ ହୋଇଛନ୍ତି। କଂଗ୍ରେସର ବରିଷ୍ଠ ନେତା ଓ ତାଙ୍କ ପୁଅଙ୍କ ଇସାରାରେ ଏପରି କାଣ୍ଡ ଘଟିଛି। ତେଣୁ ଏହାର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନା ମୁତାବକ ଇତିଶ ଗତ ୧୭ ତାରିଖରେ ଓଡିଶା ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କୁ ସାକ୍ଷାତ କରିବା ନେଇ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନସ୍ଥିତ କଂଗ୍ରେସଭବନରେ ସାଢ଼େ ୧୧ଟାରେ ପହଞ୍ଚିଥିଲେ। କଂଗ୍ରେସ ଭବନକୁ ପ୍ରବେଶ ସମୟରେ କଳାସାର୍ଟ ପରିଧାନ କରିଥିବା ୧୫ରୁ ୧୭ ଜଣ ବ୍ୟକ୍ତି ତାଙ୍କୁ ଅଟକାଇଥିଲେ। କଂଗ୍ରେସର ଜଣେ ବରିଷ୍ଠ ନେତାଙ୍କ ବିରୋଧରେ ରାଜନୀତି କରିବା ବନ୍ଦ କରିବା ନେଇ ତାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରି ଧମକଚମକ ଦେଇଥିଲେ। ଏଥିସହ ଇତିଶଙ୍କ ସହଯୋଗୀ ମନୋଜ ସେଠୀଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଧକ୍କା ମାରି କଂଗ୍ରେସ ଭବନରୁ ବାହାର କରିଦେଲେ। ଫଳରେ ସେ କଂଗେସ ଭବନ ସମ୍ମୁଖରେ ଧାରଣା ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଥାନା ଅଧିକାରୀ ଗିରିଜା ଶଙ୍କର ଚର୍କବର୍ତ୍ତୀ କହିଛନ୍ତି, ଇତିଶଙ୍କ ଅଭିଯେଗାକୁ ଅଧାର କରି ପ୍ରାରମ୍ଭିକ ତଦନ୍ତ ଆରମ୍ଭ ହୋଇଥିବା ବେଳେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପିପିଲିରେ ମାମଲା ବଢ଼ିଛି, ୪ ସାମୁଦ୍ରିକ ଥାନାରେ କମିଛି

- ପୁରୀ ଜିଲାରେ ଏସ୍‌ପିଙ୍କ ଅପରାଧ ସମୀକ୍ଷା
- ପୁରୀକୁ ଅପରାଧମୁକ୍ତ ଲାଗି ସ୍ୱତନ୍ତ୍ର ଫୋକସ୍

ପୁରୀ ଅଫିସ,୨୦।୧:

ପୁରୀ ସମେତ ଜିଲାର ସମସ୍ତ ଥାନା ଅଞ୍ଚଳରେ ସୋମବାର ଏସ୍‌ପି ଉମାଶଙ୍କର ଦାଶ ଅପରାଧ ସମୀକ୍ଷା କରିଛନ୍ତି। ବିଭିନ୍ନ ଥାନା ଅଞ୍ଚଳରେ ଘଟୁଥିବା ଅପରାଧ ଗତିବିଧି ସମ୍ପର୍କରେ ସମ୍ପୃକ୍ତ ଥାନା ଅଧିକାରୀମାନଙ୍କ ସହ ପୃଥକ୍ ଭାବେ ଆଲୋଚନା କରିଛନ୍ତି। ଗତ ୫ବର୍ଷ ମଧ୍ୟରେ ଘଟିଥିବା ବିଭିନ୍ନ ଅପରାଧ ମାମଲାର ଅଗ୍ରଗତି, କେସ୍ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିବା ଜଣାପଡିଛି। ହତ୍ୟା, ଡକାୟତି, ରାହାଜାନି, ଆକ୍ରମଣ, ଗୋଷ୍ଠୀ ସଂଘର୍ଷ, ଦୁର୍ଘଟଣା, ବଳତ୍କାର ପ୍ରଭୃତି ଘଟଣା ସମ୍ପର୍କରେ ଥାନାଧିକାରୀଙ୍କଠାରୁ ପଚାରି ବୁଝିଛନ୍ତି। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ବିଚାରଧୀନ ରହିଥିବା ମାମଲାର ଅଗ୍ରଗତି ନେଇ ତାଗିଦ୍ କରିଥିଲେ। ପୁରୀ ଜିଲାକୁ ଅପରାଧ ମୁକ୍ତ ଲାଗି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜନତାଙ୍କ ପ୍ରିୟପାତ୍ର ହୁଅ, ବନ୍ଧୁ ଭାବେ କାର୍ଯ୍ୟ କରିବାକୁ ଏସ୍‌ପି ଦାଶ ପରାମର୍ଶ ଦେଇଥିଲେ। ପୁରୀ ସହରରେ ଆପରାଧିକ ଗତିବିଧି ଉପରେ ସ୍ୱତନ୍ତ୍ର ଫୋକସ କରିଛନ୍ତି। ପର୍ଯ୍ୟଟନ ସହରକୁ ଅପରାଧମୁକ୍ତ ଉପରେ ଗୁରୁତ୍ୱ ଦେଇଛନ୍ତି। ସମସ୍ତ ଥାନା ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି ଲାଗି ନିର୍ଦ୍ଦେଶ ଦେଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ପୁରୀ ପୋଲିସ ଜିଲାରେ ସମସ୍ତ ଥାନାରେ ଗତ ୨୦୧୫ରେ ୫୧୨୬, ୨୦୧୬ରେ ୪୪୬୧, ୨୦୧୭ରେ ୪୫୬୦, ୨୦୧୮ରେ ୪୪୫୯ ଏବଂ ୨୦୧୯ରେ ୪୮୭୮ଟି ମାମଲା ରୁଜୁ ହୋଇଛି। ପିପିଲି ଥାନାରେ ଗତ ୩ବର୍ଷ ମଧ୍ୟରେ ମାମଲା ସଂଖ୍ୟା ବୃଦ୍ଧି ପାଇଥିବାବେଳେ ୪ ସାମୁଦ୍ରିକ ଥାନାରେ ମାମଲା ସଂଖ୍ୟା କ୍ରମାଗତ ଭାବେ ହ୍ରାସ ରହିଥିବା ଜଣାପଡିଛି। ପୁରୀରେ ୨୦୧୮ରେ ଆମ୍ସ ଆକ୍ଟରେ ୧୧୪ଟି ମାମଲା ରୁଜୁ ହୋଇଥିବାବେଳେ ୨୦୧୯ରେ ୯୯ଟି ମାମଲା ରୁଜୁ ହୋଇଛି। ସେହିପରି ଜିଲାରେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତର ବେଢାଠାରୁ ତଥ୍ୟ ଅନୁଯାୟୀ ୨୦୧୫ରେ ୨, ୨୦୧୬ରେ ୩, ୨୦୧୭ରେ ୧୦, ୨୦୧୮ରେ ୧୨ ଓ ୨୦୧୯ରେ ୨୬ଟି ଭିଡିଓ ଭାଇରାଲ ହୋଇଥିବା ଜଣାପଡିଛି।

| ଥାନା | ୨୦୧୭ | ୨୦୧୮ | ୨୦୧୯ |
|---|---|---|---|
| **ନିମାପଡ଼ା ଡିଏସ୍‌ପି ଅଧୀନ** | | | |
| ନିମାପଡ଼ା | ୩୩୦ | ୩୮୩ | ୩୫ |
| ଗୋପ | ୨୦୪ | ୨୦୨ | ୨୬୯ |
| କାକଟପୁର | ୧୧୦ | ୧୪୫ | ୧୯୫ |
| ଅସ୍ତରଙ୍ଗ | ୭୪ | ୧୦୭ | ୧୨୬ |
| କୋଣାର୍କ | ୧୫୮ | ୧୨୮ | ୧୪୩ |
| ରାମଚଣ୍ଡି | ୭୬ | ୭୯ | ୫୭ |
| ଚନ୍ଦ୍ରଭାଗା ମେରାଇନ | ୧୪ | ୦୭ | ୦୬ |
| ଅସ୍ତରଙ୍ଗ ମେରାଇନ | ୧୨ | ୨୦ | ୧୧ |
| **ପିପିଲି ଡିଏସ୍‌ପି ଅଧୀନ** | | | |
| ପିପିଲି | ୪୪୭ | ୩୭୨ | ୩୬୨ |
| ଡେଲାଙ୍ଗ | ୨୫୩ | ୩୦୦ | ୨୫୨ |
| କଣାସ | ୧୫୬ | ୧୬୧ | ୧୫୪ |
| ବଳଙ୍ଗା | ୧୫୦ | ୧୬୯ | ୧୮୫ |
| ସତ୍ୟବାଦୀ | ୨୮୫ | ୨୭୬ | ୨୬୬ |
| **ପୁରୀ ସହର ସିଟି ଡିଏସ୍‌ପି ଅଧୀନ** | | | |
| କୁମ୍ଭାରପଡା | ୨୬୧ | ୨୮୭ | ୩୩୮ |

| ଥାନା | ୨୦୧୭ | ୨୦୧୮ | ୨୦୧୯ |
|---|---|---|---|
| ଟାଉନ ଥାନା | ୨୧୬ | ୨୨୭ | ୨୪୦ |
| ସମୁଦ୍ରକୂଳ ଥାନା | ୧୭୬ | ୧୮୪ | ୨୨୫ |
| ବାସେଳି ସାହି | ୧୫୧ | ୧୧୪ | ୧୬୭ |
| ବଳିଆପଣ୍ଡା | ୧୧୬ | ୧୦୬ | ୧୦ |
| ସିଂହଦ୍ୱାର | ୯୭ | ୧୦୩ | ୧୨୭ |
| ତାଳବଣିଆ | ୭୨ | ୮୮ | ୧୧୧ |
| ବିଦ୍ୟୁତ ଥାନା | ୩୪ | ୧୬ | |
| ଟ୍ରାଫିକ ଥାନାରେ | ୩୧ | ୩୬ | ୩୧ |
| ପେଣ୍ଟକଟା ମେରାଇନ | ୫୯ | ୪୮ | ୪୪ |
| **ପୁରୀ ସଦର ଉପଖଣ୍ଡ ଅଞ୍ଚଳ** | | | |
| ସଦର ଥାନା | ୩୩୨ | ୨୯୭ | ୩୩୭ |
| ଚନ୍ଦନପୁର | ୨୩୮ | ୨୦୦ | ୨୧୩ |
| ବ୍ରହ୍ମଗିରି | ୨୫୧ | ୧୭୦ | ୨୦୯ |
| ଗଡ଼ିଶାଗୋଦା | ୧୧୦ | ୮୨ | ୧୫୧ |
| କୃଷ୍ଣପ୍ରସାଦ | ୧୧୦ | ୮୨ | ୧୫୧ |
| ଅରଖକୁଦା ମେରାଇନ | ୨୨ | ୨୧ | ୨୮ |




ପୁରୀ ଜିଲା ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ଏବଂ ଯୁବ ଆଇନ ଫୋରମ୍ ପକ୍ଷରୁ ମୋତିସାହିଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

- ବିଳମ୍ବିତ ରାତିରେ ଦୁର୍ବୃତ୍ତଙ୍କ ଆତଙ୍କ

# ମେଡିସିନ୍ ଦୋକାନ କାଚ ଭାଙ୍ଗି ଆକ୍ରମଣ ; ୨ ଆହତ

ଭୁବନେଶ୍ୱର,୨୦।୧(ବ୍ୟୁରୋ):

ଖଣ୍ଡଗିରି ଥାନା ଅଧୀନ ଏମ୍ସ ରୋଡ଼ରେ ଥିବା ଏକ ମେଡ଼ିସିନ ଦୋକାନରେ ରବିବାର ବିଳମ୍ବିତ ରାତିରେ ଦୁଇଜଣ ଦୁର୍ବୃର୍ତ୍ତ ଆତଙ୍କ ରଚାଇଛନ୍ତି। ସେମାନେ ଦୋକାନ ଆଗରେ ଲାଗିଥିବା କାଚକୁ ଭାଙ୍ଗି ଦେଇଛନ୍ତି। ଦୋକାନୀ କାଚ ନ ଖୋଲିବାରୁ ଦୃର୍ବୃତ୍ତମାନେ ଉତ୍ୟକ୍ତ ହୋଇ ଏହି କାଣ୍ଡ ଭିଆଇଥିବାବେଳେ ଏଥିରେ ୨ଜଣ ସେଲ୍ସମ୍ୟାନ ଗୁରୁତର ଆହତ ହୋଇଛନ୍ତି। ଆହତ ଦୁଇ ସେଲ୍ସମ୍ୟାନ ହେଲେ ନୟାଗଡର ରାଜକିଶୋର ଗୁମନ ସିଂ ଓ ପିଙ୍କୁ ସାହୁ। ତାଙ୍କୁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟରେ ଆକ୍ରମଣକାରୀ ଯୁବକ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଥାନାରେ ଅଭିଯୋଗ ନ କରିବା ପାଇଁ ଦୋକାନ ମାଲିକ ଦୀପକ ରାଉତରାୟଙ୍କୁ ଧମକ ମିଳିଛି।

ସୂଚନା ଅନୁଯାୟୀ, ଏମ୍ସ ହସ୍ପିଟାଲ ସମ୍ମୁଖରେ ବଡମ୍ଭା ଅଞ୍ଚଳର ଦୀପକ ରାଉତରାୟ ଦୀପକ ମେଡିକେୟାର ନାମକ ଔଷଧ ଦୋକାନ କରିଛନ୍ତି। ରବିବାର ରାତି ପ୍ରାୟ ୨ଟାରେ ଦୋକାନ ଖୋଲା ଥିଲା। କୌଣସି କାମରେ ଦୀପକ ଏମ୍ସ ହସ୍ପିଟାଲକୁ ଯାଇଥିବା ବେଳେ ଦୋକାନରେ ସେଲ୍ସମ୍ୟାନ ରାଜକିଶୋର ଏବଂ ପିଙ୍କୁ ଥିଲେ। ଏହି ସମୟରେ ଦୁଇଜଣ ଯୁବକ ମେଡିସିନ୍ ଦୋକାନ ଭିତରକୁ ପଶିଥିଲେ। ସବୁଦିନ ପରି ରବିବାର ଦୋକାନ ଆଗରେ ଥିବା ଲୁହାଗ୍ରିଲ୍ ଦିଆଯାଇ ନ ଥିଲା। ଖାଲି କାଚର ଡୋର ଲାଗିଥିଲା। ଦୁଇ ଦୁର୍ବୃତ୍ତ ଆସି ଔଷଧ ମାଗିଥିଲେ। ଉକ୍ତ କାଚ ଡୋରକୁ ଖୋଲିବାକୁ କହିଥିଲେ। କିନ୍ତୁ ସେଲସମ୍ୟାନ ଦ୍ୱୟ ମନା କରିବାରୁ ସେମାନେ କାଚକୁ ଗୋଇଠା ମାରି ଭାଙ୍ଗିଦେଇଥିଲେ। ରାଜକିଶୋର ଏବଂ ପିଙ୍କୁଙ୍କ ଦେହରେ କାଚ ଛିଟିକି ପଡିଥିଲା। ଫଳରେ ଏକାଧିକ ଭେନ୍ କଟିଯାଇ ରକ୍ତସ୍ରାବ ହୋଇଥିଲା। ଦୁର୍ବୃତ୍ତ ଦ୍ୱୟ ସେଠାରୁ ଫେରାର ହୋଇଯାଇଥିଲେ ବୋଲି ଦୀପକ ଅଭିଯୋଗ କରିଛନ୍ତି। ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ପୋଲିସ ତଦନ୍ତ କରୁଛି। ଦୁଇ ଅଭିଯୁକ୍ତଙ୍କ ନାମରେ ଖଣ୍ଡଗିରି ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

# ବାତ୍ୟା ବିପନ୍ନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସଚଳ ଦାବି

- ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର

ପୁରୀ ଅଫିସ,୨୦।୧:

ଫାଇଲିନ ମହାବାତ୍ୟାକୁ ୬ ବର୍ଷ ବିତିଗଲାଣି । ଫନୀ ମହାବାତ୍ୟାକୁ ୮ ମାସ ପୂରିଲାଣି । ହେଲେ ଏ ପର୍ଯ୍ୟନ୍ତ ବାତ୍ୟା କ୍ଷତିଗ୍ରସ୍ତଙ୍କ ଦୁଃଖ ଘୁଞ୍ଚି ନାହିଁ। ବାତ୍ୟା ବିପନ୍ନଙ୍କୁ ସହାୟତା ଦେବା ପାଇଁ ଚିହ୍ନଟ ପ୍ରକ୍ରିୟାରେ ଅଧିକାଂଶ ବିପନ୍ନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦିଆଯାଇଛି। ଫଳରେ ଅନେକ କ୍ଷତିଗ୍ରସ୍ତଙ୍କ ଦୁର୍ଦ୍ଦିନରେ ଚଳିଆସୁଛନ୍ତି। ସରକାରୀ କର୍ମଚାରୀମାନଙ୍କ ବେପରୁଆ ମନୋଭାବ ଯୋଗୁ ଏଭଳି ହୋଇଥିବା ଜଣାପଡ଼ିଛି। ତେଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ସହ ବ୍ୟାଙ୍କ ଆକାଉଣ୍ଟକୁ ସଚଳ କରିବା ପାଇଁ ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ଦାବି କରିଛି।

କମିଟି ଆବାହକ ବିହାରୀବନ୍ଧୁ ପଲାଇ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି, ଫାଇଲିନ୍ ବାତ୍ୟା ସହାୟତାରୁ ଅନେକ ଗୁରୁତର କ୍ଷତିଗ୍ରସ୍ତ ବାଦ୍ ପଡିଥିଲେ। ଏ ନେଇ ଅଭିଯୋଗ ପରେ ସର୍ଭେ କରି କ୍ଷତିଗ୍ରସ୍ତ ଲୋକଙ୍କୁ କାର୍ଯ୍ୟାଦେଶ ଦେବା ଲାଗି ଗତବର୍ଷ ଫେବୃୟାରୀ ୨୬ରେ ତତ୍କାଳୀନ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ତହସିଲଦାର ଏବଂ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଏଥିପାଇଁ ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ବ୍ରହ୍ମଗିରି ତହସିଲ ଅଫିସରେ ଧାରଣା ଦେବାର ୧ମାସ ହେଲାଣି । ସେହିପରି ପ୍ରଶାସନର ତ୍ରୁଟି ପାଇଁ ପ୍ରାୟ ୧୦ ହଜାର ଫନୀ ବିପନ୍ନଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ କରିଦିଆଯାଇଛି। ଫଳରେ ସମ୍ପୃକ୍ତ ଲୋକେ ସେମାନଙ୍କ ଦୈନନ୍ଦିନ ଗୁଜରାଣ ମେଣ୍ଟାଇବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବେଆଇନ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ସମସ୍ତଙ୍କ ଆକାଉଣ୍ଟ ଅଚଳ କରିବା ଠିକ୍ ନୁହେଁ । ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଗ୍ରହଣ କରିବା ଲାଗି ଆବାହକ ପଲାଇ ଦାବି କରିଛନ୍ତି । ୭ଦିନ ମଧ୍ୟରେ ଏହି ଦୁଇ ସମସ୍ୟାର ସମାଧାନ ପୂର୍ବକ ଫନୀ ବାତ୍ୟା କେଲେଙ୍କାରୀରେ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି କମିଟି ଦାବି କରିଛନ୍ତି। ନଚେତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ଏବଂ ଏଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି ।

### ଭତ୍ତା ଟଙ୍କା ବୃଦ୍ଧି ଦାବି କଲେ ହିତାଧିକାରୀ

ପୁରୀ ଅଫିସ,୨୦।୧: ଭତ୍ତା ଟଙ୍କା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଜିଲାପାଳଙ୍କୁ ପୁରୀ ଜିଲାର ୪ ପଞ୍ଚାୟତର ହିତାଧିକାରୀ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପଞ୍ଚାୟତଗୁଡ଼ିକ ହେଉଛି ପିପିଲି ବ୍ଲକର ଯଶୁଆପୁର, କଣାସର ତ୍ରିଲୋଚନାପୁର, ସତ୍ୟବାଦୀର ଦୁଗଲ ଏବଂ ଡେଲାଙ୍ଗ ବ୍ଲକର କଲ୍ୟାଣପୁର। ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଅନ୍ୟ ରାଜ୍ୟରେ ଭତ୍ତାଧିକାରୀମାନେ ୨ରୁ ୩ ହଜାର ଟଙ୍କା ପାଉଛନ୍ତି । ମାତ୍ର ଆମକୁ ୮୦ ବର୍ଷ ତଳକୁ ୫୦୦ ଏବଂ ୮୦ ବର୍ଷ ଉପରକୁ ୭୦୦ ଟଙ୍କା ଦିଆଯାଉଛି। ତେଣୁ ସରକାର ଆସନ୍ତା ଫେବୃୟାରୀ ୧୫ ମଧ୍ୟରେ ଅନ୍ୟ ରାଜ୍ୟ ଭଳି ଭତ୍ତା ଟଙ୍କା ପ୍ରଦାନ କରିବାକୁ ହିତାଧିକାରୀମାନେ ଅନୁରୋଧ କରିଛନ୍ତି। ସାମାଜିକ କର୍ମୀ ମାନସ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି ।



ଶ୍ରୀମନ୍ଦିରରେ ଚୂନ ଲେପନ କରାଯାଉଛି।

- କାର୍ ଚାଳକଙ୍କୁ ହତ୍ୟା ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

ଭୁବନେଶ୍ୱର,୨୦।୧(ବ୍ୟୁରୋ):

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ କାର୍ ଚାଳକ ସୁନିଲ ସେଠୀଙ୍କ ସନ୍ଦେହଜନକ ମୃତଦେହ ମିଳିବା ଘଟଣାରେ ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି। ସୋମବାର ବ୍ରହ୍ମଗିରି ଗଡରୋଡଙ୍ଗ ଅଞ୍ଚଳର ସୁନିଲଙ୍କ ପରିବାର ଲୋକଙ୍କ ସମେତ ଶତାଧିକ ସମର୍ଥକ ଏବଂ ସାମାଜିକ ଅନୁଷ୍ଠାନ ୟୁନିଭର୍ସାଲ ବୁଦ୍ଧ ଫାଉଣ୍ଡେଶନର ସଦସ୍ୟମାନେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବି ନେଇ ପଦଯାତ୍ରାରେ ପହଞ୍ଚି ଚନ୍ଦ୍ରଶେଖରପୁର ଥାନା ଘେରାଉ କରିଥିଲେ।

ସୁନିଲଙ୍କ ପିତା ବାବାଜୀ ସେଠୀ ଅଭିଯୋଗ କରିଛନ୍ତି, ଗତ ଡିସେମ୍ବର ୧ରେ ସୁନିଲଙ୍କ ମୃତଦେହ ଚନ୍ଦ୍ରଶେଖରପୁରସ୍ଥ ବର୍ଷାଭିଲ୍ଲା ଆପାର୍ଟମେଣ୍ଟ ପାଖରେ ଥିବା ମନୋହର ଖାଁଙ୍କ ବାସଭବନ ପାଚେରି ନିକଟରୁ ମିଳିଥିଲା। ସୁନିଲ ପୁରୀର ଗାଡ଼ି ମାଲିକ ଅମିତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ମନୋହର ଖାଁ ଏବଂ ତାଙ୍କ ଝିଅଙ୍କୁ ନେଇ ଭୁବନେଶ୍ୱର ଆସିଥିଲେ। ଗତ ଡିସେମ୍ବର ୨ତାରିଖରେ ସୁନିଲଙ୍କ ମୃତ୍ୟୁ ନେଇ ତାଙ୍କ ପରିବାର ଲୋକେ ଖବର ପାଇଲେ। ସେମାନେ ଏ ନେଇ ମନୋହରଙ୍କୁ ପଚାରିବାରୁ ସୁନିଲ ଗାଡ଼ି ରଖିଦେଇ କୁଆଡ଼େ ଯାଇଛି, ମୁଁ ଜାଣିନାହିଁ ବୋଲି କହିଥିଲେ। ଏହି ହତ୍ୟାକାଣ୍ଡରେ ମନୋହର, ତାଙ୍କ ପୁଅ ଏସ୍. ଖାଁ, ଗାଡ଼ି ମାଲିକ ଏବଂ ତାଙ୍କ ସହଯୋଗୀମାନେ ସମ୍ପୃକ୍ତ ଥିବା ଅଭିଯୋଗ କରିଛନ୍ତି ସୁନିଲଙ୍କ ପରିବାର। ଗତ ଡିସେମ୍ବର ୩ରେ ଚନ୍ଦ୍ରଶେଖରପୁର ଥାନାରେ ଏତଲାରେ ଉଲ୍ଲେଖ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ କିମ୍ବା ପୋଷ୍ଟମର୍ଟମ ରିପୋର୍ଟ ମିଳିନାହିଁ। ଏହାର ପ୍ରତିବାଦରେ ବ୍ରହ୍ମଗିରି ଗଡରୋଡଙ୍ଗ ଅଞ୍ଚଳର ସୁନିଲଙ୍କ ପରିବାର ଲୋକଙ୍କ ସମେତ ଶତାଧିକ ସମର୍ଥକ ଏବଂ ସାମାଜିକ ଅନୁଷ୍ଠାନ ୟୁନିଭର୍ସାଲ ବୁଦ୍ଧ ଫାଉଣ୍ଡେଶନର ସଦସ୍ୟମାନେ ଭୁବନେଶ୍ୱର ଡ଼ମଣା ଛକଠାରୁ ଚନ୍ଦ୍ରଶେଖର ଥାନା ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇ ଥାନା ଘେରାଉ କରିଥିଲେ। ଜୋନ-୬ ଏସିପି ପ୍ରକାଶ ଚନ୍ଦ୍ର ପାଲ ଓ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ୭ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଏସ୍.ସି. ନିର୍ଯାତନା ଆଇନ୍ ଲାଗୁ କରିବା ଏବଂ ମୃତକଙ୍କ ପରିବାରକୁ ଉଚିତ୍ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ମିଳିବା ପରେ ଘେରାଉ ପ୍ରତ୍ୟାହାର କରାଯାଇଥିଲା। ପ୍ରତିଶ୍ରୁତି ପାଳନ ନ ହେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# ଏସ୍‌ସିଏସ୍ କଲେଜ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ

ପୁରୀ ଅଫିସ,୨୦।୧:

ଯୁକ୍ତ ଦୁଇ ପ୍ରଥମ ବର୍ଷ କାଉନ୍‌ସିଲ୍ ପରୀକ୍ଷା କରିବା ନିଷ୍ପତ୍ତିକୁ ବିରୋଧ କରିଛି ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ (ଏସ୍‌ସିଏସ୍) ମହାବିଦ୍ୟାଳୟ। ଏହାର ପ୍ରତିବାଦରେ ସୋମବାର ଏସ୍‌ସିଏସ ଜୁନିୟର କଲେଜର ପ୍ରଥମ ବର୍ଷର ଶତାଧିକ ଛାତ୍ରୀଛାତ୍ର କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ସମ୍ମୁଖରେ ଟାୟର ଜାଳି ରାସ୍ତାରୋକୋ କରିଥିଲେ। ବୋର୍ଡ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତିର ପୁନଃ ତର୍ଜମା କରନ୍ତୁ ବୋଲି ଛାତ୍ରୀଛାତ୍ରମାନେ ଦାବି କରିଥିଲେ। ଆସନ୍ତା ଫେବୃୟାରୀ ପ୍ରଥମ ସପ୍ତାହରେ ପରୀକ୍ଷା ଥିବାବେଳେ ବୋର୍ଡ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବାରୁ ବିଦ୍ୟାର୍ଥୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଖବରପାଇ ସିଟି ଡିଏସପି କ୍ଷୀରସାଗର ନାୟକ, ଟାଉନ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ୨ପ୍ଲାଟୁନ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବାର କିଛି ସମୟ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପ୍ରଥମ ବର୍ଷ ବିଭିନ୍ନ ବିଷୟ ନ ସରିବା, କଲେଜ ମରାମତି ଯୋଗୁ ପାଠପଢ଼ାରେ ଅସୁବିଧା, ଅଧାଦିନ କ୍ଲାସ ଅଧା ବନ୍ଦ, +୨ କ୍ରୀଡ଼ା ପ୍ରତିଯୋଗିତା ଯୋଗୁ କ୍ଲାସ ବାତିଲ ଯୋଗୁ ବିଷୟଗୁଡିକ ସରିପାରି ନାହିଁ। ଅନ୍ୟପଟେ ପ୍ରାୟ ସମୟରେ ଅଧ୍ୟାପକମାନେ ନିୟମିତ ଆସୁ ନ ଥିବା କେତେଜଣ ଛାତ୍ରୀଛାତ୍ର ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ବି.ମହାନ୍ତି ଖଣ୍ଡନ କରିଛନ୍ତି। ଏ ସମ୍ପର୍କରେ ପ୍ରଥମ ବର୍ଷ ଛାତ୍ରୀଛାତ୍ର ଏକ ଲିଖିତ ଅଭିଯୋଗ କରିଛନ୍ତି।



କଲେଜ ସମ୍ମୁଖ ରାସ୍ତାକୁ ଛାତ୍ରମାନେ ଅବରୋଧ କରିଛନ୍ତି।